କଟକ
ସୋମବାର ୨୫ ଅଗଷ୍ଟ, ୨୦୨୫
ପ୍ରାତଃ ସଂସ୍କରଣ

August 25, 2025 Cuttack
Vol - XXIII, Issue - 145
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

ବର୍ଜ୍ୟବସ୍ତୁରୁ ହେବ ସବୁଜ ଇନ୍ଧନ

ଭୁବନେଶ୍ୱର,୨୪।୮(ନି.ପ୍ର): ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେବ ସବୁଜ ଇନ୍ଧନ। ଏନେଇ ସୂଚନା ଦେଇଛନ୍ତି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଏଥିପାଇଁ ସରକାର ଜମି ଓ ବର୍ଜ୍ୟ ଯୋଗାଇଦେବେ। କମ୍ପାନୀ ତା'ର ପ୍ଲାଣ୍ଟ ତିଆରି କରିବ। ଟ୍ୱିନ୍ ସିଟିରେ ପ୍ରାଥମିକ ସ୍ତରରେ ଏହି ପ୍ଲାଣ୍ଟ ହେବ। ପରେ ପରେ ମ୍ୟୁନିସିପାଲିଟି କର୍ପୋରେସନରେ ଏହାକୁ କରାଯିବ। ଖୁବ୍‌ଶୀଘ୍ର ବିଭାଗୀୟ ବୈଠକରେ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆଗକୁ ବଢ଼ିବ।

ସୁବର୍ଣ୍ଣରେଖା ଓ ବୈତରଣୀରେ ବନ୍ୟା

ବାଲେଶ୍ୱର/ଭଦ୍ରକ ୨୪।୮(ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ନଦୀ ଫୁଲୁଛି। ବୈତରଣୀ ଓ ସୁବର୍ଣ୍ଣରେଖାରେ ବନ୍ୟା ଆସିଛି। ବ୍ରାହ୍ମଣୀ ବି ବଢୁଛି।

ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜାମଶୋଳାଘାଟରେ ବିପଦ ସଙ୍କେତ ଟପିଛି ସୁବର୍ଣ୍ଣରେଖା। ବ୍ରାହ୍ମଣୀ ପାନପୋଷ ନିକଟରେ ବିପଦ ସଙ୍କେତ ନିକଟତର ହୋଇଛି। ନଦୀଗୁଡ଼ିକର ଜଳସ୍ତର ବଢୁଥିବାରୁ ଉତ୍ତର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି।

ଆଖୁଆପଦାରେ ବୈତରଣୀ ୧୮.୫୯ ମିଟରରେ ପ୍ରବାହିତ ହେଉଛି। ଆଖୁଆପଦାରେ ବିପଦ ସଙ୍କେତ ୧୮.୩୩ ମିଟର। ଆନନ୍ଦପୁରରେ ବୈତରଣୀ ବିପଦ ସଙ୍କେତ ୩୮.୩୬ ମିଟର ରହିଥିବାବେଳେ ଏହା ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ବଢ଼ିବାରେ ଲାଗିଛି। ଜାମଶୋଳା ଘାଟରେ ସୁବର୍ଣ୍ଣରେଖାର ବିପଦ ସଙ୍କେତ ୪୯.୧୬ ମିଟର ଥିବାବେଳେ ଜଳସ୍ତର ୫୧.୪୮ ମିଟର ଉପରେ ପ୍ରବାହିତ ହେଉଛି। ଜେନାପୁରରେ ବ୍ରାହ୍ମଣୀର ବିପଦ ସଙ୍କେତ ୨୩ ମିଟର ଥିବାବେଳେ ଜଳସ୍ତର ୨୦.୦୬ ମିଟର ରହିଛି ଏବଂ ପାନପୋଷରେ ବିପଦ ସଙ୍କେତ ୧୭୮.୪୨ ମିଟର ଥିବାବେଳେ ୧୭୫.୪୧ ମିଟରରେ ଜଳ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖାରେ ଏହା ଚଳିତବର୍ଷର ପଞ୍ଚମ ବନ୍ୟା ହୋଇଥିବାବେଳେ ବୈତରଣୀରେ ତୃତୀୟ ବନ୍ୟା।

ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଜାମଶେଦପୁରରେ ୧୧୮.୦ ଏମଏମ, ଘାଟଶିଳାରେ ସର୍ବାଧିକ ୧୫୦.୪ଏ ମଏମ, ଜାମଶୋଳାଘାଟରେ ୪୦.୬ ଏମଏମ, ଫେକଘାଟରେ ୧୪.୨ ଏମଏମ ଓ ରାଜଘାଟରେ ୩.୦ ଏମଏମ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗାଲଡିହି ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଗାଲୁଡିହି ଜଳଭଣ୍ଡାରର ଜଳପତ୍ତନ ୯୧.୮୦ ମିଟରରେ ପହଞ୍ଚିବାରୁ ଗାଲୁଡିହି ବ୍ୟାରେଜର୧୩ଟି ଗେଟ୍ ଖୋଲି ଦିଆଯାଇଛି। ୧୩ଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯୦ ହଜାର କ୍ୟୁସେକ ପାଣି ସୁବର୍ଣ୍ଣରେଖା ନଦୀକୁ ନିଷ୍କାସିତ ହେଉଛି। ଝାରଖଣ୍ଡରେ ବର୍ଷା ଯୋଗୁ ଆହୁରି ଗେଟ୍ ଖୋଲା ଯାଇପାରେ ବୋଲି ଆଶଙ୍କା କରାଯାଉଛି। ରାଜଘାଟ ସମେତ ନଦୀର ତଳିଆ ଅଞ୍ଚଳ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳାର୍ଣ୍ଣବ ହୋଇଗଲାଣି। ବୈତରଣୀ ନଦୀର ବନ୍ୟା ଭଦ୍ରକ ଓ ଯାଜପୁର ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ।

ହୀରାକୁଦ ଡ୍ୟାମ୍‌ର ୧୨ ଗେଟ୍ ଖୋଲା

ସମ୍ବଲପୁର,୨୪।୮(ନି.ପ୍ର): ହୀରାକୁଦ ଡ୍ୟାମ୍‌ର ଆଉ ୪ଟି ଗେଟ୍ ଖୋଲା ଯାଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିବା ଫଳରେ ଶନିବାର ପ୍ରଥମେ ୪ଟି ଓ ତା'ପରେ ଆଉ ୪ଟି ମୋଟ୍ ୮ଟି ଗେଟ୍ ଖୋଲା ଯାଇଥିଲା। ରବିବାର ଆଉ ୪ଟି ଗେଟ୍ ଖୋଲାଯିବା ଫଳରେ ଏବେ ୧୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଶୁକ୍ରବାର ରାତିରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୮.୮୫ ଫୁଟ ଥିବାବେଳେ ଶନିବାର ରାତିରେ ଜଳସ୍ତର ୬୨୧.୩୩ ଫୁଟ୍‌ରେ ପହଞ୍ଚିଥିଲା। ଉପରମୁଣ୍ଡରେ ବର୍ଷା ଜାରି ରହିଥିବାରୁ ହୀରାକୁଦ ଡ୍ୟାମ୍‌ର ଆଉ ଅଧିକ ଗେଟ୍ ଖୋଲିପାରେ। ଡ୍ୟାମ୍ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ।

ମାଓବାଦୀଙ୍କ ଅସ୍ତ୍ରାଗାର ଠାବ, ଜଣେ ଗିରଫ

ମାଲକାନଗିରି,୨୪।୮(ନି.ପ୍ର): ସୀମାନ୍ତ ଛତିଶଗଡ଼ର ସୁକମା ପୋଲିସକୁ ମିଳିଛି ବଡ଼ ସଫଳତା। ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ମାଓବାଦୀଙ୍କ ଅସ୍ତ୍ରାଗାର ଠାବ କରାଯାଇଛି। ମାଟି ତଳେ ମାଓବାଦୀ ବହୁ ପରିମାଣର ବିସ୍ଫୋରକ, ଅସ୍ତ୍ରଶସ୍ତ୍ର ରଖିଥିଲେ। ଏସବୁ ପୋଲିସ ଜବତ କରିଛି।

କୋଇମେଟା, ବୋଟିଲଙ୍କା, ଇରାପାଲ୍ଲୀ, ଜଙ୍ଗଲରେ ସୁକମା ପୋଲିସ, କୋବ୍ରା ଯବାନ, ସିଆର୍‌ପିଏଫ୍ ଯବାନଙ୍କର ମିଳିତ ଅପରେସନ ହୋଇଥିଲା। କୋଇମେଟା ଜଙ୍ଗଲରେ ରହିଥିଲା ମାଓବାଦୀଙ୍କର ଏହି ଅସ୍ତ୍ରାଗାର। ଜଣେ ମାଓବାଦୀକୁ ମଧ୍ୟ ଗିରଫ କରାଯାଇଛି। ତା' ନିକଟରୁ ଜବତ କରାଯାଇଛି ବନ୍ଧୁକ ଓ ବିସ୍ଫୋଟକ। ସେ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରି ଲ୍ୟାଣ୍ଡମାଇନ୍ ଖଞ୍ଜୁଥିଲା।

ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଥିବାବେଳେ ଖେଳାଳିଙ୍କ ମୃତ୍ୟୁ

ଦେବଗଡ଼,୨୪।୮(ନି.ପ୍ର): ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଥିବାବେଳେ ଖେଳ ପଡ଼ିଆରେ ଗୁରୁତର ହୋଇ ଜଣେ ଖେଳାଳିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଏହି ଦୁଃଖଦ ଘଟଣା ଘଟିଛି ଦେବଗଡ଼ ପୌରାଞ୍ଚଳର ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ୍‌ରେ। ଅନୁଷ୍ଠିତ ହେଉଥିବା କାଉନ୍ସିଲର କପ୍‌ର ଚତୁର୍ଥ ଦିନ ମ୍ୟାଚରେ ୨ ନମ୍ବର ଓ ୭ ନମ୍ବର ୱାର୍ଡ ମଧ୍ୟରେ ମ୍ୟାଚ୍ ଚାଲୁଥିବାସମୟରେ ୨ ନମ୍ବର ୱାର୍ଡର ଖେଳାଳି ପ୍ରକାଶ ନାଏକ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଦେବଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଆୟୋଜକମାନେ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ କରୁଛି। ଏ ଘଟଣାରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

ନନ୍ଦନକାନନରେ ଧଳା ବାଘ ଶାବକର ମୃତ୍ୟୁ

୫କୁ ହ୍ରାସ ପାଇଲା ଧଳା ବାଘ ସଂଖ୍ୟା

ବାରଙ୍ଗ,୨୪।୮(ନି.ପ୍ର): ନନ୍ଦନକାନନରେ ଏକ ଧଳା ବାଘ ଶାବକର ମୃତ୍ୟୁ ହୋଇଛି। ଫଳରେ ନନ୍ଦନକାନନରେ ଧଳାବାଘ ସଂଖ୍ୟା ୫କୁ ହ୍ରାସ ପାଇଛି। ମୃତ ବାଘ ଶାବକ ଗତ ଜୁନ୍ ୭ରେ ଧଳା ବାଘୁଣୀ ମୌସୁମୀ ଗର୍ଭରୁ ଜନ୍ମ ନେଇଥିଲା। ସେ ରୁଗ୍‌ଣ ଥିବା ଜଣାପଡ଼ିଛି। ମା' ଠାରୁ ତାକୁ ଅଲଗା କରାଯାଇ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଇନକ୍ୟୁବେଟରରେ ରଖି ଚିକିତ୍ସା କରାଯାଉଥିଲା। ହେଲେ ଶନିବାର ରାତିରେ ତା'ର ମୃତ୍ୟୁ ହୋଇଯାଇଥିଲା। ତା'ର ମୃତ୍ୟୁ ଫଳରେ ନନ୍ଦନକାନନରେ ବାଘ ସଂଖ୍ୟା ୨୮କୁ ହ୍ରାସ ପାଇଛି। ଶାବକର ମୃତ୍ୟୁର କାରଣ ଜାଣିବା ପାଇଁ ଶବକୁ ଓୟୁଏଟିକୁ ପରୀକ୍ଷା ପାଇଁ ପଠାଯାଇଛି।

ସଦନରେ ଆହ୍ୱାନପୂର୍ଣ୍ଣ ଭୂମିକା ବାଚସ୍ପତିଙ୍କର

ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଉଦ୍‌ଘାଟିତ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ଦିଲ୍ଲୀ ବିଧାନସଭାରେ ଆୟୋଜିତ ଦୁଇଦିନିଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା। ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ପ୍ରଥମ ନିର୍ବାଚିତ ଭାରତୀୟ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ପାଳନ ଅବସରରେ ଆୟୋଜିତ ହୋଇଛି ଏହି ସମ୍ମିଳନୀ। ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭାର ବାଚସ୍ପତି ଏବଂ ଉପବାଚସ୍ପତି ତଥା ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ ଯୋଗ ଦେଇଛନ୍ତି।

ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ବିଚାର ଆଲୋଚନା ହେଉଛି ସର୍ବୋତ୍ତମ ମାଧ୍ୟମ। ଯେତେବେଳେ ବିଧାନସଭା ନିଜର ମର୍ଯ୍ୟାଦା ହରାଇଛି ସେତେବେଳେ ଆମକୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିଛି। ବିଧାନସଭାଗୁଡ଼ିକର ମର୍ଯ୍ୟାଦା ଏପରି ହେବା ଉଚିତ, ଯାହା ରାଷ୍ଟ୍ରର ସ୍ୱାର୍ଥରେ ଲୋକଙ୍କ ସ୍ୱରକୁ ପ୍ରକାଶ କରିବାର ଏକ ମାଧ୍ୟମ ଭାବେ କାର୍ଯ୍ୟ କରିବ।

ସେ କହିଛନ୍ତି, ସଦନରେ ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୂମିକା ହେଉଛି ବାଚସ୍ପତିଙ୍କର। କାରଣ ସେମାନେ ଏକ ରାଜନୈତିକ ଦଳରୁ ନିର୍ବାଚିତ ହୁଅନ୍ତି, କିନ୍ତୁ ଶପଥ ନେବା ପରେ ଜଣେ ନିରପେକ୍ଷ ଅମ୍ପାୟାରଙ୍କ ଭୂମିକା ଗ୍ରହଣ କରନ୍ତି। (ପୃଷ୍ଠା:୫)

କୃଷି ଏକ ବୃତ୍ତି ନୁହେଁ, ସଂସ୍କୃତିର ଏକ ଅଂଶ: ରାଜ୍ୟପାଳ

ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୪।୮(ନି.ପ୍ର): କୃଷି ଭାରତର ମେରୁଦଣ୍ଡ। ଆମ ଦେଶରେ କୃଷି ଏକ ବୃତ୍ତି ନୁହେଁ, ଏହା ଆମ ସଂସ୍କୃତିର ଏକ ଅଂଶ। ଏହା ପରିବାର ସହିତ ଅର୍ଥନୀତିକୁ ପ୍ରତିପାଳନ କରେ। ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସରେ ଏହା କହିଛନ୍ତି, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି।

ଓଡ଼ିଶା କୃଷି ଓ ବୈଜ୍ଞାନିକ ବିଶ୍ୱବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସମାରୋହରେ ରାଜ୍ୟପାଳଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ।

ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍‌ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଓୟୁଏଟି କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ସେ କହିଛନ୍ତି, ଏଭଳି ପ୍ରକଳ୍ପ ପ୍ରୋଫାଇଲ ଛାତ୍ର ଛାତ୍ରୀ ଏବଂ କୃଷକମାନଙ୍କୁ କୃଷିଭିତ୍ତିକ ଉଦ୍ୟୋଗ ଗୁଡ଼ିକର ଆର୍ଥିକ ସମ୍ଭାବନା ବୁଝିବାରେ ସହାୟକ ହେବ ଏବଂ ସେମାନଙ୍କୁ ଏପରି ଉଦ୍ୟୋଗଗୁଡିକୁ ଆପଣାଇବା ନିମନ୍ତେ ଉତ୍ସାହିତ କରିବ।

ଉପମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି, ଚାଷୀ ଆତ୍ମହତ୍ୟାକୁ ନେଇ ବଦନାମ ଥିଲା କଳାହାଣ୍ଡି। ଏବେ ଓଡ଼ିଶାର ଭାତହାଣ୍ଡି କଳାହାଣ୍ଡି। ରାଜ୍ୟର ଆମ୍ବ ଏବେ ବିଦେଶକୁ ରପ୍ତାନି ହେଉଛି। କିଲୋଗ୍ରାମ ପିଛା ୨୦ ଟଙ୍କାରେ ଆମ୍ବ ଓଡ଼ିଶାରେ ବିକ୍ରି ହେଉଥିଲା, ଏବେ କେଜି ୫୫ ଟଙ୍କାରେ ୟୁଏଇ, ଦୁବାଇ, ଲଣ୍ଡନ ଓ ପ୍ୟାରିସକୁ ରପ୍ତାନି ହେଉଛି। କୃଷି ବଜେଟ ଅର୍ଥ ଖର୍ଚ୍ଚରେ ଦେଶରେ ନମ୍ବର ୧ ଓଡ଼ିଶା। ଗତବର୍ଷ ୮୫ ପ୍ରତିଶତ ଖର୍ଚ୍ଚ ହୋଇଛି । (ପୃଷ୍ଠା:୫)

ସମ୍ବଲପୁରରେ ହେବ ଓୟୁଏଟି କ୍ୟାମ୍ପସ

ଭୁବନେଶ୍ୱର,୨୪।୮(ନି.ପ୍ର): ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମ୍ବଲପୁରରେ ଓୟୁଏଟିର ଆଉ ଏକ କ୍ୟାମ୍ପସ ହେବ ବୋଲି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ। କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସେଠାକୁ ଖୁବଶୀଘ୍ର ଏକ ଟିମ୍ ପରିଦର୍ଶନରେ ଯିବ। ଉପମୁଖ୍ୟମନ୍ତ୍ରୀ ମଧ୍ୟ ଘୋଷଣା କରିଛନ୍ତି ଯେ ମୟୂରଭଞ୍ଜ ଓ ବ୍ରହ୍ମପୁରରେ ବି କୃଷି କଲେଜ ଖୋଲାଯିବ ଏବଂ ସୋନପୁରରେ ହେବ ମତ୍ସ୍ୟ ଓ ପଶୁ ସମ୍ପଦ କଲେଜ।

ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀର ସଫଳ ପରୀକ୍ଷଣ

ବାଲେଶ୍ୱର,୨୪।୮(ଏଜେନ୍ସି): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆରଡିଓ) ସମନ୍ୱିତ ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀ (ଆଇଏଡିଡବ୍ଲ୍ୟୁଏସ)ର ପ୍ରଥମ ସଫଳ ପରୀକ୍ଷଣ କରିଛି। ଶନିବାର ଓଡ଼ିଶା ଉପକୂଳରୁ ଏହି ପରୀକ୍ଷଣ କରାଯାଇଛି। ଆଇଏଡିଡବ୍ଲ୍ୟୁଏସ ଏକ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ। ଏଥିରେ ସମସ୍ତ ସ୍ୱଦେଶୀ ତ୍ୱରିତ ମୁକାବିଲା କ୍ଷମତା ସମ୍ପନ୍ନ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର ସଂଯୋଗ କରାଯାଇଛି। ଏଥିରେ ମଧ୍ୟ ଉନ୍ନତ ଅତି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସଏଚଓଆରଏଡିଏସ) କ୍ଷେପଣାସ୍ତ୍ର ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଆଧାରିତ ଲକ୍ଷ୍ୟଭେଦକାରୀ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର (ଡିଇଡବ୍ଲ୍ୟୁ) ଖଞ୍ଜା ହୋଇଛି। ଡିଆରଡିଓର ବରିଷ୍ଠ ବୈଜ୍ଞାନିକ ଏବଂ ସେନାବାହିନୀର ପ୍ରତିନିଧି ଏହି ପରୀକ୍ଷଣ ସମୟରେ ଉପସ୍ଥିତ ରହିଥିଲେ।



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଇଏଡିଡବ୍ଲ୍ୟୁଏସର ସଫଳ ବିକାଶ ପାଇଁ ଡିଆରଡିଓ, ସେନାବାହିନୀ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଏହି ଅଭିନବ ଉଡ଼ାଣ-ପରୀକ୍ଷଣ ଦେଶର ବହୁସ୍ତରୀୟ ବାୟୁ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିଛି। ଏହା ଆକାଶମାର୍ଗରୁ ଆସୁଥିବା ଶତ୍ରୁ ପକ୍ଷର ଆକ୍ରମଣକୁ ନିରସ୍ତ୍ର କରିବାରେ ଦେଶର ପ୍ରତିରକ୍ଷା କ୍ଷମତାକୁ ମଜଭୁତ କରିବ।

ରୁଷ ପରମାଣୁ ପ୍ଲାଣ୍ଟରେ ୟୁକ୍ରେନର ଡ୍ରୋନ ହମ୍‌ଲା

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ସାଢ଼େ ତିନିବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧର ଅବସାନ ପାଇଁ ସାରା ବିଶ୍ୱ ଅପେକ୍ଷା କରିଥିବାବେଳେ ରୁଷର ପଶ୍ଚିମ କୁର୍ସ୍କ ଅଞ୍ଚଳରେ ଏକ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ଡ୍ରୋନ ଆକ୍ରମଣ କରିଛି ୟୁକ୍ରେନ୍।

ଜାତିସଂଘର ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ରୁଷ ଓ ୟୁକ୍ରେନକୁ ନ୍ୟୁକ୍ଲିୟର ସାଇଟ ନିକଟରେ ଅତ୍ୟଧିକ ସଂଯମତା ଅବଲମ୍ବନ କରିବାକୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ହୋଇଛି ଏହି ଆକ୍ରମଣ। ଏହି ଆକ୍ରମଣ ମଧ୍ୟ ଏଭଳି ସମୟରେ ହୋଇଛି, ଯେତେବେଳେ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ଉଦ୍ୟମ ଜାରି ରହିଛି।

ଆକ୍ରମଣରେ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟିଛି। ପାୱାର ପ୍ଲାଣ୍ଟର ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ତେବେ ବିକିରଣ ସ୍ତର ସାଧାରଣ ଥିବା ଏବଂ ଏଥିରେ କେହି ମୃତାହତ ହୋଇନଥିବା ରୁଷ ପକ୍ଷରୁ କୁହାଯାଇଛି। ଏହି ଆକ୍ରମଣ ପରେ ୟୁକ୍ରେନ୍ ଉପରେ ରୁଷ ବଡ଼ଧରଣର ଆକ୍ରମଣ କରିବାର ଆଶଙ୍କା ସୃଷ୍ଟି ହୋଇଛି।

ଓଡ଼ିଶାରେ ପ୍ରଥମ

ହାତୀ ସ୍ଥାନାନ୍ତର ପାଇଁ ଆସିଲା ଐରାବତ

ଅନୁଗୁଳ,୨୪।୮(ନି.ପ୍ର): ହାତୀଙ୍କୁ ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ଏକ ଗାଡ଼ି ଅନୁଗୁଳ ବନଖଣ୍ଡକୁ ଆସିଛି। ଗାଡ଼ିର ନାମ 'ଐରାବତ'। ଅନୁଗୁଳ ସମେତ ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ହାତୀ ସ୍ଥାନାନ୍ତର ପାଇଁ ଏହା ବ୍ୟବହାର କରାଯିବ।

'ଐରାବତ'ର ସ୍ୱତନ୍ତ୍ର ଭାବେ ନିର୍ମାଣ ହୋଇଛି ଝାରଖଣ୍ଡରେ। ଏହା ଏକ ସ୍ପେଶାଲ ଟ୍ରକ୍। ହାତୀ ସ୍ଥାନାନ୍ତର ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଯନ୍ତ୍ରପାତି ଏହି ଟ୍ରକ୍‌ରେ ରହିଛି। 'ଐରାବତ'ରେ ହାତୀ ଉଠିବାକୁ ରହିଛି ସ୍ୱତନ୍ତ୍ର ଲିଫ୍ଟ। ହାତୀ ଜଳପାନ କରିବା ପାଇଁ ମଧ୍ୟ ଜଳ ରହିବାର ବ୍ୟବସ୍ଥା କରାଯାଇଛି ଏହି ଗାଡ଼ିରେ। ଏଥିରେ ରହିଛି ୧୫ ଶହ ଲିଟର ଜଳଧାରଣ କରୁଥିବା ଟ୍ୟାଙ୍କ । ଦୂର ସ୍ଥାନକୁ ହାତୀ ସ୍ଥାନାନ୍ତର ସମୟରେ ହାତୀର ଗାଧୋଇବା ଓ ପିଇବା ପାଇଁ ଯେପରି ପାଣିର ଅଭାବ ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।

ଆବଶ୍ୟକ ସମୟରେ ଜଳାଶୟରୁ ପାଣି ଭର୍ତ୍ତି କରିବାକୁ ପାଣି ପମ୍ପର ବ୍ୟବସ୍ଥା କରାଯାଇଛି ଏହି ଟ୍ରକ୍‌ରେ। ହାତୀର ତାପମାତ୍ରା ମାପିବାକୁ ଅଟୋମେମେଟିକ୍ ମେସିନ ଓ ତୁରନ୍ତ ଚିକିତ୍ସା ପାଇଁ ଫାଷ୍ଟଏଡ୍ ବକ୍ସ ମଧ୍ୟ ଖଞ୍ଜା ଯାଇଛି। ୨ ହଜାର ୱାଟ୍‌ର ଜେନେରେଟର ମଧ୍ୟ ରହିଛି ଯେଭଳି ହାତୀକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଅନ୍ଧାର ହେବ ନାହିଁ। ଆଲୋକୀକରଣ ପାଇଁ ଉଜ୍ଜ୍ୱଳ ଲାଇଟ୍ ବ୍ୟବସ୍ଥା କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ମଧ୍ୟ ଏହି ଟ୍ରକ୍‌ରେ ଖଞ୍ଜାଯାଇଛି ୨ଟି ସିସିଟିଭି କ୍ୟାମେରା। ଅସୁସ୍ଥ ଓ ସୁସ୍ଥ ହାତୀ ଖାଇବା ପାଇଁ ପୃଥକ ପୃଥକ ପାତ୍ର ରଖାଯାଇଛି।

'ଐରାବତ'ରେ ହାତୀଙ୍କୁ ସ୍ଥାନାନ୍ତର କରାଯାଉଥିବାବେଳେ ଏଥିରେ ଥିବା ସାଇରନ୍ ବାଜିବ। ଫଳରେ ଟ୍ରାଫିକ୍ ସମସ୍ୟାରେ 'ଐରାବତ' ଫସିବ ନାହିଁ। ଏହି ଗାଡ଼ିର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ବୋଲି ଜଣାପଡ଼ିଛି।

ଦ୍ୱିତୀୟ ଥର ଦୀପନ୍ୱିତ-ପ୍ରକୃତି ଯୋଡ଼ି

'ଦମନ', 'ପ୍ରତୀକ୍ଷା', 'କୁହୁଡ଼ି' ଓ 'ଶାନ୍ତି ଆପାର୍ଟମେଣ୍ଟ' ଆଦି ସିନେମାରେ ପ୍ରଭାବଶାଳୀ ଅଭିନୟ କରିଥିବା ଦୀପନ୍ୱିତ ଦାସମହାପାତ୍ରଙ୍କ ଅପୋଜିଟ୍‌ରେ ପୁଣିଥରେ ନଜର ଆସିବେ ରାଷ୍ଟ୍ରୀୟ ପୁରସ୍କାର ବିଜୟିନୀ ଅଭିନେତ୍ରୀ ପ୍ରକୃତି ମିଶ୍ର। ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର'ରେ ଏହି ଯୋଡ଼ିଙ୍କୁ ଦର୍ଶକ ପୁଣିଥରେ ଦେଖିବାକୁ ପାଇବେ। 'ଯାଯାବର ୨.୦' ଫେମ୍ ଅଭିଷେକ ସ୍ୱାଇଁ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଶିଳାଦିତ୍ୟ ବୋରା ପ୍ରଯୋଜନା କରିଛନ୍ତି। ଏହି କମେଡି ଫ୍ୟାମିଲୀ ଡ୍ରାମାରେ ଅନ୍ୟମାନଙ୍କ ମଧ୍ୟରେ ରବିନ ଦାସ ଓ ସତ୍ୟରଞ୍ଜନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଅଭିଷେକ ଦାଶ ଏହାର କାହାଣୀକାର ଓ 'କର୍ମ' ଫେମ୍ ଦୀପକ କୁମାର ଏହାର ସିନେମାଟୋଗ୍ରାଫର୍। ଦୀପନ୍ୱିତ-ପ୍ରକୃତି ଯୋଡ଼ିଙ୍କୁ ଦର୍ଶକ ପ୍ରଥମଥର ଲାଗି ହିମାଦ୍ରି ତନୟ ଦାସଙ୍କ ପ୍ରଯୋଜିତ ତଥା ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ 'କୁହୁଡ଼ି'ରେ ଦେଖିବାକୁ ପାଇଥିଲେ। ଏଥିରେ ଦୀପନ୍ୱିତ ଓ ପ୍ରକୃତି ପତିପତ୍ନୀ ଭୂମିକାରେ ଥିଲେ।

ସ୍ୱାସ୍ଥ୍ୟପାଇଁ ବେଶ୍ ଉପକାରୀ କଞ୍ଚାଲଙ୍କା। ଅନେକ ଏହାକୁ ନିୟମିତ ଭାବେ ଖାଦ୍ୟରେ ସାମିଲ କରୁଥିବା ବେଳେ ଏହାର ଉପାଦେୟ ଗୁଣ ବିଷୟରେ ଏତେଟା ଜାଣିନଥାନ୍ତି। ତେବେ କଞ୍ଚାଲଙ୍କାରେ ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଥାଏ। ଏଣୁ ଏହା ଓଜନ କମ୍ କରିବାଠାରୁ ଆରମ୍ଭ କରି ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ଦେଇଥାଏ।

ସ୍ୱାସ୍ଥ୍ୟ ପାଇଁ ଉପକାରୀ କଞ୍ଚାଲଙ୍କା

- କଞ୍ଚାଲଙ୍କାରେ ଥିବା ଡାଏଟ୍ରି ଫାଇବର ପାଚନତନ୍ତ୍ର ପାଇଁ ଭଲ।

- କଞ୍ଚାଲଙ୍କାରେ ଭିଟାମିନ ସି ଏବଂ ଇ ରହିଥାଏ। ଏଣୁ ଏହା ତ୍ୱଚାର ଚମକ ବଢ଼ାଇବାରେ ସହାୟକ ହୋଇଥାଏ।
- ଏଥିରେ ପାଣିର ମାତ୍ରା ଅଧିକ ଥିବାରୁ ଏହା କ୍ୟାଲୋରୀ ଶୂନ ଥିବା ଖାଦ୍ୟ। ଏଣୁ ଏହା ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଭଲ। କାରଣ ଏହା ଚର୍ବି ଅଂଶକୁ କମ୍ କରିଥାଏ। ଫଳରେ ଓଜନ କମ୍ କରିଥାଏ।
- କଞ୍ଚାଲଙ୍କା ବିଟା-କ୍ୟାରୋଟିନ, ଆଣ୍ଟିଅକ୍ସିଡାଣ୍ଟର ଉତ୍ସ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।
- ନିୟମିତ ଭାବେ କଞ୍ଚାଲଙ୍କା ସେବନ ଦ୍ୱାରା ଇନ୍‌ସୁଲିନ (ଶର୍କରା)ର ସ୍ତର ନିୟନ୍ତ୍ରଣରେ ରହିଥାଏ। ଫଳରେ ରକ୍ତରେ ଏହାର ପରିମାଣ ସନ୍ତୁଳିତ ରହିଥାଏ।
- କଞ୍ଚାଲଙ୍କାରେ ଭିଟାମିନ୍ ଭରପୂର ଥିବାରୁ ଏହା ଅଷ୍ଟିଓପୋରୋସିସ୍‌ର ଆଶଙ୍କାକୁ କମ୍ କରିବାରେ ସହାୟକ ହୋଇଥାଏ।

ଉତ୍ତମ ପର୍ସନାଲିଟି ପାଇଁ...

ନିଜର ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିବାକୁ କିଏ ବା ନଚାହେଁ ? ଏଥିପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

- ପର୍ସନାଲିଟି ବଦଳାଇଲେ ନିଜର ଚିନ୍ତାଧାରାକୁ ସବୁବେଳେ ପଜିଟିଭ୍ ରଖନ୍ତୁ। ଏଥିଲାଗି ଆବଶ୍ୟକ ନିଜ ଦକ୍ଷତା ଉପରେ ସବୁବେଳେ ଗୁରୁତ୍ୱ ଦିଅନ୍ତୁ। ନିଜ ଭାବନକୁ ପଜିଟିଭ୍ ରଖିବା ସହ ସବୁ ଜିନିଷକୁ ସକାରାତ୍ମକ ସହ ଦେଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ଖୁସି ଅନୁଭବ ହେବ। ଯାହାର ପ୍ରଭାବ ଆପଣଙ୍କ ପର୍ସନାଲିଟି ଉପରେ ପଡ଼ିଥାଏ।
- ନିଜର ବ୍ୟବହାରକୁ ସଚ୍ଚୋଟତା ସହ ପୂରଣ କରନ୍ତୁ। ଏହିଭଳି ଆପଣ ଅନ୍ୟମାନଙ୍କୁ ସହଜରେ ଇମ୍ପ୍ରେସ କରିପାରିବେ। ସମସ୍ତଙ୍କ ସାମ୍ନାରେ ନିଜର ପଜିଟିଭ୍ ଇମେଜ୍‌କୁ ଦର୍ଶାଇ ପାରିବେ। ଜୀବନରେ ସବୁବେଳେ ସବୁ କାମ ଲାଗି ସଚ୍ଚୋଟ ହେବା ନିହାତି ଜରୁରୀ। ଫଳରେ ଆପଣଙ୍କ ପର୍ସନାଲିଟି ଅନ୍ୟ ସାମ୍ନାରେ ପ୍ରଭାବିତ କରିବାରେ ନିହାତି ସାହାଯ୍ୟ କରିବ।

- ଅନ୍ୟମାନଙ୍କ ପ୍ରତି ବିନମ୍ର ରୁହନ୍ତୁ ଏବଂ ମନରେ ଦୟା ଭାବନା ରଖିବା ଦ୍ୱାରା ଏହା ଆପଣଙ୍କ ପର୍ସନାଲିଟିକୁ ଡେଭଲପ୍ କରିଥାଏ। କୌଣସି ସ୍ୱାର୍ଥ ରଖି କାହାକୁ ସାହାଯ୍ୟ କରନ୍ତୁ ନାହିଁ।
- ସବୁ କାମରେ ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରହି ଆପଣ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ। ଆପଣଙ୍କ କନ୍‌ଫିଡେନ୍ସ ପର୍ସନାଲିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଏମିତିରେ ସବୁ କାମ ପ୍ରତି ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରହିବା ଆବଶ୍ୟକ। ଏହାଦ୍ୱାରା ଆପଣଙ୍କ ଛବି ଲୋକଙ୍କ ମଧ୍ୟରେ ଭଲ ହେବାକୁ ଲାଗେ ଏବଂ ଲୋକମାନେ ଆପଣଙ୍କ ପ୍ରତି ଆଟ୍ରାକ୍ଟିଭ୍ ହେବାକୁ ଲାଗନ୍ତି।

ଖରାପ ନହେଉ ସମ୍ପର୍କ

ଭଲ କ୍ୟାରିୟର ପାଇଁ ପରିଶ୍ରମ ତ ନିହାତି ଜରୁରୀ। ଏହାସହିତ ଅଫିସରେ ସହକର୍ମୀଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ହୋଇଥାଏ। ନଚେତ୍ ଏକ ସୁସ୍ଥ ପରିବେଶରେ କାମ କରିବା ଅତ୍ୟନ୍ତ କଷ୍ଟକର। ଏହି ଦୃଷ୍ଟିରୁ ବିଚାର କଲେ ସହକର୍ମୀଙ୍କ ସହ ସମ୍ପର୍କ ଭଲ ରଖିବା ଏକ ବ୍ୟକ୍ତିଗତ କଳା। ମାତ୍ର କେବେକେବେ ଭୁଲ୍ ବୁଝାମଣା ହେଉ ଅଥବା କୌଣସି ମତଭେଦ କାରଣରୁ ସହକର୍ମୀଙ୍କ ସହିତ ସମ୍ପର୍କ ଖରାପ ହୋଇଯାଏ। ଏଭଳି ସ୍ଥିତିରେ କୌଣସି ଭୁଲ୍ ପଦକ୍ଷେପ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଅଫିସରେ ଏଭଳି ପରିସ୍ଥିତି କ୍ୟାରିୟର ଉପରେ ବି ପ୍ରଭାବ ପକାଇପାରେ। ତେଣୁ ସହକର୍ମୀଙ୍କ ସହିତ ଭଲ ସମ୍ପର୍କ ରଖିବା ନିହାତି ଜରୁରୀ।

- ସହକର୍ମୀଙ୍କ ସହିତ ଯଦି କୌଣସି କଥାକୁ ନେଇ ଅବା କାମ ପାଇଁ କେବେ ମତଭେଦ ହୋଇଥାଏ ତେବେ ସେନେଇ ସିନିୟରଙ୍କ ଆଗରେ ଭୁଲ୍‌ରେ ବି ଅଭିଯୋଗ କରନ୍ତୁ ନାହିଁ। ବରଂ ଉଭୟ ମିଳିମିଶି କଥାବାର୍ତ୍ତା ହୋଇ ପରସ୍ପର ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ଦୂର କରନ୍ତୁ। ଅଭିଯୋଗ କରିବା ଫଳରେ କୌଣସି ସମାଧାନ ବାହାରିବା ବଦଳରେ ସମ୍ପର୍କ ଆହୁରି ଖରାପ ହୋଇପାରେ। ତେଣୁ ଏଭଳି ସ୍ଥିତିରେ ଆପଣ ଅଭିଯୋଗ କରିବା ବଦଳରେ ସମାଧାନର ରାସ୍ତା କଥା ହିଁ ଚିନ୍ତା କରନ୍ତୁ।
- ଯଦି କୌଣସି ସହକର୍ମୀଙ୍କ ସହ ଆପଣଙ୍କର ମତଭେଦ ହୋଇଥାଏ ତେବେ ସେନେଇ ତାଙ୍କ ସହିତ ସିଧା କଥା ହୁଅନ୍ତୁ। ଅଫିସରେ ସମସ୍ତେ ବନ୍ଧୁ ହୋଇନଥାନ୍ତି। ତେଣୁ ଅନ୍ୟ କେହି ଆପଣଙ୍କ ସମ୍ପର୍କକୁ ନେଇ ହୁଏତ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି। ସିଧାସଳଖ କଥା ହେବା ଫଳରେ ଆପଣ ପରସ୍ପର ମଧ୍ୟରେ ଥିବା ମତଭେଦର କାରଣକୁ ବୁଝିପାରିବେ। ଆଉ ଯଦି କୌଣସି କାରଣରୁ ଭୁଲ୍ ବୁଝାମଣା ଦୂର ହୋଇପାରିନାହିଁ, ତେବେ ସମ୍ପର୍କ ଅଧିକ ଖରାପ ତ ହେବନାହିଁ ବରଂ ଆପଣ ସମାଧାନ ପାଇଁ ଯେଉଁ ଚେଷ୍ଟା କରିଛନ୍ତି ତା'ର ପ୍ରଭାବ କେବେ ନା କେବେ ନିଶ୍ଚୟ ପଡ଼ିବ।
- ଅଫିସରେ ଅନ୍ୟମାନଙ୍କ ଆଗରେ ଏହାକୁ ନେଇ କୌଣସି ପ୍ରକାରର ଚର୍ଚ୍ଚା କରିବା ଠିକ୍ ନୁହେଁ। ଏପରି କରିବା ଫଳରେ ଅଫିସ ଗସିପ୍ ଧୀରେ ଧୀରେ ବଢ଼ିଥାଏ। ପ୍ରଭାବରେ ସମ୍ପର୍କ ଭଲ ହେବା ବଦଳରେ ଆହୁରି ଖରାପ ହୋଇଥାଏ। ବେଳେବେଳେ ଅନ୍ୟମାନେ ଏହି ସ୍ଥିତିରୁ ଫାଇଦା ନେବାକୁ ବି ପଛାନ୍ତିନାହିଁ।
- ସହକର୍ମୀଙ୍କ ସହିତ ମତଭେଦ ହୋଇଥିଲେ ବି ନିଜ ନୈତିକତାକୁ ଭୁଲିଯିବା ଆଦୌ ଠିକ୍ ନୁହେଁ। ନିଜ ବିବେକ ଓ ନୈତିକତା ଆଧାରରେ ଅଫିସିଆଲ୍ ସମ୍ପର୍କକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ତାଙ୍କୁ ସାହାଯ୍ୟ ବି କରନ୍ତୁ। ଅଫିସ କାମ ଦୃଷ୍ଟିରୁ ଯଦି ଆବଶ୍ୟକ ହୁଏ ଆପଣ କଥାବାର୍ତ୍ତା କରନ୍ତୁ ଏବଂ ତାଙ୍କ ସହିତ ମତଭେଦ ହୋଇଥିବା ନେଇ ଅନ୍ୟ କାହାକୁ ବି ଅନୁଭବ କରିବାକୁ ଦିଅନ୍ତୁ ନାହିଁ। କୌଣସି ସମୟରେ ବି ତାଙ୍କ ପ୍ରତି ଆକ୍ଷେପ କରି କିଛି କଥା କୁହନ୍ତୁ ନାହିଁ ଏବଂ କୌଣସି ପ୍ରକାରର ଅପଶବ୍ଦ ପ୍ରୟୋଗ କରନ୍ତୁନାହିଁ।

ଅନେକ ଯୁବତୀ ଯୁବକ ମୋଟା ହୋଇଗଲେ ସେମାନଙ୍କ ଶରୀରର କେତେକ ସ୍ଥାନରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଏ, ଯାହାକି ଫ୍ୟାଶନେବଲ୍ ଡ୍ରେସ୍ ପିନ୍ଧିବା ବେଳେ ଖରାପ ଦେଖାଯାଏ। ଯେଉଁଥିପାଇଁ ସେମାନେ ବ୍ୟସ୍ତ ହୋଇପଡ଼ନ୍ତି। ଯଦିଓ ଏହାକୁ କମ୍ କରିବା ଲାଗି ଅଧିକ ସମୟ ଲାଗିଥାଏ, ତଥାପି କେତୋଟି ଉପାୟ ଆପଣାଇ ଷ୍ଟ୍ରେଚ୍‌ମାର୍କ ଶୀଘ୍ର ଦୂର କରିପାରିବେ...

ଦୂର କରନ୍ତୁ ଷ୍ଟ୍ରେଚ୍‌ମାର୍କ

- ପରିବର୍ତ୍ତିତ ଲାଇଫ୍ ଷ୍ଟାଇଲ୍ ଯୋଗୁ ମଧ୍ୟ ଫ୍ୟାଟ୍‌ନେସ୍ ବଢ଼ିବା କାରଣରୁ ଅନେକଙ୍କଠାରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଉଛି। ତା'ଛଡ଼ା କମ୍ ପାଣି ପିଇବା ଦ୍ୱାରା ଶରୀରର ଜଳୀୟାଂଶ କମିଲେ ବି ଏହି ସମସ୍ୟା ଦେଖାଦିଏ। ତେଣୁ ଆବଶ୍ୟକ ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁଷମ ଖାଦ୍ୟ ଖାଇବା ସହ ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।
- ପରାମର୍ଶକ୍ରମେ କୌଣସି ଏକ ଭଲ ସ୍ପେଶିଆଲାଇଜ୍‌ଡ କ୍ରିମ୍, ଷ୍ଟ୍ରେଚ୍‌ମାର୍କ ରିକଭରି ସିରମ୍, ବଡି ଫର୍ମିଙ୍ଗ୍ ଜେଲ୍ ଆଦି ସକାଳେ ଏବଂ ସନ୍ଧ୍ୟାରେ ଲଗାନ୍ତୁ ଉପକୃତ ହେବେ। ଏସବୁ କେମିକାଲ୍ ଫ୍ରି ହୋଇଥିଲେ ଭଲ।
- ପାଣିରେ ଗାଧୋଇବା ପରେ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଧୀରେ ଧୀରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଅଏଲ୍ ମସାଜ୍ କରିବା ଦ୍ୱାରା ତାହା ନରମ ହେବା ସହ ମାର୍କ ଦୂର ହେବାରେ ସାହାଯ୍ୟ କରିଥାଏ। ଏଥିପାଇଁ ବାୟୋ ଅଏଲ୍ କିମ୍ବା ନଡ଼ିଆ ତେଲ ସବୁଠୁ ଭଲ। ଆପଣ ଚାହିଁଲେ ଏଥିପାଇଁ ଅନ୍ୟ ମସାଜ୍ ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ।
- କଟନ୍ ସାହାଯ୍ୟରେ ଲେମ୍ବୁ ରସ ନେଇ ଷ୍ଟ୍ରେଚ୍‌ମାର୍କ ଥିବା ସ୍ଥାନରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖଉଷୁମ ପାଣିରେ ଗାଧୋଇ ପଡ଼ନ୍ତୁ। ଫଳରେ ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରିଥାଏ।
- ସ୍କିନ୍ ରିପେୟାର୍ କରିବାରେ ଏକ୍ସରସାଇଜ୍ ବେଶ୍ ସାହାଯ୍ୟ କରିଥାଏ। ଯାହା ଫୁଲିଯାଇଥିବା ଏବଂ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନକୁ ଧୀରେ ଧୀରେ ରିପେୟାର୍ କରି ପୂର୍ବ ଭଳି ସୁନ୍ଦର କରିଥାଏ।

ପେଟ ବଢୁଥିଲେ...

ବିଶେଷକରି ଜୀବନଶୈଳୀ ଏବଂ ଖାଦ୍ୟପେୟରେ ପରିବର୍ତ୍ତନ ମୁଖ୍ୟତଃ ଏଥିପାଇଁ ଦାୟୀ। ତେଣୁ ପେଟରେ ଚର୍ବି ନହେବା ଲାଗି ସନ୍ତୁଳିତ ଖାଦ୍ୟାଭ୍ୟାସ ସହିତ ଠିକ୍ ସମୟରେ ଖାଇବା, ଶୋଇବା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ...

- ଖାଦ୍ୟ ତାଲିକାରେ ଫାଇବରଯୁକ୍ତ ଖାଦ୍ୟର ପରିମାଣ ବୃଦ୍ଧି କରନ୍ତୁ। ଏପରି କରିବା ଦ୍ୱାରା ପେଟ ଅଧିକ ସମୟ ଭର୍ତ୍ତି ରହିବା ସହ ଭୋକ କମ୍ ଲାଗିବ। ଯାହାଦ୍ୱାରା ଆପଣ ଅଧିକ ଖାଇବାଠାରୁ ଦୂରେଇ ରହିପାରିବେ ଏବଂ ପେଟ ମଧ୍ୟ କମିବାରେ ସାହାଯ୍ୟ କରିବ। ତେଣୁ ଫଳ, ପନିପରିବା, ଓଟ୍ସ ଆଦି ଫାଇବରଯୁକ୍ତ ଖାଦ୍ୟ ଖାଆନ୍ତୁ।
- ପ୍ରୋସେସ୍‌ଡ ଫୁଡ୍, ପ୍ୟାକେଜ୍‌ଡ ଫୁଡ୍ ଏବଂ ଫାଷ୍ଟଫୁଡ୍ ଆଦୌ ଖାଇବା ଠିକ୍ ନୁହେଁ। କାରଣ ଏଥିରେ ଅଧିକ ମାତ୍ରାରେ ତେଲ, ଘିଅ, ସୋଡିୟମ୍, ସୁଗାର ଭରି ରହିଥିବାରୁ ପେଟରେ ଚର୍ବି ବଢ଼ିଥାଏ ଏବଂ ମେଦବହୁଳତାର କାରଣ ସାଜିଥାଏ।
- ସାଙ୍ଗସାଥୀଙ୍କ ସହ ମିଶି ଅନେକ ଯୁବପିଢ଼ି ବର୍ତ୍ତମାନ ଆଲ୍‌କହଲ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ ଏହି ବଦଭ୍ୟାସ ମଧ୍ୟ କେତେକଙ୍କଠାରେ ପେଟ ବଢ଼ିବା ଏବଂ ଅଣ୍ଟା ଚାରିପଟେ ମେଦବହୁଳ ହେବା ପାଇଁ ଦାୟୀ। କେବଳ ଏତିକି ନୁହେଁ, ଏହା ଅନ୍ୟାନ୍ୟ ଜଟିଳ ଶାରୀରିକ ସମସ୍ୟାର ମଧ୍ୟ କାରଣ ସାଜିଥାଏ।
- ଖାଦ୍ୟ ତାଲିକାରେ ପ୍ରୋଟିନଯୁକ୍ତ ଖାଦ୍ୟ ସାମିଲ କଲେ ମଧ୍ୟ ଫ୍ୟାଟ୍ ଲସ୍ ହୋଇ ଶରୀର ଫିଟ୍ ରହିବ ଏବଂ ପେଟ ବି ସ୍ଲିମ୍ ହୋଇପାରିବ।
- ଚିନି, ବିଭିନ୍ନ ପ୍ରକାରର ମିଠା, ଆଇସ୍‌କ୍ରିମ୍, କେକ୍ ଆଦି କାର୍ବୋହାଇଡ୍ରେଡ୍‌ଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ମେଦବହୁଳତା ଦେଖାଦେଇଥାଏ। ବିଶେଷକରି ଅଧିକ ସମୟ ବସୁଥିବା ଯୁବପିଢ଼ିଙ୍କଠାରେ ଏଭଳି ଖାଦ୍ୟ ପେଟ ବଢ଼ାଇବାର ଏକ ବଡ଼ କାରଣ। ତେଣୁ ଯଥାସମ୍ଭବ ଏଭଳି ଖାଦ୍ୟ କମ୍ ଖାଆନ୍ତୁ।
- ଅଧିକ ସମୟ ଗୋଟିଏ ଜାଗାରେ ବସିବ ନାହିଁ କିମ୍ବା ମୋବାଇଲ୍, କମ୍ପ୍ୟୁଟର ଆଦି ଦୀର୍ଘ ସମୟ ବସି ବ୍ୟବହାର କରନ୍ତୁ ନାହିଁ। ମଝିରେ ମଝିରେ ଉଠି ଚାଲନ୍ତୁ। ପ୍ରତିଦିନ ଯୋଗ, ବ୍ୟାୟାମ ଆଦି ନିଶ୍ଚୟ କରନ୍ତୁ। ଦେଖିବେ ପେଟ ବଢୁଥିଲେ ଶୀଘ୍ର କମିଯିବ।
- ପ୍ରତିଦିନ ସକାଳୁ ଦୁଇ ଗ୍ଲାସ୍ ଉଷୁମ ପାଣି ପିଅନ୍ତୁ ଏବଂ ଦିନ ଭିତରେ ୩-୪ ଲିଟର ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

ପାଣି ପିଇବାର ଫାଇଦା

ସୁସ୍ଥ ଶରୀର ପାଇଁ ଖାଦ୍ୟ ଯେତିକି ଜରୁରୀ ପାଣି ମଧ୍ୟ ସେତିକି ଜରୁରୀ। ଖାଦ୍ୟ ଖାଇବା ସହିତ ଉଚିତ୍ ପରିମାଣର ପାଣି ପିଇବା ଦ୍ୱାରା ଅନେକ ଫାଇଦା ଆମକୁ ମିଳିଥାଏ। ତେଣୁ ପାଣି ପିଇବାରେ ଅବହେଳା କରନ୍ତୁ ନାହିଁ। ପାଣି ପିଇବା ଦ୍ୱାରା କେଉଁ ସବୁ ଜବରଦସ୍ତ ଲାଭ ମିଳିଥାଏ ଏବଂ କେତେ ଗ୍ଲାସ ପାଣି ପିଇବା ଆବଶ୍ୟକ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

ଜଣେ ବ୍ୟକ୍ତିକୁ ପ୍ରତିଦିନ ୮ରୁ ୯ ଗ୍ଲାସ୍ ପାଣି ପିଇବା ଉଚିତ୍ ବୋଲି ଡାକ୍ତରମାନେ କହିଥାନ୍ତି। କିନ୍ତୁ କିଛି ଲୋକଙ୍କୁ ଏହାଠାରୁ ଅଧିକ କିମ୍ବା କମ୍ ପାଣି ଦରକାର ହୋଇଥାଏ। ତେବେ ଶରୀରକୁ କେତେ ପାଣି ଆବଶ୍ୟକ ଏହା ଜାଣିବାର ଏକ ସହଜ ଉପାୟ ମଧ୍ୟ ରହିଛି। ପରିସ୍ରା କରିବା ସମୟରେ ଯଦି ଆପଣଙ୍କ ପରିସ୍ରା ପାଣି ପରି ସ୍ୱଷ୍ଟ ହୋଇଥାଏ ତେବେ ଜାଣନ୍ତୁ ଆପଣ ସଠିକ୍ ମାତ୍ରାରେ ପାଣି ପିଉଛନ୍ତି। କିନ୍ତୁ ଯଦି ଆପଣଙ୍କ ପରିସ୍ରା ହଳଦିଆ ରଙ୍ଗର ହୁଏ ତେବେ ଜାଣନ୍ତୁ ଶରୀରରେ ପାଣିର ଅଭାବ ରହିଛି। ଆପଣ ହାଇଡ୍ରେସନର ଶିକାର ହୋଇଛନ୍ତି।

- ସଠିକ୍ ପରିମାଣର ପାଣି ପିଇଲେ ଅନେକ ଲାଭ ହୋଇଥାଏ। ତାହା ମଧ୍ୟରୁ ଗୋଟିଏ ହେଉଛି ଏହା ବ୍ୟାୟାମରେ ସାହାଯ୍ୟ କରିଥାଏ। ମାଂସପେଶୀକୁ ଠିକ୍ ଭାବରେ କାମ କରିବା ପାଇଁ ସୋଡିୟମ୍, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମର ଉତ୍ତମ ସନ୍ତୁଳନ ରହିବା ଅବଶ୍ୟକତା ଥାଏ। ତେଣୁ ବ୍ୟାୟାମ୍ ପୂର୍ବରୁ ହାଇଡ୍ରେଟେଡ୍ ରହିବା ପାଇଁ ହେଲେ ଦୈନିକ ୮ ଗ୍ଲାସ୍ ପାଣି ପିଇବା ନିହାତି ଜରୁରୀ।
- ପାଣି ପିଇବା ଦ୍ୱାରା ତରଳ ପଦାର୍ଥ ରୂପରେ କିଡ୍‌ନୀ ଶରୀରରୁ ଅପରିଷ୍କାର ଖାଦ୍ୟ ପଦାର୍ଥକୁ ବାହାର କରିଥାଏ। ଆଉ ଏପରି କରିବା ପାଇଁ ହେଲେ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ପାଣିର ଆବଶ୍ୟକ ରହିଥାଏ।
- ସଠିକ୍ ମାତ୍ରାରେ ପାଣି ପିଇଲେ ଶରୀରର ଉର୍ଜାର ସ୍ତରକୁ ବଢାଇବାରେ ସାହାଯ୍ୟ କରିଥାଏ। ତେଣୁ ଶରୀରରେ ଉର୍ଜାର ସ୍ତରକୁ ନିୟନ୍ତ୍ରିତ ରଖିବା ପାଇଁ ପାଣିର ଆବଶ୍ୟକତା ରହିଛି। ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣର ପାଣି ପିଇଲେ ସୁସ୍ଥ ଅନୁଭବ କରିବା ସହ ଆକ୍ଟିଭ୍ ମଧ୍ୟ ଅନୁଭବ କରିବେ।
- ଡିହାଇଡ୍ରେସନର ଶିକାର ହୋଇଥିଲେ କୋଷ୍ଠକାଠିନ୍ୟର ସମସ୍ୟା ଦେଖାଦେଇଥାଏ। ଯାହା କେବଳ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିପାରିବ। କେବଳ ପାଣି ପିଇଲେ ଅନେକ ରୋଗ ଭଲ ହୋଇଯାଇଥାଏ। ବୈଜ୍ଞାନିକଙ୍କ କହିବା ଅନୁଯାୟୀ ପ୍ରତିଦିନ ସକାଳେ ଗୋଟିଏ ଗ୍ଲାସ୍ ଗରମ ପାଣି ପିଇଲେ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଏତିକି ନୁହେଁ ବରଂ ଓଜନରେ ନିୟନ୍ତ୍ରଣ, ଗଣ୍ଠିଜନିତ ସମସ୍ୟା, ହେଲ୍‌ଦି ହାର୍ଟ ପାଇଁ ଉପଯୁକ୍ତ ପାଣିର ଆବଶ୍ୟକତା ରହିଛି।

ଅନ୍‌ଲାଇନ୍ ଉପସ୍ଥାନ ନେଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଘେରିବ ଶିକ୍ଷକ ସଂଘ

ନୟାଗଡ଼,୨୪।୮(ନି.ପ୍ର): ଆବଶ୍ୟକ ତଥା ଆନୁସଙ୍ଗିକ ଉପକରଣ ଯୋଗାଇ ନଦେଇ ଏବଂ ଦରମା ବନ୍ଦର ଧମକ ଦେଇ ଜୋର ଜବରଦସ୍ତ ଅନଲାଇନ ଉପସ୍ଥାନକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ହେଉଥିବା ଉଦ୍ୟମକୁ ନୟାଗଡ଼ ଜିଲ୍ଲା ମିଳିତ ଶିକ୍ଷକ ସଂଘ ଗୁରୁତର ସହ ନେଇଛି। ଏହି ପ୍ରସଙ୍ଗକୁ ନେଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଘେରିବାକୁ ଶିକ୍ଷକ ସଂଘ ପକ୍ଷରୁ ଦୃଢ଼ ଚେତାବନୀ ଦିଆଯାଇଛି । ରବିବାର ଦିନ ସ୍ଥାନୀୟ ରାଜବଗିଚା ସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଜିଲ୍ଲା ମିଳିତ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ମିଳିତ ଶିକ୍ଷକ ସଂଘ ଆବାହକ ମାଣିକେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦରମା ବନ୍ଦ ଧମକକୁ ଦୃଢ଼ ଭାବେ ନିନ୍ଦା କରାଯାଇଥିବା ବେଳେ ଆଗାମୀ ଦିନରେ ଶିକ୍ଷକ ଆନ୍ଦୋଳନ ବିସ୍ଫୋରକ ପରିସ୍ଥିତି ନେବ ବୋଲି ସୂଚନା ମିଳିଛି । ନିଜ ବ୍ୟକ୍ତିଗତ ମୋବାଇଲ ଫୋନ ଏବଂ ବ୍ୟକ୍ତିଗତ ମୋବାଇଲ ଡାଟାକୁ କଣ ପାଇଁ ସରକାରୀ କାର୍ଯ୍ୟରେ ବ୍ୟବହାର କରିବୁ ବୋଲି ବୈଠକରେ ଉପସ୍ଥିତ ଶିକ୍ଷକ ନେତା ମାନେ ପ୍ରଶ୍ନ କରିବା ସହିତ ଯଦି କୌଣସି ଶିକ୍ଷକ କିମ୍ବା ସିଆରସିସିଙ୍କ ଦରମା ବନ୍ଦ କରାଯାଏ ତେବେ ଶିକ୍ଷକ ସଂଘ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଘେରିବାକୁ ଦୃଢ଼ ଚେତାବନୀ ଦେଇଛି । ଅନ୍ୟ ପକ୍ଷରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ନିର୍ଦ୍ଦେଶ ଭାରତୀୟ ସମ୍ବିଧାନ ଧାରା-୨୧ ଅନ୍ତର୍ଗତ ବ୍ୟକ୍ତିଗତ ଗୋପନୀୟତା ଅଧିକାର ତଥା ନିକଟରେ ପାର୍ଲିଆମେଣ୍ଟରେ ଗୃହୀତ ଡିପିଡିପି ଆକ୍ଟ(୨୦୨୩) ବା ସମଗ୍ର ଡାଟା ସୁରକ୍ଷା ଆଇନ-୨୦୨୩ ର ଖୋଲା ଉଲଂଘନ ବୋଲି ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରାଯିବ ବୋଲି ମିଳିତ ଶିକ୍ଷକ ସଂଘ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି । ଅନ୍ୟ ପକ୍ଷରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକ ମାନଙ୍କ ପେନସନ, ଜିପିଏଫ, ଇନକ୍ରିମେଣ୍ଟ, ପ୍ରମୋସନ, ସର୍ଭିସ ବୁକ ଅପଡେଟ ଆଦି କାର୍ଯ୍ୟ ଠିକ ସମୟରେ କରାଯାଉ ନଥିବା ଶିକ୍ଷକ ନେତା ମାନେ ଅଭିଯୋଗ କରିଛନ୍ତିଛ ଏହି ମିଳିତ ବୈଠକରେ ରାଜ୍ୟ ମାଧ୍ୟମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ, ଭକ୍ତବଲ୍ଲଭ ବାଟକୃଷ୍ଣ ମିଶ୍ର, ବିପିନ ବିହାରୀ ଦାସ, ଅଭିମନ୍ୟୁ ମହାନ୍ତି,ପ୍ରସନ୍ନ କୁମାର ଲେଙ୍କା, ବାମନ ବାରିକି, ପଞ୍ଚାନନ ମହାପାତ୍ର, ଦୀନବନ୍ଧୁ ସାହୁ,ଶ୍ରୀଧର ପରିଡ଼ା, ସୁରେଶ ସେଠି, ଉମେଶ ସ୍ୱାଇଁ, ଗତିକୃଷ୍ଣ ପ୍ରଧାନ,ସୁରେଶ କୁମାର ମହାପାତ୍ର, କେଳୁ ଚରଣ ସ୍ୱାଇଁ, ଲକ୍ଷ୍ମୀଧର ଖୁଣ୍ଟିଆ,ସୁଶୀଲ ରଣା,କାଳନ୍ଦୀ ଚରଣ ସାହୁ, ମନୋରଞ୍ଜନ ବରାଡ, ଶୁକଦେବ ରାଉତ, ଅରବିନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

ସାର କଳାବଜାର, ଚିନ୍ତାରେ ଚାଷୀ

ନୟାଗଡ଼,୨୪।୮(ନି.ପ୍ର): ସର କଳାବଜାରୀ ଦର ଆକାଶ ଛୁଆଁ ରାଜ୍ୟ ସରକାର ହେଉ ବା କେନ୍ଦ୍ର ସରକାର ଚାଷୀ ମାନଙ୍କୁ ବିଭିନ୍ନ ପ୍ରକାରର ଯୋଜନାରେ ସାମିଲ କରି ଆର୍ଥିକ ପ୍ରୋତ୍ସାହନ ଦେଉଥିବା ବେଳେ ସାର କଳାବଜାରି ରୋକିବାରେ ବିଫଳ ହୋଇଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀମାନେ । ଗୋଟିଏ ପଟେ ଅନିୟମିତ ବର୍ଷା ସାଙ୍ଗକୁ ଅନ୍ୟପଟେ ଚାଷୀମାନଙ୍କୁ ସଠିକ୍ ଦରରେ ମିଳୁନି ଫସଲ ପାଇଁ ବ୍ୟବହୃତ ସାର। ସରକାରଙ୍କ ପି.ଏମ୍ କିସାନ ହେଉ ବା ସିଏମ୍ କିସାନ୍ ହେଉ ଚାଷୀମାନଙ୍କୁ ମିଳୁଥିଲେ ମଧ୍ୟ ଚାଷୀମାନଙ୍କ ବ୍ୟବହୃତ ସାରକୁ ଦୁଇଗୁଣା ଦରରେ କିଣିବାକୁ ପଡୁଛି। ଚାଷୀଙ୍କ କହିବା ଅନୁଯାୟୀ ସାର ଆସୁଥିଲେ ମଧ୍ୟ ରାତିରେ ଅନ୍ୟତ୍ର କାରବାର ହେଉଛି, ଯେତିକି ଉପଲବ୍ଧ ହେଉଛି ତାହା ସମସ୍ତ ଚାଷୀଙ୍କୁ ନିଅଣ୍ଟ ଏବଂ ତାକୁ ଚଢା ଦରରେ ବିକ୍ରୀ କରୁଛନ୍ତି ଯାହା ଫଳରେ ଚାଷୀ ହଇରାଣ ହେବା ସହିତ ସେମାନଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି।

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଶୁଭାରମ୍ଭ

ସମ୍ବଲପୁର,୨୪।୮ (ନି.ପ୍ର): ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ମାଧ୍ୟମରେ ସମ୍ବଲପୁର ଜିଲ୍ଲା ଏବଂ ନିକଟବର୍ତ୍ତୀ ଅଞ୍ଚଳର ଯୁବକ ଓ ଯୁବତୀମାନଙ୍କୁ ସଶକ୍ତ କରିବାର ଏକ ଲକ୍ଷ୍ୟ ନେଇ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ପ୍ରମୁଖ ସାମାଜିକ ଦାୟିତ୍ୱବୋଧ (CSR) ପଦକ୍ଷେପ 'ରୋଶନି' ଅଧୀନରେ ଓରିଅନ୍ ସହଭାଗୀତାରେ ଏକ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରାଯାଇଅଛି। ଏହି କେନ୍ଦ୍ରଟି ସମ୍ବଲପୁରର ଅଇଁଠାପାଲି ସ୍ଥିତ ସରସ୍ୱତୀ ବିହାରରେ ଅବସ୍ଥିତ ରହିଛି। ଚଳିତ ବର୍ଷ ମଧ୍ୟରେ ୨୦୦ରୁ ଅଧିକ ଯୁବକ-ଯୁବତୀମାନଙ୍କୁ ଗ୍ରାହକ ସେବା ଅଧିକାରୀ ଭାବେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି । ଦ୍ରୁତ ଗତିରେ ବଢୁଥିବା ଗ୍ରାହକ ସେବା ଶିଳ୍ପରେ ଅତ୍ୟାବଶ୍ୟକ ବୃତ୍ତିଗତ ଯୋଗାଯୋଗ, ବୈଷୟିକ ବିଶେଷଜ୍ଞତା ଏବଂ ଦକ୍ଷତା ବୃଦ୍ଧି ଆଦି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି,ଏହି ପଦକ୍ଷେପ ଅଧିନରେ ପ୍ରଶିକ୍ଷଣ ଦେବା ପରେ ସାରା ରାଜ୍ୟରେ ଅବସ୍ଥିତ ଅଗ୍ରଣୀ କମ୍ପାନୀଗୁଡ଼ିକରେ ଏହି ଯୁବକ ଓ ଯୁବତୀମାନଙ୍କର ନିଯୁକ୍ତି ସୁନିଶ୍ଚିତ କରାଯିବ । ଏହି ତାଲିମ କେନ୍ଦ୍ରର ଉଦଘାଟନ ଉତ୍ସବରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ସମତେ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ତାଲିମ ନେବାକୁ ଥିବା ଯୁବକ-ଯୁବତୀ ଏବଂ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ରହିଥିଲେ । ତାମିଲ କେନ୍ଦ୍ରର ଉଦଘାଟନ ସହିତ ମୋଟ୍ ୫୦ ଜଣ (୧୧ ଯୁବକ ଏବଂ ୩୯ ଯୁବତୀ)ଙ୍କୁ ନେଇ ପ୍ରଥମ ଦୁଇଟି ବ୍ୟାଚ୍ ଆରମ୍ଭ ହୋଇଯାଇଛି । ଆଗାମୀ ତିନି ମାସ ମଧ୍ୟରେ, ସେମାନଙ୍କୁ 'କଷ୍ଟମର କେୟାର ଏକଜିକ୍ୟୁଟିଭ୍' (ଗ୍ରାହକସେବା ଅଧିକାରୀ) ଭାବରେ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ହେବା ସହିତ ସେମାନଙ୍କୁ ସାରା ଓଡ଼ିଶାର ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବାରେ ସହାୟତା କରାଯିବ । ଏହି କେନ୍ଦ୍ରରେ ପ୍ରଶିକ୍ଷଣ ପାଇଁ ବିଶେଷ ଭାବେ ଗରିବ ଶ୍ରେଣୀ, ଅବହେଳିତ ତଥା ପଛୁଆ ସମ୍ପ୍ରଦାୟର ଯୁବକ ଓ ଯୁବତୀମାନଙ୍କୁ ସାମିଲ କରାଯିବ । ଯାହା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ରଖାଯାଇଅଛି । ଏହି ତାଲିମ କେନ୍ଦ୍ରର ଶୁଭ ଉଦଘାଟନ ଅବସରରେ କମ୍ପାନୀର ସିଇଓ ଶ୍ରୀ ବର୍ମା ଖୁସି ବ୍ୟକ୍ତ କରିବା ସହ ପ୍ରକାଶ କରିଛନ୍ତି ଯେ, ଏହା କେବଳ ପ୍ରଶିକ୍ଷଣ ନୁହେଁ, ବରଂ ଏହା ସ୍ଥାନୀୟ ଅଞ୍ଚଳର ଯୁବକ-ଯୁବତୀମାନଙ୍କୁ ସଶକ୍ତ କରି ସେମାନଙ୍କ ପାଇଁ ଏକ ଅର୍ଥପୂର୍ଣ୍ଣ ତଥା ପେଶାଗତ କ୍ୟାରିଅର ପ୍ରସ୍ତୁତ କରିବାରେ ଆମର ପ୍ରୟାସ । ସମାଜିକ ଦାୟତ୍ୱବୋଧ କାର୍ଯ୍ୟକଳାପ ଭାବେ ସ୍ଥାନୀୟ ଅଞ୍ଚଳର ଯୁବକ ଓ ଯୁବତୀମାନଙ୍କ ଭବିଷ୍ୟତକୁ ସୁଦୃଢ କରିବା ଆମର ସାମୂହିକ ଦାୟିତ୍ୱ । ଏହିପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲ୍ଲାମାନଙ୍କ ମଧ୍ୟ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ ଘୋଷଣା କରିଥିଲେ । ଅଭିଭାବକ ଏବଂ ପ୍ରଶିକ୍ଷାର୍ଥୀମାନେ ଏହି ପଦକ୍ଷେପ ପାଇଁ ଟିପିଡବ୍ଲୁଓଡିଏଲ୍ ପ୍ରତି ଆନ୍ତରିକ କୃତଜ୍ଞତା ପ୍ରକାଶ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାରାଥନ କାର୍ଯ୍ୟକ୍ରମ ଓ ଶିଳାନ୍ୟାସ

କଟକ,୨୩।୮ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କଟକ ଗସ୍ତ କରି ମାରାଥନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କଟକ ଗସ୍ତ ସମୟରେ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ ପରିସରରେ ପହଞ୍ଚିଥିଲେ । ସେଠାରେ ମହାକାଶ ଗବେଷଣା ସଂପର୍କିତ ପ୍ରୋଜେକ୍ଟ ଗୁଡ଼ିକୁ ଦେଖିବା ସହିତ ଛାତ୍ରଛାତ୍ରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ମତ ବିନିମୟ କରିଥିଲେ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେନ୍ଦ୍ରମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହ ଶ୍ରେଣୀଗୃହରେ ବସି ଭୂଗୋଳ ପାଠ ପଢ଼ିଥିଲେ । ପରେ ଏଆଇ ଟେକୋନୋଲୋଜି ଏବଂ ମାତୃଭାଷା ବିଷୟରେ କେନ୍ଦ୍ରମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଥିଲେ । କଟକ ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ ଏକ ମଣିଷ ତିଆରି କାରଖାନାର ପ୍ରୟୋଗଶାଳା ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମାତୃଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ଏଥିସହିତ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଭେଟି ମତବିନିମୟ କରିଥିଲେ। ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆପଡ଼ାଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ପ୍ରାୟ ୫ ଏକର ପରିମିତ ଜମି ଉପରେ ଏହି କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କରାଯିବ । ଆସନ୍ତା ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୪୦କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂତନ କ୍ୟାମ୍ପସ ଶିଳାନ୍ୟାସ କରି କହିଲେ, ବର୍ତ୍ତମାନ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ପ୍ରଣୟନ କରିଛନ୍ତି। ଓଡ଼ିଶାରେ ମଧ୍ୟ ଜାତୀୟ ଶିକ୍ଷାନୀତିକୁ ପ୍ରଚଳନ କରାଯାଇଛି । ଜାତୀୟ ଶିକ୍ଷାନୀତି ମାତୃଭାଷା ଉପରେ ଗୁରୁତ୍ୱ ଦିଆଯାଇଛି । ଏଣିକି ଛାତ୍ରଛାତ୍ରୀମାନେ ନିଜ ନିଜ ମାତୃଭାଷାରେ ପାଠ ପଢ଼ିବେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ସିଏମସି କମିଶନର କିରଣଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ସର୍ବପୁରାତନ ବିଦ୍ୟାଳୟ ତଥା ରେଭେନ୍ସା କଲିଜିଏଟ ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ରେଭେନ୍ସା କଲିଜିଏଟ ସ୍କୁଲ ସହ ମୋର ଅନେକ ଦିନର ସ୍ମୃତି ଜଡ଼ିତ । ଏହା ସବୁ ଓଡ଼ିଆଙ୍କ ପାଇଁ ଏକ ସର୍ବପୁରାତନ ହାଇସ୍କୁଲ ନୁହେଁ, ବରଂ ଏକ ତୀର୍ଥକ୍ଷେତ୍ର ସହ ସମାନ । କାରଣ ଏହି ହାଇସ୍କୁଲ ମଣିଷ ତିଆରି କରେନାହିଁ ବରଂ ଜଣେ ଜଣେ ନେତୃତ୍ୱଙ୍କୁ ତିଆରି କରେ । ଏହି ସ୍କୁଲ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ତିଆରି କରିଛି । ପ୍ରାଥମିକ ଶିକ୍ଷାକୁ ପ୍ରୋତ୍ସାହନ ସହ ଶିକ୍ଷକଙ୍କୁ ସମ୍ମାନ ସହ ଜୀବନ ବଂଚିବା ପାଇଁ ଡବଲ ଇଂଜିନ ସରକାର ବଦ୍ଧ ପରିକର । ଛାତ୍ରଛାତ୍ରୀମାନେ କେବଳ ଚାକିରୀ କରିବେ ନାହିଁ ବରଂ ଚାକିରୀ ଦାତା ଭାବେ ନିଜର ନୂଆ ପରିଚୟ ତିଆରି କରିବେ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ । ଜାତୀୟ ମହାକାଶ ଦିବସ ଅବସରରେ ସ୍କୁଲ ପରିସରରେ ଆୟୋଜିତ ବିଜ୍ଞାନ ମେଳାକୁ ଶ୍ରୀ ପ୍ରଧାନ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ଉପକରଣ ଦେଖି ପ୍ରଶଂସା କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମେଧାବୀ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଏଥିସହିତ ପୁରାତନ ଛାତ୍ର ସଂସଦର ୱେବସାଇଟକୁ ଶ୍ରୀ ପ୍ରଧାନ ଉନ୍ମୋଚନ କରିଥିଲେ । ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ''ଶିକ୍ଷାଜ୍ୟୋତି ସମ୍ମାନ''ରେ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ ଶ୍ୟାମାମଣି ଦେବୀ ପ୍ରମୁଖ ଯୋଗ ଦେଇଥିଲେ ।

ଲଗାଣ ବର୍ଷାରେ ଭାଙ୍ଗିଲା ଘର:ଅଳ୍ପକେ ବର୍ତ୍ତିଲେ ପରିବାର

ଠାକୁରମୁଣ୍ଡା,୨୪।୮ (ନି.ପ୍ର): ଲଘୁଚାପ ପ୍ରଭାବରେ ଏକ ସପ୍ତାହରୁ ଉର୍ଦ୍ଧ୍ୱ ଲଗାଣ ବର୍ଷା ଲାଗି ରହିଥିବାରୁ ପାଣି ଜମି ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ଏକାଧିକ ଗ୍ରାମରେ ବହୁ ଲୋକଙ୍କର ଘରଦ୍ୱାର ଭାଙ୍ଗିଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ଏମିତି ପ୍ରାକୃତିକ ଦୁର୍ଦ୍ଦଶା ଦେଖିବାକୁ ମିଳିଛି ସାତକୋଶିଆ ଗ୍ରାମ ପଞ୍ଚାୟତ ଅଧୀନ ଜାମୁନଣ୍ଡା ଓ ଘୁଲୁଘୁଲିଆ ଗ୍ରାମରେ । ପ୍ରକାଶ ଥାଉ କି, ଜାମୁନଣ୍ଡା ଗ୍ରାମ ସାମାଡ ସାହିର ଭରତ ସାମାଡ(୪୦) ସସ୍ତ୍ରୀକ ବାହାରେ ଦାଦନ ଖଟୁଥିଲେ । ପ୍ରାୟ ଛଅ ମାସ ପୂର୍ବରୁ ଗାଁକୁ ଫେରି ଗୋଟିଏ ଝାଟିମାଟିରେ ଟାଇଲ ଘର ତିଆରି କରି ରହିଥିଲେଛ ସେହି ଘରଟି ଲଗାଣ ବର୍ଷା ଯୋଗୁଁ ଭୁଶୁଡି ପଡ଼ିଛି । ଦୀର୍ଘଦିନରୁ ଭରତ ବାହାରେ ଥିବାରୁ ରେସନ କାର୍ଡ ପାଇବାରୁ ମଧ୍ୟ ବଞ୍ଚିତ ଅଛନ୍ତି । ସେହିପରି ଘୁଲୁଘୁଲିଆ ଗ୍ରାମ ପଥୁରିଆ ସାହିର ନାରଦେ ଲେୟାଙ୍ଗିଙ୍କ ଘର ମାଟି କାନ୍ଥ ଭୁଶୁଡି ତଳେ ପଡିଯାଇଛି । ଖବର ପାଇଁ ସାତକୋଶିଆ ଗ୍ରାମପଞ୍ଚାୟତ ସରପଞ୍ଚ ଚାନ୍ଦମଣି ଜାରିକା ଦୁର୍ଦ୍ଦଶା ଗ୍ରସ୍ତଙ୍କ ପାଖରେ ପହଞ୍ଚି ସାତକୋଶିଆ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକଙ୍କ ସହ ଯୋଗାଯୋଗ କରି ପଲିଥିନ ଯୋଗାଇ ଦେବା ସହିତ ଅସହାୟ ଭରତଙ୍କ ପରିବାରକୁ ପଡୋଶୀ କୁସୁନୁ ସାମାଡଙ୍କ ଘରେ ଥଇଥାନ କରାଇଥିବା ଜଣାପଡିଛି । ପ୍ରଶାସନ ପକ୍ଷରୁ ଅସହାୟ ଭରତକୁ ଯଥା ଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାସନ ତାଲିକାରେ ଯୋଡ଼ିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି ।

କଟକଣା ଭିତରେ ହେବ ଗଣେଶ ପୂଜା

ବାଙ୍କୀ,୨୪।୮ (ନି.ପ୍ର): ଆଗକୁ ପାର୍ବଣର ଋତୁ ଆରମ୍ଭରେ ଆସୁଛି ଶ୍ରୀ ଗଣେଷ ଚତୁର୍ଥୀ । ଆସନ୍ତା ପୂଜା ପର୍ବ ବା ଗଣେଷ ପୂଜାରେ ଶୃଙ୍ଖଳାକୁ ନେଇ ଏବେ ବାଙ୍କୀ ପୋଲିସ ଜନ ସାଧାରଣଙ୍କୁ ସଚେତନ କରାଇଛି । ବାଙ୍କୀ ଡମପଡା ବ୍ଲକର ଡମପଡା ଠାରେ ଗଣେଷ ପୂଜା ଏବଂ ଦଶହରାକୁ ନେଇ ସ୍ଥାନୀୟ ଯୁବ ମଣ୍ଡଳୀ ଓ ନେତୃତ୍ୱଙ୍କ ସହ ପୋଲିସ ପ୍ରଶାସନ ବିଭିନ୍ନ କଟକଣା ସମ୍ବନ୍ଧରେ ଆଲୋଚନା କରିଛି । ସେଥିମଧ୍ୟରୁ ପୂଜା ରେ ମଣ୍ଡପ, ରୋଷଣି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ଠାରୁ ଅନୁମତି ନିହାତି ଆବଶ୍ୟକ ରହିଥିବା ବେଳେ ନିଶା ସେବନକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଆଲୋଚନା କରାଯାଇଛି । ଗଣେଷ ପୂଜାକୁ ସୁବ୍ୟବସ୍ଥିତ କରିବା ଓ କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ କମିଟି ପକ୍ଷରୁ ଶାନ୍ତି ସଦସ୍ୟ ନିଯୁକ୍ତ କରିବା ପାଇଁ ମଧ୍ୟ ବାଙ୍କୀ ଥାନା ତରଫରୁ କମିଟି ସଦସ୍ୟ ମାନଙ୍କୁ ଏହି ବୈଠକ ରେ କୁହାଯାଇଛି । ଉକ୍ତ ଆଲୋଚନାତ୍ମକ ବୈଠକରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କହଁର, ଥାନା ଅଧିକାରୀ ଶ୍ରୀ ଦିଲ୍ଲୀପ ଭୂୟାଁ, ତାଳବସ୍ତ ଫାଣ୍ଡି ଅଧିକାରୀ ରତ୍ନାକର ପ୍ରଧାନ, ହାଇକୋର୍ଟର ଆଇନଜୀବି ଭକ୍ତିପ୍ରସାଦ ପଟନାଏକ, କୁସୁପଙ୍ଗି ପଞ୍ଚାୟତ ର ସରପଞ୍ଚ ନରେଶ ବେଉରା ଆଦି ଙ୍କ ସମେତ ପୂଜା କମିଟି ର ବହୁ ସଦସ୍ୟ ମାନେ ଯୋଗ ଦେଇଥିଲେ ।

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପ୍ରତିଯୋଗିତା

ନୟାଗଡ଼,୨୪।୮(ନି.ପ୍ର): ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ନୟାଗଡ଼ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଏନ୍‌ଏସି ଉଚ୍ଚ ବିଦ୍ୟାଳୟଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦେଶାତ୍ମକବୋଧକ ସଙ୍ଗୀତ, ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ବିଷୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ସହରରେ ଥିବା ୨୨ଟି ବିଦ୍ୟାଳୟର ମନୋନୀତ ପ୍ରାୟ ୧୦୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମଧ୍ୟରୁ ୨୫ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହୋଇଥିବା ନେଇ ଅପରାହ୍ନରେ ଫଳାଫଳ ଘୋଷଣା କରାଯାଇଥିଲା। ବିଚାରକ ଭାବେ ସୁରଗନ୍ଧର୍ବ ନବ କିଶୋର ମିଶ୍ର, ବେତାର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ସଙ୍ଗୀତକାର ଜୟଶ୍ରୀ ଦେବୀ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଗୋଦାବରୀଶ ମିଶ୍ର, ଅଶୋକ ମଲ୍ଲ, ନିର୍ମଳ ଚନ୍ଦ୍ର ସୁରଦେଓ, ପ୍ରଦୀପ ଡାକୁଆ, ପୂର୍ଣ୍ଣଚନ୍ଦ୍ର ସାହୁ, ବଟକୃଷ୍ଣ ମହାପାତ୍ର, ସୌଦାମିନୀ ସ୍ୱାଇଁ ଓ ଉଷାରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ଭାବେ ଉପନଗରପାଳ ଗୁରୁ ପ୍ରସାଦ ଜେନା ଓ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମିଷ୍ଟର କାଳିଆ ଓ ପୌର କର୍ମଚାରୀମାନେ ସହଯୋଗ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ, ପଠାଣିସାମନ୍ତ ଅଡିଟୋରିୟମ ଠାରେ ପୁରସ୍କୃତ କରାଯିବ ।

ସ୍ୱାଗତ ଓ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ନୟାଗଡ/ନୂଆଗାଁ, ୨୪।୮(ନି.ପ୍ର): ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ସଦରମହକୁମାରେ ଥିବା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି)ମାନଙ୍କ ସ୍ୱାଗତ ଓ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦୀପକ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ବିଆର୍‌ସିସି ତଥା ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ସେଠୀ ଯୋଗଦେଇ ନୂତନ ଭାବେ ଭାବେ ଯୋଗଦେଇଥିବା ସିଆରସିସି ଶ୍ରୀଧର ବେହେରା, ଅଶୋକ କୁମାର ପଣ୍ଡା, ହୃଷୀକେଶ ପାତ୍ର, ପ୍ରମୋଦ କୁମାର ଖଣ୍ଡୁଆଳ, ମମତା ମଞ୍ଜରୀ ଦେଇଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ବେଳେ ପୂରାତନ ସିଆରସିସି ସୁରେଶ ଚନ୍ଦ୍ର ମହାପାତ୍ର, ନରେନ୍ଦ୍ର କୁମାର ବେହେରା, ଜଗବନ୍ଧୁ ମିଶ୍ର, କିଶୋର ମୂଳି, ରାକେଶ କୁମାର ଘଡ଼େଇ, କୈଳାଶ ଚନ୍ଦ୍ର ନାଏକ, ନୀମେଇ ଚରଣ ସାହୁ, ପବନା ନାଏକଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ତତ୍ ସହିତ ଶିକ୍ଷାର ଉନ୍ନତି ପାଇଁ ସିଆରସିସିମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପୁରାତନ ଓ ନୂତନ ସିଆରସିସିମାନେ ସେମାନଙ୍କ ଅନୁଭୂତି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଚିନ୍ତାମଣି ବିଦ୍ୟାପୀଠ, ସମ୍ପତା ବିଜ୍ଞାନ ଶିକ୍ଷକ ବିନାୟକ ପରିଡ଼ା ପରିଚାଳନା କରିଥିବା ବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ ସିଆରସିସି ଶ୍ରୀନିବାସ ରଥ।

ସତ୍ୟନାରାୟଣ ବେହେରାଙ୍କ ଜୟନ୍ତୀରେ ନାରୀନିର୍ଯ୍ୟାତନା ଓ ସଶକ୍ତିକରଣ ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗୀର,୨୪।୮(ନି.ପ୍ର): ଯୁଗେ ଯୁଗେ ପୁରୁଷକେନ୍ଦ୍ରୀକ ସମାଜରେ ନାରୀମାନଙ୍କୁ ଦୁର୍ବଳା, ଅବଳା ଇତ୍ୟାଦି କହି ଅବହେଳା କରାଯାଉଛି । ନାରୀ ସମାଜ ସୃଷ୍ଟିର ମୂଳ ଆଧାର ଓ ପରିବାର ଗଠନରେ ସଂପୂର୍ଣ୍ଣ ସମର୍ପିତ, କିନ୍ତୁ ତାକୁ ନିର୍ଯ୍ୟାତନା ସହିବାକୁ ପଡେ । ନାରୀମାନେ ଶିକ୍ଷିତ ଓ ସ୍ୱାବଲମ୍ବି ହେଲେଣି ତଥାପି ନିର୍ଯ୍ୟାତନାର କାହାଣୀ ସରୁନାହିଁ । ଦିନକୁ ଦିନ ସମାଜରେ କଳୁଷିତ ନାରୀ ଦୁଷ୍କର୍ମ, ନିର୍ଯ୍ୟାତନା ହତ୍ୟା ଭଳି ଘଟଣା ଘଟୁଛି । ତେଣୁ କେବଳ ଶିକ୍ଷିତ ହେଲେ ନୁହେଁ ,ସମାଜ ସଚେତନ ଓ ପ୍ରତିକ୍ରୀୟାଶୀଳ ହେଲେ ନାରୀନିର୍ଯ୍ୟାତନା କମିବ ବୋଲି ଆଜି ସ୍ୱର୍ଗତ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ୮୬ତମ ଜୟନ୍ତି ପାଳନ ଅବସରରେ ସତ୍ୟନାରାୟଣ ସ୍ମୃତିକମିଟି ପକ୍ଷରୁ ନାରୀନିର୍ଯ୍ୟାତନା ଓ ସଶକ୍ତିକରଣ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ସ୍ମୃତିକମିଟିର ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ସଂପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ, କବି ତଥା ଦକ୍ଷପ୍ରଶାସକ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ, ସମ୍ମାନୀତ ଅତିଥି ବଲାଙ୍ଗୀର ପୌରାଧ୍ୟକ୍ଷଅ ଲିକା ସାହୁ, ଅତିଥି ବକ୍ତା ଭାବରେ ଓଟିଭି ଚ୍ୟାନେଲର ନ୍ୟୁଜ୍ ଆଙ୍କର ସାମ୍ବାଦିକା ରାଜଶ୍ରୀ ସାହୁ ଓ ଅର୍ଗସ ନ୍ୟୁଜ ଚ୍ୟାନେଲର ଏଙ୍କର ସାମ୍ବାଦିକା ନିଳିମା ପ୍ରୀୟଦର୍ଶିନୀ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଡ.ସାହୁ ତାଙ୍କ ବକ୍ତବ୍ୟରେ କହିଲେ ଯେ, କେବଳ ଆଇନ ନାରୀନିର୍ଯ୍ୟାତନାକୁ ରୋକିପାରିବ ନାହିଁ । ସମାଜର ସବୁ ବର୍ଗର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହୋଇ ଏଭଳୀ କଳୁଷିତ କାର୍ଯ୍ୟକୁ ପ୍ରତିବାଦ କଲେ ନାରୀନିର୍ଯ୍ୟାତନାର ମାତ୍ରା କମିବ। ସମାଜ ନିଷ୍କ୍ରିୟ ହେଲେ କଳଙ୍କିତ ନିର୍ଯ୍ୟାତିତ ସମାସ୍ୟା ବଢେ। ଅନେକଗୁଡିଏ ଜୀବନ୍ତ ଉଦାହରଣ ଦେଇ ଆମ ସମାଜ କିଭଳି ସବୁ ଅପକର୍ମକୁ ଆଖିବୁଜିଦେଉଛି ତାହାର ଅବତାରଣ କରିଥିଲେ। ତେଣୁ ସଚେତନତା ଓ ପ୍ରତିକ୍ରୀୟାଶୀଳ ହୋଇ ପ୍ରତିବାଦ କଲେ ନାରୀନିର୍ଯ୍ୟାତନାକୁ କମାଇ ହେବ ବୋଲି ମୁଖ୍ୟଅତିଥି ଡ.ସାହୁ କହିଥିଲେ। ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ ତାଙ୍କ ବକ୍ତବ୍ୟରେ ନାରୀମାନେ ବିଭିନ୍ନ କ୍ଷେତ୍ରରେ କିଭଳି ଶିକ୍ଷିତ ଓ ସଚେତନଶୀଳ ହୋଇ ନିଜର ପରାକାଷ୍ଠା ଦେଖାଉଛନ୍ତି ତାହା ଉପରେ ବର୍ଣ୍ଣନା କରିଥିଲେ। ନାରୀଶିକ୍ଷା ବଢୁଛି ଓ ସମାଜରେ ନାରୀମାନଙ୍କ ଭୂମୀକା ବଢି ସଶକ୍ତ ହେଉଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ଅତିଥିବକ୍ତା ରାଜଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ନାରୀମାନେ ଆଉ ବେଚାରୀ ହୋଇ ବଞ୍ଚିବାକୁ ଚାହୁଁ ନାହାଁନ୍ତି ବରଂ ବିଚାରବ୍ୟକ୍ତ କରୁଛନ୍ତି ବୋଲି କହିଥିଲେ। ମହିଳାମାନେ ନିଜେ ନିଜକୁ ସଶକ୍ତ କରୁଛନ୍ତି ଓ ସମାଜରେ ପ୍ରତିଷ୍ଠିତ ହୋଇପାରୁଛନ୍ତି । ସେମାନଙ୍କୁ ପରିବାରର ବିଶ୍ୱାସ ଓ ସାମାଜର କେବଳ ସହାୟତାର ହାତର ଆବଶ୍ୟକତା ରହିଛି ବୋଲି କହିଥିଲେ । ସେହିପରି ନିଳିମା ପ୍ରୀୟଦର୍ଶୀନୀ ତାଙ୍କ ବକ୍ତବ୍ୟରେ ଆତ୍ମବିଶ୍ୱାସ ହିଁ ନାରୀକୁ ସଫଳତା ଦେଇପାରିବ । କାହାର ଚାପ, ବାହାରଲୋକଙ୍କ ଆଲୋଚନାକୁ ନେଇ ନିଜକୁ ସଙ୍କୁଚିତ କରିବା ନାହିଁ ,ବରଂ ଏକ ଉଦାର ହୃଦୟରେ ନିଜର କର୍ତ୍ତବ୍ୟ କରିଚାଲିବା । ନିଜେ ନିଜର ସୀମା ସରହଦ ଭିତରେ ରହି ସମାଜିକ ବ୍ୟବସ୍ଥାକୁ ମୁକାବିଲା କରିବା ଓ କେବେବି ହାରମାନିବାର ମାନସିକତା ରଖିବା ନାହିଁ ବୋଲି ଆହ୍ୱାନ ଦେଇଥିଲେ । ସ୍ମୃତିକମିଟିର ସଭ୍ୟ ବରିଷ୍ଠ ସାମ୍ବାଦିକ ଓଟିଭିର ପଶ୍ଚିମଓଡିଶା ବ୍ୟୁରୋଚିଫ ମନୋରଂଜନ ଯୋଷୀ ତାଙ୍କ ବକ୍ତବ୍ୟରେ ନାରୀମାନେ ଚରିତ୍ରବାନ ଓ ସଚେତନଶୀଳ ହେଲେ ନାରୀନିର୍ଯ୍ୟାତନାକୁ ରୋକାଯାଇ ପାରିବ ବୋଲି କହିଥିଲେ । ରାମାୟଣରେ ସୀତାଙ୍କ ଚରିତ୍ର ଯେଭଳି ମହାପ୍ରତାପୀ ରାବଣକୁ ସମ୍ମୋହିତ କରିବାରୁ ପ୍ରତିରୋଧ କରିପାରିଥିଲା ମହିଳାମାନେ ନିଜକୁ ସେଭଳି ଚରିତ୍ରବାନ କରି ଗଠନ କରିବାକୁ ଆହ୍ୱାନ ଦେଇଥିଲେ ।ଏହା ସହିତ କେତେକ ଆଦିବାସୀ ସମାଜରେ ଯେଭଳି ପୁରୁଷମାନେ ତାଙ୍କ ପତ୍ନୀଙ୍କୁ ସୁରକ୍ଷାଦେବାକୁ ଯତ୍ନବାନ ହୋଇଥାନ୍ତି ଆଜିର ସମାଜ ସେଭଳି ହେବାକୁ ମତଦେଇଥିଲେ ।ଏହି ଅବସରରେ ଡ.ନୃପରାଜ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସତ୍ୟନାରାୟଣ ବେହେରା ସ୍ମୃତିସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ସାମ୍ବାଦିକ ବିଭୁକଲ୍ୟାଣ ଗଡତ୍ୟା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ନାଗରିକ କମିଟିର ସଭାପତି ଡ.ଶ୍ରୀକର ମିଶ୍ର, ଲେଖିକା ଡ.ମଞ୍ଜୁବାଳା ପଣ୍ଡା, ସାମ୍ବାଦିକ ସୁଭାଷଚନ୍ଦ୍ର ପଣ୍ଡା, ସାମ୍ବାଦିକ ସଂଘର ସଭାପତି ଶିବପ୍ରସାଦ ପରିଡା, ପୂର୍ବତନ ସଭାପତି ଦିଲିପ ପୁରୋହିତ, ହରୀନାରାୟଣ ପୂଝାରୀ, ଅରୁଣ ମିଶ୍ର, ଶରତ ମିଶ୍ର, ଆନନ୍ଦ ସାହୁ, ସନ୍ଦିପ କୁଅଁର, ତରୁଣ ସାହୁ,ଦୀପକ ପୁରୋହିତ, ଶରତ ମହାକୁର, ରଞ୍ଜିତ ବେହେରା, ସୁନିଳ ମହାନ୍ତି, ଯୁଧିଷ୍ଠୀର ମେହେର, ଗୁପ୍ତେଶ୍ୱର ପୃଷ୍ଟି, କ୍ରୀଡାସଂସଦର କୃଷ୍ଣଚନ୍ଦ୍ର ପଣ୍ଡା, ସୁଧିର ପଣ୍ଡା, ପଦ୍ମଲୋଚନ ଆଚାର୍ଯ୍ୟ, କବି ଭାଗିରଥି ମିଶ୍ର, ସନାତନ ଠାକୁର, ଶଶିଭୂଷଣ ତ୍ରିପାଠୀ, ହିମାନୀ ତ୍ରିପାଠୀ, ରଶ୍ମିତା ପାତ୍ର, ସ୍ୱର୍ଗତ ବେହେରାଙ୍କ ପୁଅ ସୁଧାକର ବେହେରା,ସୁନିଳ ବେହେରାଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ ।

ଅନୁଚିହ୍ନ

ଆଲୋଚନାରେ ସମସ୍ୟା ନଥାଏ,
ସମସ୍ୟା ରହିଥାଏ ଶବ୍ଦରେ ।

ସମ୍ପାଦକୀୟ

ସ୍ୱଦେଶୀ ଆପଣାଇବା

ଟ୍ରମ୍ପଙ୍କ ଟାରିଫ ଟେନ୍‌ସନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସ୍ୱଦେଶୀ ଉତ୍ପାଦ ଖର୍ଦ୍ଦି କରିବାକୁ ଏବଂ ଏମ୍‌ଏସ୍‌ଏମ୍‌ଇକୁ ନିହାତି ଭାବେ ଆଗକୁ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି । କହିଛନ୍ତି, ଆମେ ଯେତେ ଅଧିକ ସ୍ୱଦେଶୀ ଆପଣାଇବା, ଦେଶ ସେତେ ମଜଭୁତ ହେବ । ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧୀତ କରି ମୋଦୀ ମଧ୍ୟ ଜିଏସ୍‌ଟିକୁ ସରଳୀକରଣ କରିବାକୁ ଘୋଷଣା କରିଛନ୍ତି । ଏହା ମଧ୍ୟ ଏକ ବଡ଼ ଘୋଷଣା । ଏହାଫଳରେ ଏମ୍‌ଏସ୍‌ଏମ୍‌ଇକୁ ବହୁତ ଲାଭ ମିଳିବ। ଦେଶର ଅର୍ଥବ୍ୟବସ୍ଥାର ମେରୁଦଣ୍ଡ କୁହାଯାଉଥିବା ଏମ୍‌ଏସ୍‌ଏମ୍‌ଇର ଆହ୍ୱାନଗୁଡ଼ିକର ସମାଧାନ ପାଇଁ ନୂଆ ରଣନୀତି ଉପରେ ମଧ୍ୟ ଆଗକୁ ବଢ଼ିବା ଜରୁରୀ । ଚଳିତ ଆର୍ଥିକ ବର୍ଷର ବଜେଟରେ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ମଜଭୁତ କରିବା ଉଦ୍ଦେଶ୍ୟରେ ମଧ୍ୟ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ସିଧାସଳଖ ସହାୟତା ହେଉ ବା ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ସହାୟତା ହେଉ, ଏମ୍‌ଏସ୍‌ଏମ୍‌ଇକୁ ଆଗକୁ ବଢ଼ିବାକୁ ହେବ । ନୂଆ ଯୋଜନା, କାରବାରରେ ସୁଗମତା, ବୈଶ୍ୱିକ ବଜାରରେ ସୁବିଧାରେ ପହଞ୍ଚିବା, ଅନୁପାଳନ ବୋଝ ହ୍ରାସ ପାଇବା, ଜିଏସ୍‌ଟି ଜିଏସ୍‌ଟି ସରଳତା ଆଦି ଉପରେ ଧ୍ୟାନ ଦେବାକୁ ହେବ ।

> **ଦେଶର ଅର୍ଥବ୍ୟବସ୍ଥାର ମେରୁଦଣ୍ଡ କୁହାଯାଉଥିବା ଏମ୍‌ଏସ୍‌ଏମ୍‌ଇର ଆହ୍ୱାନଗୁଡ଼ିକର ସମାଧାନ ପାଇଁ ନୂଆ ରଣନୀତି ଉପରେ ମଧ୍ୟ ଆଗକୁ ବଢ଼ିବା ଜରୁରୀ । ସିଧାସଳଖ ସହାୟତା ହେଉ ବା ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ସହାୟତା ହେଉ, ଏମ୍‌ଏସ୍‌ଏମ୍‌ଇକୁ ଆଗକୁ ବଢ଼ିବାକୁ ହେବ ।**

ଚଳିତ ଆର୍ଥିକ ବର୍ଷରେ ଏମ୍‌ଏସ୍‌ଏମ୍‌ଇକୁ ଦିଆଯିବାକୁ ଥିବା ଋଣର ଲକ୍ଷ ଗତବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ବଢ଼ାଇଦିଆଯାଇଛି । ରପ୍ତାନୀକାରୀମାନଙ୍କୁ ସହାୟତା କରିବା ପାଇଁ ସରକାର ୨୨୫୦ କୋଟି ଟଙ୍କାର ରପ୍ତାନୀ ସମ୍ବର୍ଦ୍ଧନ ମିଶନ ଲାଗୁ କରିବାକୁ ଏବଂ ବିନା ବନ୍ଧକରେ ଋଣ ଦେବାକୁ ଲକ୍ଷ୍ୟ ରଖିଛନ୍ତି । ଦେଶର ଉତ୍ପାଦନ, ରପ୍ତାନୀ ଓ ରୋଜଗାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏମ୍‌ଏସ୍‌ଏମ୍‌ଇର । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନିକଟରେ ସଂସଦରେ କହିଥିଲେ ଯେ, ଦେଶରେ ବର୍ତ୍ତମାନ ସମୟରେ ପଞ୍ଜିକୃତ ୬.୫ କୋଟି ଏମ୍‌ଏସ୍‌ଏମ୍‌ଇ ପ୍ରାୟ ୨୮ କୋଟି ଲୋକଙ୍କୁ ରୋଜଗାର ଦେଉଛି । ଦେଶର ଜିଡ଼ିପିରେ ଏମ୍‌ଏସ୍‌ଏମ୍‌ଇର ଯୋଗଦାନ ପ୍ରାୟ ୩୦.୧ ପ୍ରତିଶତ । ମ୍ୟାନୁଫାକ୍‌ଚରିଂରେ ୩୫.୫ ପ୍ରତିଶତ ଓ ରପ୍ତାନୀରେ ୪୫.୭୩ ପ୍ରତିଶତ ଯୋଗଦାନ ରହିଛି ଏମ୍‌ଏସ୍‌ଏମ୍‌ଇର ।

ଆମେରିକା ରାଜନୀତିରେ ହଲଚଲ

ବୈଶ୍ୱିକ ରାଜନୀତିରେ ରୁଷ ଓ ଚୀନ ସହ ଭାରତର ବୃଦ୍ଧି ପାଉଥିବା ସମ୍ପର୍କ ଏବଂ ବିଶ୍ୱରେ ଭାରତକୁ ମିଳୁଥିବା ସମର୍ଥନକୁ ନେଇ ଆମରିକା ରାଜନୀତିରେ ହଲଚଲ ସୃଷ୍ଟି ହୋଇଛି । ଟ୍ରମ୍ପଙ୍କର ପ୍ରବଳ ସମର୍ଥକ ଓ ରିପବ୍ଲିକାନ ସହଯୋଗୀ ଭାବେ ଜଣାଶୁଣା ଜାତିସଂଘରେ ଆମେରିକାର ପୂର୍ବତନ ରାଜଦୂତ ଥିବା ନିକ୍କି ହାଲି ଭାରତ ଉପରେ ଆମେରିକା ଲଗାଇଥିବା ଟାରିଫର ଖୁବ୍ ସମାଲୋଚନା କରିଛନ୍ତି । ଟ୍ରମ୍ପଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି, ଭାରତକୁ ଚୀନ ଭଳି ଶତ୍ରୁ ଭାବିବା ଠିକ୍ ନୁହେଁ । ଚୀନ ପ୍ରତି ଯେଉଁ ବ୍ୟବହାର ପ୍ରଦର୍ଶନ କରାଯାଉଛି ଭାରତ ପ୍ରତି ସେଭଳି ପ୍ରଦର୍ଶନ କରିବା ଅନୁଚିତ । ନିକ୍କି କହିଛନ୍ତି,

ରୁଷରୁ ଭାରତ ତୁଳନାରେ ଚୀନ ଅଧିକ ତୈଳ କିଣୁଛି, କିନ୍ତୁ ଚୀନ ଉପରେ ପ୍ରତିବନ୍ଧ ଲଗାନଯାଇ ଭାରତ ଉପରେ ପ୍ରତିବନ୍ଧ ଲଗାଯାଉଛି । ସେ ମଧ୍ୟ ଟ୍ରମ୍ପଙ୍କୁ ସତର୍କ କରିଦେଇଛନ୍ତି। କହିଛନ୍ତି, ୱାଶିଂଟନ ଓ ଦିଲ୍ଲୀ ମଧ୍ୟରେ ସମ୍ପର୍କ ଭାଙ୍ଗିଯିବା ଅବସ୍ଥାରେ ପହଞ୍ଚିଗଲାଣି, ଭାରତ ସହ ସମ୍ପକକୁ ପୁଣି ଯୋଡ଼ିବା ଜରୁରୀ। ନ୍ୟୁଜୱିକ ପତ୍ରିକାରେ ନିକ୍କିଙ୍କ ଆଲେଖ୍ୟ ପ୍ରକାଶ ପାଇଛି । ଏଥିରେ ନିକ୍କି କହିଛନ୍ତି, ଭବିଷ୍ୟତରେ ଭାରତ ଚୀନକୁ ଟପି ଯିବ । ଗତ ୨୫ ବର୍ଷର ପରିଶ୍ରମକୁ ମାତ୍ର କିଛି ଦିନରେ ବେକାର କରିଦିଆନଯାଉ । ନିକ୍କି କହିଛନ୍ତି ମଧ୍ୟ-ପୂର୍ବରେ ଭାରତର ବୃଦ୍ଧି ପାଉଥିବା ପ୍ରଭାବରୁ ଆମେରିକାକୁ ଫାଇଦା ମିଳିପାରିବ। କାରଣ ଭାରତ ସହ ସମ୍ପର୍କ ଦୃଢ଼ କରି ସେହି ଅଞ୍ଚଳକୁ ସ୍ଥିର ରଖିବାରେ ଆମେରିକାକୁ ନିଜ ସଂସାଧନ ଉପରେ କମ୍ ଖର୍ଚ୍ଚ କରିବାକୁ ପଡ଼ିବ । ଏହା ଭୁଲିଯିବା ଅନୁଚିତ ଯେ ଇସ୍ରାଏଲ ଭଳି ଭାରତ ମଧ୍ୟ ଆମେରିକାର ବଡ଼ ଅସ୍ତ୍ରଶସ୍ତ୍ର କ୍ରେତା । ନିକ୍କି ୨୦୨୪ରେ ରାଷ୍ଟ୍ରପତି ନିର୍ବାଚନରେ ଥିଲେ ଟ୍ରମ୍ପଙ୍କର ବଡ଼ ସମର୍ଥକ, କିନ୍ତୁ ଟ୍ରମ୍ପଙ୍କ ଅଗ୍ରହଣୀୟ ନୀତିର ସମାଲୋଚନା କରିବାକୁ ସେ ପଛାଉନାହାନ୍ତି। ନିକ୍କିଙ୍କ ଭଳି ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସ୍ୟାକ୍ସ ମଧ୍ୟ ଟ୍ରମ୍ପଙ୍କ ଟାରିଫ ଆମେରିକା-ଭାରତ ସମ୍ପର୍କ ପାଇଁ ଘାତକ ହେବ ବୋଲି କହିଛନ୍ତି।

ସାମ୍ପ୍ରତିକୀ

୧୦୦ ଟପ୍ ଭାରତୀୟ କମ୍ପାନୀଙ୍କ ବ୍ରାଣ୍ଡ୍ ମୂଲ୍ୟ ୨୩୬ ବିଲିୟନ ଡଲାର

ବ୍ରାଣ୍ଡ୍ ଫାଇନାନ୍ସ ଇଣ୍ଡିଆ ର୍ୟାଙ୍କିଙ୍ଗ ଅନୁଯାୟୀ ଟପ୍ ୧୦୦ ଭାରତୀୟ କମ୍ପାନୀଙ୍କ ସାମୂହିକ ବ୍ରାଣ୍ଡ୍ ମୂଲ୍ୟ ୨୩୬.୫୦ ବିଲିୟନ ଡଲାର । ଟାଟା ଗ୍ରୁପ ୩୦ ବିଲିୟନ ଡଲାରରୁ ଅଧିକ ବ୍ରାଣ୍ଡ୍ ମୂଲ୍ୟ ସହ ପୁଣି ଥରେ ଭାରତ ସବୁଠାରୁ ମୂଲ୍ୟବାନ ବ୍ରାଣ୍ଡ୍ ଭାବେ ଉଭା ହୋଇଛି । ଟାଟାର ବ୍ରାଣ୍ଡ୍ ମୂଲ୍ୟ ଗତ ବର୍ଷ ତୁଳନାରେ ୧୦% ବୃଦ୍ଧି ପାଇ ୩୧.୬ ବିଲିୟନ ଡଲାର ହୋଇଛି । ଆଦାନୀ ଗ୍ରୁପ ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଭାରତୀୟ ବ୍ରାଣ୍ଡ୍ ଭାବେ ସାମ୍ନାକୁ ଆସିଛି । ଆଦାନୀ ଗ୍ରୁପର ବ୍ରାଣ୍ଡ ମୂଲ୍ୟ ୨୦୨୪ରେ ଥିଲା ୩.୫୫ ବିଲିୟନ ଡଲାର, ୨୦୨୫ରେ ଏହା ହୋଇଯାଇଛି ୬.୪୬ ବିଲିୟନ ଡଲାର । ଟାଟା ପରେ ଦ୍ୱିତୀୟ ସ୍ଥାନରେ ରହିଥିବା ଇନ୍‌ଫୋସିସ୍‌ର ବ୍ରାଣ୍ଡ୍ ମୂଲ୍ୟ ୧୫ ପ୍ରତିଶତ ବୃଦ୍ଧି ପାଇ ୧୬.୩ ବିଲିୟନ ଡଲାର ହୋଇଯାଇଛି । ତୃତୀୟ ସ୍ଥାନରେ ରହିଛି ଏଚ୍‌ଡ଼ିଏଫ୍‌ସି ଗ୍ରୁପ । ଏହାର ବ୍ରାଣ୍ଡ୍ ମୂଲ୍ୟ ୩୭% ବୃଦ୍ଧି ପାଇ ହୋଇଛି ୧୪.୨ ବିଲିୟନ ଡଲାର । ଚତୁର୍ଥ ସ୍ଥାନରେ ରହିଛି ଏଲ୍‌ଆଇସି । ଏହାର ବ୍ରାଣ୍ଡ୍ ମୂଲ୍ୟ ୩୫% ବୃଦ୍ଧି ପାଇ ୧୩.୬ ବିଲିୟନ ଡଲାର ହୋଇଛି। ଲଗାତାର ଚତୁର୍ଥବର୍ଷ ପାଇଁ ଭାରତର ସବୁଠାରୁ ମଜଭୁତ ବ୍ରାଣ୍ଡ୍ ଭାବେ ଉଭା ହୋଇଛି ତାଜ ହୋଟେଲ୍‌ସ । ଏସିଆନ ପେଣ୍ଟ୍‌ସ ଚଳିତବର୍ଷ ହୋଇଛି ଦ୍ୱିତୀୟ ସବୁଠାରୁ ମଜଭୁତ ଭାରତୀୟ ବ୍ରାଣ୍ଡ୍ । ଏହି ବର୍ଗରେ ତୃତୀୟ ସ୍ଥାନରେ ରହିଛି ଅମୁଲ।

କୃଷି ଓ କୃଷକଙ୍କ ସେବାରେ ଓୟୁଏଟି

ପ୍ରଫେସର ନିରଞ୍ଜନ ପଣ୍ଡା

୧୯୬୨ ଅଗଷ୍ଟ ୨୪ ତାରିଖ ଦିନ ଭାରତର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଭାବେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ସମୟ ସହିତ ବିଶ୍ୱବିଦ୍ୟାଳୟର କଳେବର ବୃଦ୍ଧି ପାଇବା ସହ ରାଜ୍ୟ କୃଷକଙ୍କର ଖାଦ୍ୟ ଓ ଜୀବିକା ସୁରକ୍ଷା ଓ ଆର୍ଥିକ ପ୍ରଗତିରେ ଏହାର ନିରନ୍ତର ଅବଦାନ ପାଇଁ ପ୍ରତିଷ୍ଠା ମଧ୍ୟ ସାଉଁଟିବାରେ ଲାଗିଛି। କୃଷି ଶିକ୍ଷା ଦାନ, ଗବେଷଣା ଓ ସମ୍ପ୍ରସାରଣ ବିଶ୍ୱବିଦ୍ୟାଳୟର ପ୍ରମୁଖ ଆଭିମୁଖ୍ୟ ହୋଇଥିବାବେଳେ, ଗବେଷଣା ନିର୍ଦ୍ଦେଶାଳୟର ଅବଦାନ ଓ ପରିବର୍ତ୍ତିତ ଜଳବାୟୁରେ ଏହାର ଗୁରୁତ୍ୱ ମଧ୍ୟ ସ୍ୱତନ୍ତ୍ର ହେବାରେ ଲାଗିଛି । କୃଷି ଗବେଷଣାକୁ ସ୍ଥାନୀୟ ସମସ୍ୟା, ଅଂଚଳ ଓ ଫସଲଭିତ୍ତିକ କରିବା ପାଇଁ ୮ଟି ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୪ଟି ଉପଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୭ଟି ଦ୍ରବ୍ୟଭିତ୍ତିକ ଗବେଷଣା କେନ୍ଦ୍ର ଓ ୫୧ଟି ସର୍ବଭାରତୀୟ ସମନ୍ୱିତ ପ୍ରକଳ୍ପ ନିରନ୍ତର ଭାବେ କାର୍ଯ୍ୟରତ ଅଛନ୍ତି । ନୂତନ କିସମ ଉଦ୍ଭାବନ ସହ ଫସଲରେ ଖାଦ୍ୟ ସାର ଓ ରୋଗ ପୋକ ପରିଚାଳନା, ଫସଲ ପର୍ଯ୍ୟାୟ, ସମନ୍ୱିତ କୃଷି ପଦ୍ଧତି ଓ କୃଷି ବନୀକରଣ, ଜୈବିକ ଓ ପ୍ରାକୃତିକ କୃଷି, ଜଳବାୟୁ ଅନୁକୂଳ କୃଷି ପ୍ରଣାଳୀ, ମୃତ୍ତିକା ଓ ଜଳ ପରିଚାଳନା, କ୍ଷୁଦ୍ର ଜଳସେଚନ, ଶୁଷ୍କାଞ୍ଚଳ କୃଷି, କୃଷି ଯାନ୍ତ୍ରିକକରଣ, ଛତୁ ଚାଷ, ମହୁମାଛି ପାଳନ, ଖାଦ୍ୟ ପ୍ରକ୍ରିୟାକରଣ ଆଦିରେ ନୂତନ ଜ୍ଞାନ କୌଶଳର ବିକାଶ,ପରୀକ୍ଷଣ ଓ ପ୍ରମାଣୀକରଣରେ ବୈଜ୍ଞାନିକ ଓ ଗବେଷକମାନେ ନିୟୋଜିତ ରହି ବିଶ୍ୱବିଦ୍ୟାଳୟର ଗବେଷଣା ଅବଦାନକୁ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିଛନ୍ତି। ପରିବର୍ତ୍ତିତ ସମସ୍ୟା, ସୁଯୋଗ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରକ୍ଷିତ କୃଷି, ସଠିକ୍ ଓ ସୁରକ୍ଷିତକୃଷି, ଜୈବ ପ୍ରଯୁକ୍ତିବିଦ୍ୟା, ନାନୋଟେକ୍ନୋଲୋଜି, କୃତ୍ରିମ ବୁଦ୍ଧିମତ୍ତା ଓ ଭୌଗୋଳିକ ସୂଚନା ପ୍ରଣାଳୀଭିତ୍ତିକ କୃଷି ଉପରେ ଗବେଷଣା ଉଦ୍ୟମ ମଧ୍ୟ ଆରମ୍ଭ ହୋଇଛି ।

ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଦ୍ୟାବଧି ୧୦୦ରୁ ଊର୍ଦ୍ଧ୍ୱ ଅମଳକ୍ଷମ ଫସଲ କିସମ ବିକଶିତ ହୋଇ ରାଜ୍ୟର କୃଷକମାନଙ୍କ ନିକଟରେ ଆଦୃତ ହୋଇ ସାରିଥିବାବେଳେ ଚଳିତବର୍ଷ ବୈଜ୍ଞାନିକମାନଙ୍କ ଦ୍ୱରା ୧୨ଟି ଅଧିକ ଅମଳକ୍ଷମ, ରୋଗ ପୋକ ସହନଶୀଳ ଓ ପୋଷକତତ୍ତ୍ୱ ଯୁକ୍ତ କ୍ଷେତ୍ର ଫସଲ କିସମ କୃଷକମାନଙ୍କ ସେବାରେ ଲୋକାର୍ପିତ ହୋଇଛି । ୮ଟି ଉଦ୍ୟାନ ଫସଲ କିସମ (ପନିପରିବା, ଆଳୁ, କାଜୁ, କଳା ହଳଦୀ, ଆମ୍ବ, ଅଦା) ରାଜ୍ୟସ୍ତରୀୟ କିସମ ଅନୁମୋଦନ କମିଟିର ଅନୁମୋଦନ ଅପେକ୍ଷାରେ ରହିଛି। ଅଧିକ ପୋଷକତତ୍ତ୍ୱ ଓ ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ନାଲି ଧାନ କିସମ ନମ୍ରତା ଓ ପଦ୍ମଜା, ସ୍ୱଳ୍ପ ଅବଧି ଓ ରୋଗ ପୋକ ସହନଶୀଳ କିସମ ପରଜା ଏବଂ ଅଧିକ ଅମଳକ୍ଷମ, ରୋଗପୋକ ସହନଶୀଳ ଓ ବିଳମ୍ବ ଧାନ କିସମ ଶ୍ରୀପଦ ଚାଷୀମାନଙ୍କ ନିକଟରେ ଆଦୃତ ହେବାସହ ରାଜ୍ୟ ଧାନ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

ସଦ୍ୟ ବିକଶିତ ହୋଇଥିବା ଅଣଧାନ କିସମ ରାଜ୍ୟ ସରକାରଙ୍କ ଫସଲ ବିବିଧିକରଣ ଓ ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଯୋଜନାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଏହି ଫସଲ କିସମଗୁଡିକ ମାଣ୍ଡିଆ (ଶ୍ରୀ ନିଧି), ବିରି (ଶ୍ରୀୟା), ଅଳସି (ପ୍ରଭାତ), ମକା (ଖୁସି), ଜଡ଼ା (ମାଣିକ), ସୋରିଷ (ସମୃଦ୍ଧି ଓ ସିଦ୍ଧି) ଓ ଟୋରିଆ (ଜୟନ୍ତୀ) ନିଜସ୍ୱ ସ୍ୱତନ୍ତ୍ର ବିଶେଷତା ଯୋଗୁ ଚାଷୀମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହୋଇପାରିବ । ମଧ୍ୟମ ଅବଧି ମାଣ୍ଡିଆ କିସମ (ଶ୍ରୀ ନିଧି)ର ହାରାହାରି ହେକ୍ଟର ପ୍ରତି ଅମଳ ୨୫.୨୦ କ୍ୱିଣ୍ଟାଲ ହୋଇଥିବା ବେଳେ ଏଥିରେ ପୁଷ୍ଟିସାର, ଆଇରନ ଓ ଜିଙ୍କ୍ ଆଦି ପୋଷକତତ୍ତ୍ୱ ମାତ୍ରା ଅଧିକ ରହୁଥିବାରୁ ଏହି ଲଘୁ ଶସ୍ୟ କିସମ ରାଜ୍ୟ ଖାଦ୍ୟ ଓ ପୋଷଣ ସୁରକ୍ଷାରେ ବ୍ୟାପକ ଭୂମିକା ଗ୍ରହଣରେ ସହାୟକ ହେବ। ସାହେବି ଓ ପତ୍ରମୋଡା ରୋଗ ଏବଂ ଧଳା ମାଛି, ପତ୍ରଉକୁଣି ଓ ଛୁଁନି ବିନ୍ଧା ପୋକ ସହନଶୀଳ ମଧ୍ୟମ ଅବଧିର ବିରି କିସମ (ଶ୍ରୀୟା) ଧାନ ପରବର୍ତ୍ତୀ ପଡ଼ିଆ ଜମିର ସଫଳ ପରିଚାଳନା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ସ୍ୱଳ୍ପ ଅବଧିର ଟୋରିଆ କିସମ (ଜୟନ୍ତୀ) ଓ ସୋରିଷ କିସମ (ସମୃଦ୍ଧି ଓ ସିଦ୍ଧି)ରାଜ୍ୟର ଉଭୟ ଉପକୂଳବର୍ତ୍ତୀ ଓ ଆଭ୍ୟନ୍ତରୀଣ ଅଞ୍ଚଳର ଧାନ ପର୍ଯ୍ୟବସିତ ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇ ଚାଷୀର ଆୟ ଦ୍ୱିଗୁଣିତ କରିବା ସହ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହେବାରେ ଯଥେଷ୍ଟ ସହାୟକ ହେବ । ଅଧିକ ଅମଳକ୍ଷମ, ମଧ୍ୟମ ଅବଧି ଏବଂ ଉଭୟ ଖରିଫ ଓ ପ୍ରାକ୍ ରବି ଚାଷ ପାଇଁ ଉପଯୋଗୀ ଅଳସି କିସମ ପ୍ରଭାତ କୋରାପୁଟ, ମାଲକାନଗିରି ଓ କେନ୍ଦୁଝର ଆଦି ଆଦିବାସୀ ବହୁଳ ଅଞ୍ଚଳର ଚାଷୀମାନଙ୍କ ପାଖରେ ଆଦୃତ ହୋଇପାରିବ ।

ସମ୍ପ୍ରତି ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ ଅଳସି ଦାନା,ତେଲ ଓ ପିଡିଆର ଚାହିଦା ଅହେତୁକ ବୃଦ୍ଧି ପାଉଥିବାବେଳେ, ଏହି କିସମଟି ଚାଷୀମାନଙ୍କ ପାଇଁ ବରଦାନ ହେବ ବୋଲି ଆଶା କରାଯାଉଛି । ରାଜ୍ୟ ସରକାର ରେଶମ ଚାଷକୁ ପ୍ରୋତ୍ସାହନ ଦେଉଥିବାବେଳେ ଏରି ରେଶମ କୀଟର ପୋଷକ ଫସଲ ଜଡ଼ା ଚାଷକୁ ମଧ୍ୟ ପ୍ରାଥମିକତା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟର ପ୍ରଥମ ଶଙ୍କର ଜଡ଼ା କିସମ ମାଣିକ ବିକଶିତ ହୋଇଛି। ଏହା ମୂଳଶଢା ଭଳି ପ୍ରମୁଖ କ୍ଷତିକାରକ ରୋଗ ବିରୁଦ୍ଧରେ ସହନଶୀଳ ଥିବା ସହ ଏହାର ପତ୍ରରେ ସ୍ୱଳ୍ପ ପରିମାଣର ମହମ ଥିବାରୁ ଏରି ପୋକର ଖାଦ୍ୟ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଅଧିକ ଅମଳକ୍ଷମ ମକା କିସମ (ଖୁସି) ରାଜ୍ୟର ଉଚ୍ଚ ଓ ଢ଼ାଲୁ ଜମିରେ ଫସଲ ପରିବର୍ତ୍ତନ ପ୍ରୟାସକୁ ତ୍ୱରାନ୍ୱିତ କରିବା ସହ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନାକୁ ସଫଳ ରୂପ ଦେବାରେ ସକ୍ଷମ ହୋଇପାରିବ। ମାଣ୍ଡିଆ ଅମଳ ଯନ୍ତ୍ର, ବଳଦ ଟଣା ମଞ୍ଜି ବୁଣା ଯନ୍ତ୍ର, ସୌରଚାଳିତ ବହୁମୁଖୀ ଯାନ ଆଦିର ଉଦ୍ଭାବନ ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକକରଣ ଗବେଷଣାକୁ ସମୃଦ୍ଧ କରିଛି । ଧାତବ ଲବଣ ଓ ବୃଦ୍ଧି ଉଦ୍ଦୀପକ ପ୍ରୟୋଗ ଦ୍ୱାରା ବିଂଝାରପୁରୀ ଦେଶୀ ଗାଈର ପ୍ରଜନନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି, କୃମି ନାଶକ ଓ ପୋଷାକତତ୍ତ୍ୱ ପରିଚାଳନା ମାଧ୍ୟମରେ ଗଞ୍ଜାମ ଛେଳିର ଶାରୀରିକ ବିକାଶ ଆଦିଜ୍ଞାନକୌଶଳ ରାଜ୍ୟର ପ୍ରାଣୀପାଳନଭିତ୍ତିକ ଜୀବିକାକୁ ନୂତନ ଦିଗ ପ୍ରଦାନ କରିଛି। ଅନେକ ଉପଲବ୍ଧି ସହ ଆଗାମୀ ଦିନର ଆହ୍ୱାନର ସମ୍ମୁଖୀନ ହୋଇ କୃଷି ଓ କୃଷକମାନଙ୍କ ସେବାରେ ରାଜ୍ୟର ଏହି ଏକକ ବିଶ୍ୱବିଦ୍ୟାଳୟ ସଦାସର୍ବଦା ସମର୍ପିତ।

ଗବେଷଣା ଅଧକ୍ଷ, ଓୟୁଏଟି

ଦାରିଦ୍ର୍ୟ ଓ ଅସମାନତା

ହିମାଂଶୁ ଶେଖର ଆଚାର୍ଯ୍ୟ

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ, ତାହାହେଲା ଦେଶ ଦରିଦ୍ର ହୁଏ କାହିଁକି? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେନାହିଁ। ସାଧାରଣ ଅର୍ଥରେ କହିଲେ ଦାରିଦ୍ର୍ୟ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଦରିଦ୍ର କାରଣ ତାହା ଦରିଦ୍ର'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏହି ଦାରିଦ୍ର୍ୟ ଅସମାନତା ସୃଷ୍ଟି କରେ ଯାହାର ପ୍ରଭାବ ଅର୍ଥବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଏ । ସେଥିପାଇଁ କେତେକ ଲୋକ ପ୍ରାଚୁର୍ଯ୍ୟ ଭିତରେ ଥିବା ବେଳେ ଆଉ କେତେକ ଦାରିଦ୍ର୍ୟ ଅବସ୍ଥାରେ ରହିଥାନ୍ତି।

ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛାଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ରେ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହାକି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶତରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି। ନିକଟରେ ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଛି ।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିହାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷେପ ନେବା ଜରୁରୀ ମନେହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ । ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟରେ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି।

ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧି ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତା' ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ମାତ୍ର ୩ଗୁଣ ବୃଦ୍ଧି ପାଇଛି। ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ, ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକ ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥିସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକ ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ । ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ର୍ୟର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥିସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେ କୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । କୃଷିଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବୋକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷେପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବା ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ । (ଖ) ଦରିଦ୍ରମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍। (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ । (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ । (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

> **ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭକରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ।**

ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ।

ଅବସରପ୍ରାପ୍ତ ଅଧ୍ୟାପକ
ତିର୍ତ୍ତୋଲ,ଜଗତସିଂହପୁର
ମୋ : ୯୯୩୭୧୫୧୦୫୨

ହିକା ଉଠିଲେ କ'ଣ କରିବେ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆମ ସ୍ୱାସ୍ଥ୍ୟ

କାହିଁକି ଆସେ ହାକୁଟି? ଏହାକୁ ନେଇ ବୈଜ୍ଞାନିକ କାରଣ ଯାହା ହେଇ ଥାଉନା କାହିଁକି କିଛି ମିଥ୍ ମଧ୍ୟ ରହିଛି। କେତେକଙ୍କ ବିଶ୍ୱାସରେ କେହି ଯଦି କାହାକୁ ମନେପକାଏ ତେବେ ଯାହାକୁ ମନେ ପକାଯାଉଥାଏ ତା'ର ହାକୁଟି ଉଠେ। ମାତ୍ର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦେଖିଲେ ଆମର ଛାତି ଏବଂ ପେଟ ମଝାମଝି ଏକ ମାଂସପେଶୀ ରହିଛି। ଏହାକୁ ଡାୟାଫ୍ରାମ ବୋଲି କୁହାଯାଏ। ଡାୟାଫ୍ରାମ ଉକ୍ତ ଦୁଇ ଭାଗକୁ ପୃଥକ ରଖିବାରେ ସାହାଯ୍ୟ କରେ ଏବଂ ଶ୍ୱାସପ୍ରଶ୍ୱାସ ନେବା ଛାଡ଼ିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। କୌଣସି କାରଣରୁ ଯଦି ଡାୟାଫ୍ରାମ ସଙ୍କୁଚିତ ହୁଏ ତେବେ ଫୁସଫୁସ ବାହାରର ବାୟୁ ତୀବ୍ର ଭାବେ ଭିତରକୁ ଟାଣିଥାଏ । ଏହାଦ୍ୱାରା ଶ୍ୱାସକ୍ରିୟାରେ ଅସ୍ୱାଭାବିକତା ପରିଲକ୍ଷିତ ହୋଇଥାଏ। ଏହା ହିକାର କାରଣ ହୋଇଥାଏ।

ତେବେ ଏପରି ଘଟେ କାହିଁକି? ଅଧିକ ମାତ୍ରାରେ ଭୋଜନ କରିବା, ଶୀଘ୍ର ଶୀଘ୍ର ଭୋଜନ କରିବା, ଧୂମପାନ, ଚିଉଇଙ୍ଗମ୍ ଚୋବାଇବା, ପେଟରେ ଗ୍ୟାସ, ଏସିଡିଟି, ତନ୍ତ୍ରରେ ଅସ୍ୱାଭାବିକତା, ଅତ୍ୟଧିକ ମଦ୍ୟପାନ ଆଦି ହିକାର କାରଣ ହୋଇଥାଏ। ପେଟ ବା ଅନ୍ତ୍ରରେ କୌଣସି ସମସ୍ୟା ଥିଲେ କ୍ଷତିକାରକ ଧୂଆଁ। ଏପରିକି କିଛି ଔଷଧର ପ୍ରଭାବରୁ ମଧ୍ୟ ଏହା ହୋଇଥାଏ। ଏହାବାଦ ବହୁ ସମୟ ଧରି କାନ୍ଦିଲେ, ଛୋଟପିଲା ଥଣ୍ଡା ରୋଗରେ ପୀଡ଼ିତ ହୋଇଥିଲେ, ନବଜାତ ଶିଶୁ ମା'କ୍ଷୀର ଅଧିକ ପିଇବା ଦ୍ୱାର ହିକା ଆସିଥାଏ। ପିଲା ବର୍ଷକର ହୋଇଥିଲେ ତା'ଠାରେ ଏହି ଲକ୍ଷଣ ପ୍ରକାଶ ପାଇବା ଏକ ସାଧାରଣ କଥା। ତେଣୁ ଏହାକୁ ନେଇ ଚିନ୍ତିତ ହେବାର କୌଣସି କାରଣ ନାହିଁ। ତେବେ କୌଣସି ଶିଶୁର ରିଫ୍ଲକ୍ସ ସମସ୍ୟା ଥିଲେ ହିକା ଆସିବାର ସମ୍ଭାବନା ବଢ଼ିଯାଏ।

ହିକା ଆସିବା କ'ଣ ଖରାପ? ଏମିତିରେ ହିକା ଉଠିବା ଏତେ ବଡ଼ ସମସ୍ୟା ନୁହେଁ। ତେବେ ବାରମ୍ବାର ଯଦି ହିକା ଉଠୁଥାଏ, ତା' ସହିତ ଜ୍ୱର ଆସିବା, ଯନ୍ତ୍ରଣା ହେବା, ଶ୍ୱାସ ଗ୍ରହଣରେ କଷ୍ଟ ଅନୁଭବ କରିବା କିମ୍ବା ବାନ୍ତି ବାନ୍ତି ଲାଗିବା ସମସ୍ୟା ଦେଖାଦେଲେ ଏହା ବିପଦଜନକ ହୋଇଥାଏ। ଏମିତି ହାକୁଟି ଅଳ୍ପ ସମୟ ପାଇଁ ରହିଥାଏ। ତେବେ ହାକୁଟି ତିନିଘଣ୍ଟାରୁ ଅଧିକ ସମୟ ପାଇଁ ଲାଗି ରହିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।

ହାକୁଟି ରୋକିବାକୁ କିଛି ଘରୋଇ ଉପାୟ : ସାଧାରଣତଃ ହାକୁଟି ଉଠିଲେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଏହାକୁ କିପରି ରୋକି ହେବ ପ୍ରୟାସ ଆରମ୍ଭ କରିଦିଅନ୍ତି। କେହି କେହି ତ କହନ୍ତି ଚମକାଇ ଦେଲେ ହାକୁଟି ଆଉ ଉଠେ ନାହିଁ। କେହି କେହି ଦୁଇ ତିନିଗ୍ଲାସ ପାଣି ପିଇ ଏହାକୁ ଅଟକାଇବାକୁ ଚାହାନ୍ତି। ମାତ୍ର ସବୁବେଳେ ଏହି ଉପାୟ କାମ ଦିଏ ନାହିଁ। ହାକୁଟି ବନ୍ଦ ହୁଏ ନାହିଁ। ହାକୁଟି ଜୋର ହେଉଥିଲେ ଆଉ କିଛି ଉପାୟ ମଧ୍ୟ ଜାଣି ରଖନ୍ତୁ।

ଥଣ୍ଡା ପାଣି ପିଇବା ବା ବରଫ ଚୁଷିବା ଦ୍ୱାରା ହାକୁଟି କମେ। ବ୍ୟକ୍ତି ଧ୍ୟାନ ଅନ୍ୟ ଆଡ଼େ ନେଇଯିବା ଦ୍ୱାରା ମଧ୍ୟ ହାକୁଟି କମେ ବୋଲି କୁହାଯାଏ। ଜିଭକୁ ଯେତେ ଦୂର ସମ୍ଭବ ବାହାରକୁ ବାହାର କରନ୍ତୁ। ଏହାଦ୍ୱାରା ଗଳାର ସେହି ଭାଗ ଖୋଲି ଯାଇଥାଏ, ଯେଉଁଠି ନାସା ପଥ ସହ ଯୋଡ଼ି ହୋଇଥାଏ ଭୋକାଲ କର୍ଡ଼ ବା ସ୍ୱରଗ୍ରନ୍ଥି। ଏହାଦ୍ୱାରା ହାକୁଟି ବନ୍ଦ ହୁଏ। ଗଭୀର ପ୍ରଶ୍ୱାସ ନିଅନ୍ତୁ। କିଛି ସେକେଣ୍ଡ ପାଇଁ ତାକୁ ଭିତରେ ରଖନ୍ତୁ। ଏହାଦ୍ୱାରା ଫୁସଫୁସରେ କାର୍ବନ ଡାଇଅକ୍ସାଇଡ଼ ଭରିଯାଏ ଏବଂ ଡାୟାଫ୍ରାମ ତାକୁ ବାହାରକୁ ବାହାର କରିଦେଇଥାଏ। ଏହାଦ୍ୱାରା ହାକୁଟି ବନ୍ଦ ହୋଇଯାଇଥାଏ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନି'
କାଠଗୋଲା ରୋଡ଼, ମଙ୍ଗଳାବାଗ,
କଟକ, ମୋ: ୯୪୩୮୨୭୬୭୬୦

ବୈତରଣୀ ନଦୀରେ ତୃତୀୟ ବନ୍ୟା

ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ଜଳ

ଯାଜପୁର,୨୪।୮(ନିପ୍ର): ବୈତରଣୀ ନଦୀରେ ତୃତୀୟ ଥର ପାଇଁ ବନ୍ୟା ଆସିବା ସହ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଶନିବାର ରାତିରେ ଆଖୁଆପଦା ଠାରେ ବିପଦ ସଂକେତ ୧୮.୩୩ ଥିଲା ବେଳେ ବନ୍ୟା ଜଳ ୧୮.୫୪ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିଲା। ରବିବାର ସକାଳୁ ବୈତରଣୀ ନଦୀର ବନ୍ୟା ଜଳ ଆଖୁଆପଦା ଠାରେ କ୍ରମଶଃ ହ୍ରାସ ପାଉଥିବା ବେଳେ ଆନନ୍ଦପୁରରେ ନଦୀର ଜଳ ପୁର୍ନବାର ବୃଦ୍ଧି ପାଇବା ଯୋଗୁ ଆଖୁଆପଦାରେ ପୁର୍ନବାର ନଦୀର ଜଳସ୍ତର ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି କରିଛି। ଗତ ବୈତରଣୀ ବନ୍ୟାରେ ଯାଜପୁର ବ୍ଲକର ୬ଟି ପଞ୍ଚାୟତ ପ୍ରଭାବିତ ହୋଇଥିଲା। ମାଳଆନ୍ଦପୁର, ଚଇନିପୁର, ଜାଫରପୁର, ପଣସା, ସିମିଳିଆ, ବିଚିତ୍ରପୁର ଆଂଶିକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା। ଜିଲାରେ ଗତ ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା, ବୁଢ଼ା ଓ କାଣୀ ନଦୀରେ ବନ୍ୟା ଜଳ ବିପଦ ସଂକେତ ଉପରେ ପ୍ରଭାବିତ ହେବା ଦ୍ୱାରା ମୋଟ୍ ୫୫ହଜାର୮୪୫ ହେକ୍ଟର ଚାଷ ଜମି ଗତ ବନ୍ୟାରେ ପ୍ରଭାବିତ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଯାଜପୁର ବ୍ଲକ ୬ହଜାର୨୧୮, ଦଶରଥପୁର ବ୍ଲକ ୪ହଜାର୪୫୯, ବିଞ୍ଝାରପୁର ୭ହଜାର୧୩୦, ବଡ଼ଚଣା ୮୪୦୫, ଧର୍ମଶାଳା ୯୩୧୨, ବରୀ ୭୯୪୫, ରସୁଲପୁର ୬୪୮୫, ସୁକିନ୍ଦା ୨୯୭୬, ଦାନଗଦୀ ୧୮୩୪, କୋରେଇ ୧୦୮୦ ହେକ୍ଟର ଚାଷ ଜମି ଓ ପରିବା ଚାଷ ବନ୍ୟା ଜଳ ଦ୍ୱାରା ପ୍ରଭାବିତ ହେବା ସହ ୨୭ଟି ପଞ୍ଚାୟତର ୭୧ଟି ଗ୍ରାମ ପ୍ରଭାବିତ ହୋଇଥିଲା। ଏବେ ପୁନର୍ବାର ବୈତରଣୀରେ ତୃତୀୟ ବନ୍ୟା ଆସିବା ଦ୍ୱାରା ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି। ଚାଷ ଜମିରୁ ବନ୍ୟା ପାଣି ଛାଡ଼ି ନଥିବା ବେଳେ ପୁଣି ବନ୍ୟା ଜଳ ମାଡ଼ି ଆସିଛି। ଅଧିକାଂଶ ଚାଷ ଜମିରେ ବନ୍ୟା ଜଳ ମାଡ଼ି ଯିବା ଦ୍ୱାରା ରୁଆ ଯାଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯିବା ଆଶଙ୍କା ସୃଷ୍ଟି ହୋଇଛି। ଯାହାକୁ ନେଇ ଚାଷୀକୂଳ ଚିନ୍ତାରେ ପଡ଼ିଛନ୍ତି। ଏପରିକି ପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ବୈତରଣୀ ନଦୀରେ ତୃତୀୟ ବନ୍ୟା ଆସିବା ଦ୍ୱାରା ଦଶରଥପୁର ବ୍ଲକ ବିଶେଷ ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଇଛି। ବୈତରଣୀର ଶାଖା ନଦୀ କାଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା ନଦୀ ପାର୍ଶ୍ୱ ଗ୍ରାମ ଗୁଡ଼ିକ ଆତଙ୍କିତ ହୋଇପଡ଼ିଛନ୍ତି। କାଣୀ ନଦୀର କଣ୍ଟପଡ଼ା ଠାରେ ନଦୀବନ୍ଧ ମୁକୁଳା ଥିବାରୁ ବନ୍ୟା ଜଳ ଗ୍ରାମ ଭିତରକୁ ମାଡ଼ି ଯିବା ସହ ଚାଷ ଜମିରେ ମାଡ଼ି ଯାଇଛି। ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପାଇଁ ଉପରୋକ୍ତ ଅଞ୍ଚଳକୁ ଜିଲାପାଳ ଅମ୍ବର କୁମାର କର, ସ୍ଥାନୀୟ ବ୍ଲକ ପ୍ରଶାସନ ଓ ବିଜେପି ବରିଷ୍ଠ ନେତା ଗୌତମ ରାୟ ପରିଦର୍ଶନ କରିଥିଲେ। ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଉପସ୍ଥିତ ରହି ଦୁର୍ବଳ ଥିବା ନଦୀବନ୍ଧ ପ୍ରତି ସତର୍କ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଗତ କାଣୀ ନଦୀ ବନ୍ୟାରେ ମୁକୁଳ ନଦୀବନ୍ଧରେ ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା ବହୁ ଚାଷ ଜମିରେ ବନ୍ୟା ପାଣି ମାଡ଼ି ଯାଇଥିଲା।

ମିଳୁନି ୟୁରିଆ ସାର, ଚାଷୀ ହନ୍ତସନ୍ତ

ଉମରକୋଟ,୨୪।୮(ନି.ପ୍ର): ଚାଷ କାମ ତ୍ୱରାନ୍ୱିତ ବେଳେ ଯଥେଷ୍ଟ ସାର ମିଳୁନଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଲ୍ୟାମ୍ପକୁ ଯୋଗାଇ ଦିଆଯାଇଥିବା ୬୦୦ ବସ୍ତା ୟୁରିଆ ନେବାକୁ ୧୫ଶହରୁ ଅଧିକ ଚାଷୀ ପହଞ୍ଚିବାରୁ କର୍ତ୍ତୃପକ୍ଷ ଅସହାୟ ହୋଇପଡ଼ିଛନ୍ତି। ୪ ଜଣଙ୍କୁ ସାର ଦିଆଯାଇଥିବା ବେଳେ ଆଉ ଶତାଧିକ ଚାଷୀ ପହଞ୍ଚି ଠେଲାପେଲା କରିବାରୁ ବିକ୍ରି ବନ୍ଦ ରଖାଯାଇଛି। ପୋଲିସ ଏବଂ କୃଷି ବିଭାଗ କର୍ମଚାରୀ ନିରୁପାୟ ହୋଇପଡ଼ିଛନ୍ତି।

୨ ଦିନ ତଳେ ୧ ହଜାର ୭୦୦ କ୍ୱିଣ୍ଟାଲ ୟୁରିଆ ଏଠାରେ ପହଞ୍ଚିଥିଲା। ସ୍ଥାନୀୟ ଲ୍ୟାମ୍ପସ୍କୁ ଦିଆଯାଇଥିଲା ୬୦୦ ବ୍ୟାଗ୍ । ପୋଲିସ ଏବଂ କୃଷି ବିଭାଗ କର୍ମଚାରୀଙ୍କ ଉପସ୍ଥିତରେ ବିକ୍ରି ପ୍ରକ୍ରିୟା ଆରମ୍ଭ କରାଯାଇ ଥିଲା। ଧାଡ଼ିରେ ଥିଲେ ପ୍ରାୟ ୧ ହଜାର ୫୦୦ ଚାଷୀ । ପ୍ରତ୍ୟେକଙ୍କୁ ଗୋଟିଏ ବ୍ୟାଗ୍ ଦେଇ ବଳକାଙ୍କୁ ଟୋକନ ଦିଆଯିବ ବୋଲି ନିଷ୍ପରି ନିଆଯାଇଥିଲା। ସାର ପହଞ୍ଚିଲେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦିଆଯିବ ବୋଲି ଅଧିକାରୀମାନେ କହିଥିଲେ। ଧାଡ଼ିରେ ଥିବା ମାତ୍ର ୪ ଜଣଙ୍କୁ ୪ ବସ୍ତା ୟୁରିଆ ଦିଆ ସରିଥିଲା। ଏହି ସମୟରେ ହଜାରେରୁ ଅଧିକ ଚାଷୀ ପହଞ୍ଚିଥିଲେ । ବାରଣ ସତ୍ତ୍ୱେ ପୁଲିସକୁ ନମାନି ପରିସରରେ ଧସେଇ ପସିଥିଲେ। ସ୍ଥିତି ଅସମ୍ଭାଳ ହେବାରୁ ବିକ୍ରି ବନ୍ଦ କରାଯାଇଥିଲା। ପର୍ଯ୍ୟାପ୍ତ ୟୁରିଆ ନ ଆସିବା ପର୍ଯ୍ୟନ୍ତ ବିକ୍ରି କରାଯିବନି ବୋଲି ଲ୍ୟାମ୍ପ୍ ନିର୍ଦ୍ଦେଶକ ଅସିତ ରୟ କହିଥିଲେ। ଅନ୍ୟପକ୍ଷରେ ସାର ଅଭାବ ଲାଗି କୃଷି ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ଚାଷୀ। ସରକାର ଠିକ୍ରେ ଯୋଗାଇବାରୁ ଅଧିକ ଟଙ୍କା ଦେଇ କଳାବଜାରରୁ ସାର କିଣିବାକୁ ପଡୁଥିବା ଅଭିଯୋଗ ଆଣିଛନ୍ତି। ସାର ଅଭାବରୁ ଫସଲ ନଷ୍ଟ ହେଲେ କୃଷି ବିଭାଗ ଦାୟୀ ରହିବ ବୋଲି ପୂର୍ବତନ ପାଣି ପଞ୍ଚାୟତ ସଭାପତି ସନ୍ତୋଷ ସୂତ୍ରଧାର କହିଛନ୍ତି।

ଗଣେଶ ପୂଜାରେ ବାଜିବନି ଡିଜେ

ଭଞ୍ଜନଗର,୨୪।୮(ନି.ପ୍ର): ପାର୍ବଣର ପ୍ରଥମ ପାହାଚରେ ପାଖେଇ ଆସୁଛି ଗଣେଶ ପୂଜା। ତେଣୁ ସମସ୍ତ ପୂଜା କମିଟି, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ସମସ୍ତେ ନିଜ ପୂଜା ମଣ୍ଡପରେ ସୁନ୍ଦର ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ଆକର୍ଷଣୀୟ ସାଜସଜ୍ଜା, ସୁଉଚ୍ଚ ତୋରଣ ଓ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜ୍ଜିତ କରି ଅଧିକ ଆକର୍ଷଣୀୟ କରିବା ପାଇଁ ଦିନରାତି ଲାଗିପଡିଛନ୍ତି। ଭଞ୍ଜନଗର ସହର ଠାରୁ

ଆଖପାଖର ଗ୍ରାମାଞ୍ଚଳ ମଧ୍ୟ ଚଳ ଚଞ୍ଚଳ ହୋଇ ଉଠିଛି। ଏଭଳି ସ୍ଥିତିରେ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଭଞ୍ଜନଗର ପୋଲିସ ପକ୍ଷରୁ ନୂତନ ଗାଇଡ଼ ଲାଇନ୍ ଜାରି କରାଯାଇଛି। ତେଣୁ ଭଞ୍ଜନଗର ସହରର ପ୍ରାୟ ୩୩ଟି ପୂଜା କମିଟିକୁ ଡ଼ାକି ଏସମ୍ପର୍କରେ ସୂଚନା ଦିଆଯାଇଛି। ସେଥି ମଧ୍ୟରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପୂଜାରେ ଡ଼ିଜେ ସମ୍ପୂର୍ଣ୍ଣ ବ୍ୟାନ ହୋଇଥିବା ବେଳେ ସାଧାରଣ ଶବ୍ଦ ନିମନ୍ତେ ଅନୁମତି ବାଧ୍ୟତାମୂଳକ କରାଯାଇଛି। ଏଥିସହ ରାତି ୧୦ଟା ମଧ୍ୟରେ ଭଷାଣି ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଅମାନ୍ୟ କଲେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚେତାବନୀ ଦିଆଯାଇଛି। ଯେ କୌଣସି ପରିସ୍ଥିତିରେ ଆଇନ୍ ହାତକୁ ନ ନେଇ ତୁରନ୍ତ ୧୧୨ନମ୍ବର ନଚେତ୍ ଥାନା ଅଧିକାରୀଙ୍କୁ ଫୋନରେ ଜଣାଇବା ଏବଂ ସହରର ଯେକୋଣସି ସ୍ଥାନରେ ବେଆଇନ ମଦ ଓ ନିଶା ଦ୍ରବ୍ୟ କାରବାର ହେଉଥିଲେ ଜନସାଧାରଣ ଏସମ୍ପର୍କରେ ପୋଲିସକୁ ସୂଚନା ଦେବାକୁ କୁହାଯାଇଛି। ଏହି ପୂଜା ସମୟରେ ପୋଲିସକୁ ସହଯୋଗ କରିବା ଏବଂ ସମସ୍ତେ ଆନନ୍ଦ ଓ ଉଲ୍ଲାସର ସହିତ ଏହାକୁ ପାଳନ କରିବାକୁ ଭଞ୍ଜନଗର ଆଇଆଇସି ଜୀବନାନନ୍ଦ ଜେନା କହିଛନ୍ତି।

ମେନ୍ଦାବେଡା ଗ୍ରାମ ସମସ୍ତ ମୌଳିକ ସମସ୍ୟାରୁ ବଞ୍ଚିତ

ଉମରକୋଟ,୨୪।୮(ନି.ପ୍ର): ଉମରକୋଟ ପଞ୍ଚାୟତ ସମିତି ସେମେଳା ପଞ୍ଚାୟତର ମେନ୍ଦାବେଡା ଗ୍ରାମର ଦଶ ଦଳିତ ପରିବାର ପ୍ରାୟ ୪ ପିଢ଼ିରୁ ବସ ବାସ କରୁଥିଲେ ମଧ୍ୟ ମୌଳିକ ସମସ୍ୟାରୁ ବଞ୍ଚିତ ହେବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି। ଗ୍ରାମବାସୀଙ୍କ କହିବା ହେଲା ଦୀର୍ଘ ବର୍ଷ ଧରି ରହି ଆସୁଥିଲେ ମଧ୍ୟ ଗାଁକୁ ଭଲ ସଡ଼କ ନାହିଁ। ପକ୍କା ରାସ୍ତା ନଥିବାରୁ ଆଣ୍ଠୁଏ ପାଣିରେ ପଶି ଗ୍ରାମବାସୀ ଓ ସ୍କୁଲ ପିଲା ଯିବା ଆସିବାକୁ ବାଧ ହେଉଛନ୍ତି। ପାଣି ଜମି ରହିବା ହେତୁ ନାନାଦି ରୋଗରେ ପଡୁଛନ୍ତି। ଗାଁକୁ ଜଳ ଯୋଗାଣ ବ୍ୟବସ୍ଥା ହେଇଥିଲେ ମଧ୍ୟ ପ୍ରତିଦିନ ପାଣି ଆସୁନି। ଗୋଟିଏ ଡ଼ିଙ୍କିଆ ପାଇପି ଥିଲେ ମଧ ତାହା ଦୀର୍ଘ ଦିନ ହେବ ଅଚଳ। ତେଣୁ ପାଣି ପାଇଁ ଅନ୍ୟ ସାହି ଉପରେ ନିର୍ଭର କରିବାକୁ ପଡୁଛି। ବର୍ଷା ଦିନେ ପାଣି ଘେରରେ ରହୁଛନ୍ତି। ଚାରିଆଡେ ସନ୍ତ ସନ୍ତିଆ ପରିବେଶ ହେତୁ ନାନାଦି ରୋଗର ଶିକାର ହେବା କଥା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ପଞ୍ଚାୟତ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣ ଗୋଚର କରୁନଥିବା ଜଣାଇଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମର ଅଭିରାମ ବାଗ, ରଞ୍ଜିତ ବାଗ, ସୁବାସ ବାଗ, ସନମତି ବାଗ, ରମା ବାଗ, ମଞ୍ଜୁ ବାଗ, ପ୍ରମୁଖ ଅନୁରୋଧ କରିଛନ୍ତି ।

ଫିଟନେସ୍ କି ଡୋଜ-ଅଧା ଘଣ୍ଟା ରୋଜ ସାଇକେଲ ଅଭିଯାନ

ଦଶପଲ୍ଲା,୨୪।୮(ନି.ପ୍ର): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପକ୍ଷରୁ ଜନସାଧାରଣ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ଏକ ବୈଶିଷ୍ଟ୍ୟପୂର୍ଣ୍ଣ ସାଇକେଲ ଅଭିଯାନ ଫିଟନେସ୍ କି ଡୋଜ, ଅଧା ଘଣ୍ଟା ରୋଜ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଦଶପଲ୍ଲା ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳଙ୍କ ନେତୃତ୍ୱରେ ହୋଇଥିବା ବେଳେ ପୋଲିସ କର୍ମଚାରୀମାନେ ସାଇକେଲ ଚଳାଇ ସ୍ଥାନୀୟ ଲୋକଙ୍କୁ ଦୈନିକ ଅଧା ଘଣ୍ଟା ଶାରୀରିକ ବ୍ୟାୟାମ କରିବା ନେଇ ଜଣାଇଥିଲେ। ଏହି ଅଭିଯାନ ପୋଲିସ ଓ ସାଧାରଣ ଲୋକମାନେ ମିଶି ସ୍ୱାସ୍ଥ୍ୟ ସଚେତନତା ଓ ଫିଟନେସ୍ ଓଡ଼ିଶା ର ଗ୍ରାମୀଣ ଅଞ୍ଚଳରେ ପ୍ରଚାର କରୁଛନ୍ତି। ପୋଲିସ ଅଧିକାରୀମାନେ କହିଛନ୍ତି: ଏହି ଅଭିଯାନ ସେମାନଙ୍କ ଦୈନିକ କାର୍ଯ୍ୟ ସହ ଏକ ସ୍ୱାସ୍ଥ୍ୟ ଅନୁଶାସନ ଅତୁଟ ଅଂଶ ଭାବରେ ଗ୍ରହଣ କରାଯାଇଛି। ସମାଜ ମଧ୍ୟରେ ଫିଟନେସ୍ ଏବଂ ନିୟମିତ ବ୍ୟାୟାମ ପ୍ରତି ଉତ୍ସାହ ବୃଦ୍ଧି ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦଶପଲ୍ଲା ଅଞ୍ଚଳରେ ଏହି କ୍ୟାମ୍ପେନ୍ ପ୍ରତି ଦିନ ଜାରି ରହିବା ସହିତ ଅନ୍ୟମାନେ ବି ଏହାକୁ ଅନୁସରଣ କରିବେ ବୋଲି ଆଶା କରାଯାଉଛି।

ସ୍ୱତନ୍ତ୍ର ଭାରତ ସରଂକ୍ଷିତ ବାହିନୀ ପକ୍ଷରୁ ଫିଟ ଇଣ୍ଡିଆ ସାଇକେଲ ଚାଳନା

ଭଞ୍ଜନଗର,୨୪।୮(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ସ୍ଥିତ ତନରଡ଼ା ଅଷ୍ଟମ ସ୍ୱତନ୍ତ୍ର ଭାରତ ସରଂକ୍ଷିତ ବାହିନୀ ପକ୍ଷରୁ ଭାରତ ସରକାରଙ୍କ ଠାରୁ ଆସିଥିବା ବାର୍ତ୍ତା ଫିଟ ଇଣ୍ଡିଆ ସାଇକେଲ ଚାଳନା କରାଯାଇଛି। ଏହି ଜନହିତ କାର୍ଯ୍ୟକୁ ସଫଳ ରୂପାୟନ କରିଯାଇଛି।

ଏହି କାର୍ଯ୍ୟକୁ ଅଷ୍ଟମ ବାଟାଲିୟନର ଦୁର୍ଗପତି ସୁଧାକର ମିଶ୍ର ମୁଖ୍ୟ ଅତିଥି ଭାବେ ଉଦଘାଟନ କରିବା ସହ ଯବାନମାନଙ୍କୁ ସାଇକେଲ ଚାଳନା ମାଧ୍ୟମରେ ନିଜର ଶରୀର ସର୍ବଦା ସୁସ୍ଥ ରଖିବାକୁ ବାର୍ତା ଦେଇଥିଲେ। ଏହି ସମସ୍ତ କାର୍ଯ୍ୟର ନେତୃତ୍ୱ ନେତୃତ୍ୱ ନେଇଥିଲେ ଉପଦୁର୍ଗପତି ଲଳିତ କୁମାର ବାଘ ଏବଂ ଅଜୟ କୁମାର ମୁର୍ମୁ। ଏହି ସମସ୍ତ କାର୍ଯ୍ୟର ପରିଚାଳନା କରିଥିଲେ ସହକାରୀ ଦୁର୍ଗପତି ମନୋରଞ୍ଜନ ତରାଇ। ଅନ୍ୟମାନଙ୍କ ମଧ୍ୟରେ ଉପନିରୀକ୍ଷକ ଲକ୍ଷ୍ମୀକାନ୍ତ ନାୟକ, ଗିରିଶ ଚନ୍ଦ୍ର ମାଝୀ, ସହକାରୀ ନିରୀକ୍ଷକ ଧନ ବହାଦୁର ଥାପ୍ପା, ବରିଷ୍ଠ ହାବିଲଦାର ପ୍ରହଲ୍ଲାଦ ରାଉତ, କିଶୋର କୁମାର ନାୟକ, ଇଶ୍ୱର ଚନ୍ଦ୍ର ଲେଙ୍କା, ସନ୍ତୋଷ କୁମାର ଥାପା ଉପସ୍ଥିତ ରହି ସହଯୋଗ କରିଥିଲେ। ବାଟାଲିୟନ ର ପ୍ରାୟ ୭୦ ଅଫିସର ଓ ଯବାନ ମିଶ୍ରିତ ଭାବେ ସାଇକେଲ ଚାଳନାରେ ଭାଗ ନେଇ ଭାରତ ସରକାରଙ୍କ ଫିଟ ଇଣ୍ଡିଆ ସାଇକେଲ ଚାଳନାକୁ ସଫଳ କରି ଜନସାଧାରଣଙ୍କୁ ଉଦାହରଣ ସୃଷ୍ଟି କରିଥିଲେ।

ଏହି ସାଇକେଲ ଚାଳନା ଅଷ୍ଟମ ବାଟାଲିୟନ ମୁଖ୍ୟ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବେଲଗୁଣ୍ଠା ବ୍ଲକ ଅଫିସ ରାସ୍ତା ଏବଂ ଗୁଡ଼ିପଲି ଦେଇ ପ୍ରାୟ ଛଅ କିଲୋମିଟର ଅତିକ୍ରମ କରି ପରିଶେଷରେ ଅଷ୍ଟମ ବାଟାଲିୟନ କାର୍ଯ୍ୟାଳୟରେ ସାଇକେଲ ଚାଳନା ସମାପ୍ତ ହୋଇଥିଲା। ବେଲଗୁଣ୍ଠା ଥାନାର ପୋଲିସ କର୍ମଚାରୀମାନେ ମୁଖ୍ୟ ରାସ୍ତାକୁ ଟ୍ରାଫିକ ନିୟନ୍ତ୍ରଣ କରି ସହଯୋଗ କରିଥିଲେ। ଶେଷରେ ଅଷ୍ଟମ ବାଟାଲିୟନର ଦୁର୍ଗପତି ସୁଧାକର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆଁଖାଇ ଉପଲକ୍ଷେ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବିଜେପୁର,୨୪।୮(ନି.ପ୍ର): ବରଗଡ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଖରମୁଣ୍ଡା ଖେଳପଡିଆ ଠାରେ ଖରମୁଣ୍ଡା ଯୁବ କ୍ରୀଡା ସଂସଦ ପକ୍ଷରୁ ଚଳିତ ବର୍ଷ ନବାନ୍ନ ଉପଲକ୍ଷେ ୧୪ ତମ ଗ୍ରାମାଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଅଗଷ୍ଟ ୨୩ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ସରପଞ୍ଚ ମନୋଜ ପଧାନ ଉଦଘାଟନ କରି ଏହାର ଶୁଭାରମ୍ଭ କରିଥିବା ବେଳେ ସଂସଦର ସଦସ୍ୟ ଓ କ୍ରୀଡାପ୍ରେମୀ ଦର୍ଶକବୃନ୍ଦ ଉପସ୍ଥିତ ଥିଲେ। ୧୬ ଗୋଟି ଦଳ ଅଂଶଗ୍ରହଣ କରିବାକୁ ରହିଥିବା ଉକ୍ତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନର ପ୍ରଥମ ଖେଳ ପଟେଇପାଲି ଓ ଧୋବାପାଲି ଫୁଟବଲ୍ ଦଳ ମଧ୍ୟରେ ହୋଇଥିବା ବେଳେ ଟ୍ରାଇବ୍ରେକର ଜରିଆରେ ପଟେଇପାଲି ଦଳ ବିଜେତା ଘୋଷିତ ହୋଇଥିଲେ ଏବଂ ଦ୍ୱିତୀୟ ମ୍ୟାଚ୍ ଆଇମାଲ ଓ ଛଞ୍ଚାଣି ଦଳ ମଧ୍ୟରେ ହୋଇଥିବାବେଳେ ୧-୦ ଗୋଲ୍‌ରେ ଆଇମାଲ ଦଳ ଜିତିଥିଲେ। ଏହାପରେ ଉଭୟ ମ୍ୟାଚ୍‌ର ବିଜେତା ପଟେଇପାଲି ଓ ଆଇମାଲ ଦଳ ମଧ୍ୟରେ ଖେଳ ହୋଇଥିଲା । ଏଥିରେ ଆଇମାଲ ଦଳ ୧-୦ ଗୋଲ୍ ରେ ବିଜୟୀ ହୋଇଥିଲେ ଏବଂ ଏହାପରେ ଆଇମାଲ ଦଳ ସିଧାସଳଖ ସେମି ଫାଇନାଲରେ ଖେଳିବେ ବୋଲି ସଂଘ ପକ୍ଷରୁ ସୂଚନା ଦେଇଛନ୍ତି । ସଚ୍ଚିଦାନନ୍ଦ ପଧାନ, ଗୌରାଙ୍ଗ ପଧାନ, ଦିଲ୍ଲିପ ପଧାନ ଓ ତରଣୀ ଲୁହାଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଥମ ଦିନର ଖେଳ ସୂଚାରୁ ରୂପେ ଚାଲିଥିଲା।

ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା

ହିଞ୍ଜିଳିକାଟୁ,୨୪।୮(ନି.ପ୍ର): ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଓଡ଼ିଶା ବୁଣାକାର ମହାସଂଘର ସାଙ୍ଗଠନିକ ବୈଠକ ମହାସଂଘ ସଭାପତି ଶ୍ରୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ରେଡକ୍ରସ୍ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ରାଜ୍ୟରେ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଓ ସାଂଗଠନିକ ପ୍ରସଙ୍ଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଆଗାମୀ ୪ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ପ୍ରଥମେ ମହାସଂଘ ପରିଚାଳନା ପାଇଁ ଏକ ୩୦ ଜଣିଆ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କ ସର୍ବସମ୍ମତି କ୍ରମେ ସଭାପତି ଭାବେ ଶ୍ରୀଧର ବେହେରାଙ୍କୁ ପୁନର୍ବାର ମନୋନୀତ କରଯାଇଛି। ଉପସଭାପତି ଭାବେ ସଞ୍ଜୟ କୁମାର ମେହେର, ଅନିଲ କୁମାର ମହାପାତ୍ର, କିଶୋର ଚନ୍ଦ୍ର ଦାସ, ନିତ୍ୟାନନ୍ଦ ମେହେର ଓ ଶ୍ରୀକାନ୍ତ କୁମାର ନାୟକ ମନୋନୀତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ମେହେର, ସଂଗଠନ ସମ୍ପାଦକ ଭାବେ ବିଜୟ କୁମାର କୁଣ୍ଡୁ, ସମ୍ପାଦକ ଭାବେ ପ୍ରତାପ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ବିଶ୍ୱନାଥ ଦାସ ଓ ସୁବାଷ ଚନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ମିଳନ କୁମାର ବେହେରା ସହ ସମ୍ପାଦକ ଭାବେ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ଦାସ, ରଞ୍ଜନ କୁମାର ପାତ୍ର, ପ୍ରଭାସ ଚନ୍ଦ୍ର ନାୟକ ଓ ଶ୍ରୀନିବାସ ମହାପାତ୍ର ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଗୋବର୍ଦ୍ଧନ ପଣିକା, ବିଶିଷ୍ଟ ସମବାୟବିତ ଯଜ୍ଞେଶ୍ୱର ବାବୁ, ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠ ସଂଯୋଜକ ରଞ୍ଜନ ମଙ୍ଗରାଜ ଓ ବରିଷ୍ଠ ବୁଣାକାର ଧ୍ରୁବ ଦାସ ଏବଂ ଆଇନ ପରାମର୍ଶଦାତା ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ବିଜୟ କୁମାର ବେହେରା ମନୋନୀତ ହୋଇଛନ୍ତି। ପ୍ରଦୀପ କୁମାର ବର୍ଦ୍ଧନ, ଅର୍ଜୁନ କଟୁଆଳ, ହୃଦାନନ୍ଦ ରାଉତ ଓ ଶଙ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାସଂଘର ବୈଠକରେ ବହୁ ବୁଣାକାର ଯୋଗ ଦେଇଥିଲେ। ଆଗାମୀ ଦିନରେ ମହାସଂଘକୁ ଶକ୍ତିଶାଳୀ କରି ଗଢିବାକୁ ନୂତନ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି।

ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

ବୁଗୁଡ଼ା,୨୪।୮(ନି.ପ୍ର): ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଭାମଶ୍ୟାଳି ଗ୍ରାମର ଜନୈକା ମହିଳା ବିଷାକ୍ତ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ଲଡୁ ସାମଲଙ୍କ ପତ୍ନୀ ଜୟନ୍ତୀ ସାମଲ(୫୦)। ପ୍ରକାଶ ଯେ, ଜୟନ୍ତୀ ଶନିବାର ସକାଳେ ବିଲରେ କାମ କରୁଥିବାବେଳେ କୌଣସି ବିଷାକ୍ତ ସାପ ତାଙ୍କର ଗୋଡକୁ କାମୁଡି ଦେଇଥିଲା। ପୋଡାଜଳା ହେବାରୁ ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଚିକିତ୍ସା ପରେ ସେ ଅପରାହ୍ନରେ ଘରକୁ ଫେରି ଯାଇଥିଲେ। ସନ୍ଧ୍ୟାବେଳେ ଅସହ୍ୟ ଯନ୍ତ୍ରଣା ହେବାରୁ ପୁଣି ତାଙ୍କୁ ମେଡିକାଲକୁ ଅଣାଯାଇଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁରେ ଭାମଶ୍ୟାଳି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଅନାଦି ମହାରଣାଙ୍କ ସ୍ମୃତିରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ

ଗଞ୍ଜାମ,୨୪।୮(ନି.ପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ତାରିଣୀ ପଲ୍ଲୀ ଗ୍ରାମରେ ସ୍ୱର୍ଗତ ଅନାଦି ମହାରଣାଙ୍କ ସ୍ମୃତିରେ ଚାରା ରୋପଣ ସହ ଏକ, ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରକୁ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ରକ୍ତଦାନ ଓ ବୃକ୍ଷ ରୋପଣ ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ବର୍ଣନା କରି ସମସ୍ତ ରକ୍ତଦାତାଙ୍କୁ ସାଧୁବାଦ ଜଣାଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ପୋଇରାଶି ସରପଞ୍ଚ ରବୀନ୍ଦ୍ର ବେହେରା ଓ ତାରିଣୀ ପଲ୍ଲୀ ଗ୍ରାମ ସଭାପତି ଶ୍ରୀ ୟୁ ଚୈତନ୍ୟ ରେଡ଼ି, ବିଶିଶି ବ୍ୟାଙ୍କ୍ ପୂର୍ବତନ ନିର୍ଦ୍ଦେଶକ ଏ ଖଲି ରେଡ଼ି, ଭରସା ଅନୁଷ୍ଠାନର ସମ୍ପାଦକ ଦୁର୍ଗା ମାଧବ ପାଣିଗ୍ରାହି, ଶିକ୍ଷକ ବସନ୍ତ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେଛ ମହାରଣା ପରିବାର ଓ ବନ୍ଧୁ ପରିଜନମାନଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିର ରେ ସତୁରୀ(୭୦) ଗୋଟି ରକ୍ତ ୟୁନିଟ ସଂଗ୍ରହ ହୋଇଥିଲା। ପ୍ରାରମ୍ଭରେ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅତିଥି ମାନଙ୍କ ଦ୍ୱାରା ଚାରା ରୋପଣ ହୋଇଥିଲା। ରକ୍ତଦାନ ଶିବିର କୁ ନିରାକାର ମହାରଣା, ନୀଳାଚଳ ମହାରଣା, ଶୁଭମ୍ ମହାରଣା, ଯତୀନ ମହାରଣା, ବାବୁ ନାହାକ, ବସନ୍ତ ସେଠୀ , ଅଶୋକ ବେହେରା, କାଳିଆ ବେହେରା, ପୂର୍ଣ୍ଣଚନ୍ଦ୍ର ଗୌଡ଼, ରବୀନ୍ଦ୍ର ଗୌଡ଼, ଦୀପକ ସାହୁ, କୈଳାସ ସେଠୀ, ପ୍ରଶାନ୍ତ ମହାପାତ୍ର, ପ୍ରଦୀପ ବେହେରା, ରବୀନ୍ଦ୍ର ସେଠୀ, ପିଣ୍ଟୁ , ବି ଦେବାଶିଷ, ଆର୍ ଗଣେଶ, ସୁନିଲ, ଦୀପକ ଓ ତାରିଣୀ ପଲ୍ଲୀ ଗ୍ରାମର ସମସ୍ତ ଯୁବକ ମାନେ ପରିଚାଳନା କରିଥିଲେଛ ବ୍ରହ୍ମପୁର ସ୍ଥିତ ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ରେଡକ୍ରସ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

ବନ୍ୟା ପାଣିରେ ଫସିଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଯାଜପୁର,୨୪।୮(ନିପ୍ର): ଯାଜପୁର ଥାନା ସିନ୍ଦୁରାଇମୁହଁ ନିକଟସ୍ଥ ବିଦ୍ୟୁତ୍ ସବ୍‌ଷ୍ଟେସନରେ କାର୍ଯ୍ୟରତ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ହଠାତ୍ ବୈତରଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା ଦୁଇ କର୍ମଚାରୀ ଆଉ ଆସିପାରିନଥିଲେ। କର୍ମଚାରୀ ଦେବବ୍ରତ ନାୟକ ସମେତ ଅନ୍ୟ ଜଣେ ସାଥୀରାତି ସାରା ବନ୍ୟା ଘେରରେ ଫସି ରହିଥିଲେ। ବିଦ୍ୟୁତ୍ କର୍ମଚାରୀ ଉଦ୍ଧାର ପାଇଁ ସୂଚନା ଦେଇଥିଲେ ମଧ୍ୟ ବିଳମ୍ବିତ ରାତି ହୋଇଥିବାରୁ କର୍ମଚାରୀଙ୍କୁ ଉଦ୍ଧାର କରାଯାଇପାରିନଥିଲା। ସକାଳୁ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ଦୁଇ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

ପରିବାର ଉପରେ ଆକ୍ରମଣ ଓ ମହିଳାଙ୍କୁ ଅସଦାଚରଣ ଘଟଣା

ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନବାଚୀ

ଯାଜପୁର,୨୪।୮(ନିପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଧନେଶ୍ୱର ନିକଟ ରୟାଲ ଗାର୍ଡେନରେ ମୁସରଫ ଅଲି ଖାଁ ଓ ତାଙ୍କ ପରିବାର ଉପରେ ଆକ୍ରମଣ ଘଟଣାରେ ୧୧ଦିନ ବିତିଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ । ସୂଚନା ମୁତାବକ ଗତ ୧୩ଅଗଷ୍ଟ ମୁସରଫ ଓ ତାଙ୍କ ପୁଅ ମୋକିମ ନିଜ ସମ୍ପର୍କୀୟଙ୍କ ନିକଟକୁ ଯାଉଥିବା ବେଳେ ରୟାଲ ଗାର୍ଡେନ୍‌ର ପ୍ରପର୍ଟୀ ମାଲିକ ଆଫାକ ଅହମଦ, ସବିର ଅହମଦ, ଜଲାଲୁଦ୍ଦିନ ଖାଁ, ପ୍ରତାବ ଦାସ, ପ୍ରମୋଦ ଦାସ ମିଶି ଅଟକାଇ ବିନା କାରଣରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପରିବାର ଲୋକେ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ । ପରେ ଗୃହ ବିଭାଗ ଓ ଅନ୍ୟାନ୍ୟ ବିଭାଗ ନିକଟରେ ଏକ୍ସ ମାଧ୍ୟମରେ ଟୁଇଟରେ ଅଭିଯୋଗ କରିବା ପରେ ଯଥାଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ବିଭାଗ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦୀର୍ଘ ୧୧ ଦିନ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରୁନାହିଁ । ତେଣୁ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପୀଡିତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାରେ ବିଫଳ ହେଉଛନ୍ତି। ଅନ୍ୟପଟେ ଅଭିଯୁକ୍ତ ମାନେ ହାଇକୋର୍ଟରେ ଆଡ଼ଭାନ୍ସ ବେଲ ପାଇଁ ଆବେଦନ କରିଥିଲେ। ଗତ ୨୨ ଅଗଷ୍ଟରେ ତାଙ୍କର ବେଲ ହୋଇ ପାରିନାହିଁ ।ଉଚ୍ଚ ନ୍ୟାୟଳୟ ପରବର୍ତୀ ଶୁଣାଣିକୁ ମୁଲତବି ରଖିଥିବା ଜଣା ପଡ଼ିଛି । ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ ନକରାଗଲେ ଆଗାମୀ ଦିନରେ ମୁସରଫ ଓ ତାଙ୍କ ପରିବାର ଏସପି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ ରକ୍ତଦାନ ଶିବିର

ଛତ୍ରପୁର,୨୪।୮(ନି.ପ୍ର): ବିଶ୍ୱ ଭ୍ରାତୃତ୍ୱ ଦିବସ ଅବସରରେ ରାଜଯୋଗିନୀ ଦାଦୀ ପ୍ରକାଶ ମଣିଙ୍କ ୧୮ତମ ପୁଣ୍ୟତିଥି ଉପଲକ୍ଷେ ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଅନୁଭୂତି ଭବନ ଛତ୍ରପୁର ଶାଖା ପକ୍ଷରୁ ରବିବାରରେ ଏକ ରକ୍ତଦାନ ଶିବିରରୁ ମୋଟ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଯାଇଛି । ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଅନୁଭୂତି ଭବନ ଛତ୍ରପୁର ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବିଜୟଲକ୍ଷ୍ମୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ।

ରକ୍ତଦାନ ଭଳି ମହତ୍ କାର୍ଯ୍ୟକୁ ଆୟୋଜିତ କରିଥିବା ନେଇ ବିଧାୟକ ଶ୍ରୀ ନାୟକ ଅନୁଷ୍ଠାନକୁ ପ୍ରଶଂସା କରିବା ସହ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ବ୍ରହ୍ମପୁର ଏମକେସିଜି ହସ୍ପିଟାଲ୍ ର ରକ୍ତ ଭଣ୍ଡାର ବିଭାଗର ଡାକ୍ତର ଟୁନା ଭାଟ୍ରୀୟା, ଡାକ୍ତରୀ ବିଭାଗୀୟ ଦଳ ପକ୍ଷରୁ ଆଲୋକ ମହାନ୍ତି, ଗୋପାଳ କୃଷ୍ଣ ପଣ୍ଡା, ସୁଶାନ୍ତ ପାଣିଗ୍ରାହୀ, ଏବଂ ରଶ୍ମିତା ସାହୁ, ସାବିତ୍ରୀ ନାୟକ, ଗୋପାଳ କୃଷ୍ଣ ସାହୁ ପ୍ରମୁଖ ଏହି ଶିବିରରେ ସକ୍ରୀୟ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ଆଇନଜୀବୀ ଡଃ ପ୍ରଶାନ୍ତ କୁମାର ଶତପଥୀ, ଯୁବ ନେତା ବନୋଜ କୁମାର ନାହାକ, ସଞ୍ଜୀ କୁମାର ରାଉଳ ଓ ଡ଼ି. ସୁରେଶ ରେଡ୍ଡୀ, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା କାଉନ ସିଲର ଦେବାଶିଷ ମିଶ୍ର, ସାମ୍ବାଦିକ କେ.ସତ୍ୟନାରାୟଣ ରେଡ୍ଡୀ, ବସନ୍ତ କୁମାର ମହାରଣା, ସରୋଜ କୁମାର ସାମଲ, ଭଗବାନ ଦାଶ, ପ୍ରଶାନ୍ତ କୁମାର ମହାରଣା ଓ ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଅନୁଭୂତି ଭବନ ଛତ୍ରପୁର ଶାଖାର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ରାଜଯୋଗିନୀ ବିଜୟଲକ୍ଷ୍ମୀ, ବ୍ରହ୍ମାକୁମାର ରଜନୀକାନ୍ତ ପଟ୍ଟନାୟକ, ସିମାଂଚଳ ଦାଶ, ବାଳକୃଷ୍ଣ ରେଡ୍ଡୀ, ଗୋପାଳ ସାମନ୍ତରାୟ, କବିରାଜ ବେହେରା, ପଙ୍କଜ କୁମାର ନାୟକ ଓ ବ୍ରହ୍ମକୁମାରୀ ମାମାଲି, ଭାଗ୍ୟ, ପିଙ୍କି, ସବିତା, ଦୀପା ପ୍ରମୁଖ ଭାଇଭଉଣୀ ଶିବର ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ।

ଚିନ୍ମୟ ମିଶନ ଆଶ୍ରମରେ ଗୀତା ଜ୍ଞାନମହାଯଜ୍ଞ ପୂର୍ଣ୍ଣାହୁତି

ଆସିକା,୨୪।୮(ନି.ପ୍ର): ଆସିକା ଚିନ୍ମୟ ମିଶନଠାରେ ଦୀର୍ଘ ତିନି ବର୍ଷ ଧରି ଚାଲିଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରୀମଦ୍ଭଗବଦ୍ ଗୀତା ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ଦ୍ୱାରା ସଂପାଦିତ ହୋଇଯାଇଛି। ଏହି ମହାନ ଜ୍ଞାନଯଜ୍ଞରେ ଆସିକା ବିଧାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଆସିକା ଚିନ୍ମୟ ମିଶନର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ଏବଂ ସଚିବ ନିରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ସଫଳ ରୂପାୟନ ହୋଇପାରିଥିଲା। ସକାଳ ୮ ଘଣ୍ଟିକା ୩୦ମିନଟରେ ଆରମ୍ଭ ହୋଇ ଠିକ ମଧ୍ୟାହ୍ନ ୧୨ଘଣ୍ଟ ନିର୍ଦ୍ଦିଷ୍ଟ ସମୟରେ ସମାପନ ହୋଇଥିଲା। ସ୍ୱାମୀଜୀଙ୍କ ଶ୍ରୀମୁଖରୁ ଶ୍ରୀମଦ୍‌ଭାଗବଦ୍ ଗୀତାର ସମସ୍ତ ଅଷ୍ଟୋଦଶୋଧ୍ୟାୟକୁ ସମସ୍ତ ଭକ୍ତବୃନ୍ଦ ପୁନରାବୃତ୍ତ ପାରାୟଣ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଆସିକା ଚିନ୍ମୟ ମିଶନର ଏପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଭୂୟଷୀ ପ୍ରସଂଶା କରିଛନ୍ତି। ଚିନ୍ମୟ ମିଶନର ଅତିରିକ୍ତ କୋଠରୀ ନିମନ୍ତେ ଦୁଇଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସଭାପତି ଗୁପ୍ତା ସ୍ୱାମୀଜୀଙ୍କ ଆଧ୍ୟାତ୍ମିକ ପ୍ରବଚନରେ ଶତମୁଖ ହୋଇ କହିଥିଲେ ଦୀର୍ଘ ତିରିସି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଗୀତା ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ହୋଇପାରିଛି। ନିଶ୍ଚୟ ଭକ୍ତବୃନ୍ଦଙ୍କ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀର ଆତ୍ମସାତ ଭକ୍ତିର ନୂତନ ଆଲୋଡନ ସୃଷ୍ଟି କରିପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଚିନ୍ମୟ ମିଶନର ପ୍ରାୟ ଭକ୍ତ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ।

ମନ୍ତ୍ରୀଙ୍କୁ ଭେଟିଲେ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଆଶାୟୀ

ଉଚ୍ଚ ନ୍ୟାୟାଳୟ ଆଦେଶ କାର୍ଯ୍ୟକାରୀ କରିବାକୁ ଦାବି

କେନ୍ଦ୍ରାପଡା,୨୪।୮(ନି.ପ୍ର): ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଅପେକ୍ଷାରେ ଥିବା ଆଶାୟୀମାନେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ଭେଟି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି । ମାର୍ଶାଘାଇ ଏବଂ ମହାକାଳପଡ଼ା ଅଞ୍ଚଳର ଆଶାୟୀ ଯୁବକ ଅକ୍ଷୟ କୁମାର ସୁତାର, ମଳୟ କୁମାର ଜେନା, ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କୁ ସାକ୍ଷାତ କରିଛନ୍ତି । ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ପାଇଁ ୨୦୦୪ ମସିହାରେ ସରକାର ବିଜ୍ଞାପନ ଦେଇଥିବା ବେଳେ ଅନେକ ବେକାର ଯୁବକ ଯୁବତୀ ଆବେଦନ କରିଥିଲେ । ସରକାରଙ୍କ ଜିଓ ନମ୍ବର ୬ ୬୭ ୪/ ଏଫ ଆଣ୍ଡ ଏଆରଡି, ୨୦- ୫ -୨୦୦୬ ତାରିଖ ଅନୁଯାୟୀ ୪୬ ଗୋଟି ପଦବୀ ସଂରକ୍ଷଣ ରଖାଯାଇଥିଲା । ଏବେ ବି ଆହୁରି ୪ ଗୋଟି ପଦବୀ ସଂରକ୍ଷିତ ରହିଛି ବୋଲି ଏହି ଆଶାୟୀମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ୨୦୨୨ ମସିହାରେ ବି ଏହି ବିଜ୍ଞାପନରେ ଆବେଦନ କରିଥିବା କିଛି ଆଶାୟୀଙ୍କୁ ନିଯୁକ୍ତି ଦିଆଯାଇସାରିଛି । ସରକାରୀ ଅର୍ଥରେ ପ୍ରଶିକ୍ଷିତ ହୋଇ ଥିବା ଏହି ଆଶାୟୀ ମାନଙ୍କୁ ନିଯୁକ୍ତି ଦେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏକ ଆଦେଶନାମା ଜାରି କରିଥିବା ନେଇ ପତ୍ରରେ ଲେଖିଛନ୍ତି । ଏହି ଆଦେଶନାମା ଅନୁଯାୟୀ ପ୍ରାଣୀଧନ ନିରୀକ୍ଷକ ପଦରେ ନିଯୁକ୍ତି ଦେବାକୁ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

ଜଳବନ୍ଦୀରେ କେନ୍ଦୁଆ ଗ୍ରାମବାସୀ

ନୀଳଗିରି,୨୪।୮(ନି.ପ୍ର): ଲଘୁଚାପ ଜନିତ ପ୍ରବଳ ବର୍ଷାରେ ନୀଳଗିରି ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ପଞ୍ଚାୟତର କେନ୍ଦୁଆରେ ଲୋକେ ଜଳବନ୍ଦୀରେ ଥିବା ସୂଚନା ମିଳିଛି। ଦକ୍ଷିଣ ନରସିଂହପୁର ପଞ୍ଚାୟତ କେନ୍ଦୁଆବାସୀ ବର୍ଷା ଜଳରେ ଉବୁଟୁବୁ ହେଉଛନ୍ତି। ସ୍ଥାନୀୟ ପିଲାଙ୍କ ପାଠପଢ଼ାରେ ଅନିଶ୍ଚୟତା ସୃଷ୍ଟି ହୋଇଛି। ରୋଗୀ ଚିକିତ୍ସା ପାଇଁ ଡାକ୍ତରଖାନା ଆସି ପାରୁ ନାହାନ୍ତି। ଉକ୍ତ ରାସ୍ତାର ପ୍ରଧାନ ସାହିର ଶ୍ରୀନିବାସ ପ୍ରଧାନଙ୍କ ଘର ପାଖରେ ଏକ ହୋମ ପାଇପ ପଡିଛି। ଉକ୍ତ ପାଇପ ଦେଇ ଜଳ ନିଷ୍କାସିତ ହୁଏ। କିନ୍ତୁ ଉକ୍ତ ପାଇପକୁ ଶ୍ରୀ ପ୍ରଧାନ ପୋତି ଦେବା ଫଳରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରକୁ ଉଠିଆସିଛି। ଫଳରେ କେନ୍ଦୁଆ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଜଳ ନିଷ୍କାସନ ପାଇଁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟଥା ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଟ୍ରେନରେ କଟି ଯୁବକ ମୃତ

ଢୁଙ୍ଗୁରିପାଲି,୨୪।୮(ନି.ପ୍ର): ଢୁଙ୍ଗୁରିପାଲି-ଖଲିଆପାଲି ରେଳ ଷ୍ଟେସନ ମଝି ଫଟାମୁଣ୍ଡା ପାଖରେ ଏକ ରେଳଧାରଣାରେ ଏକ ଅଜଣା ଖଣ୍ଡବିଖଣ୍ଡିତ ମୃତ ଦେହ ପଡିଥିବା ଆଲୋଚନା ହୋଇଥିଲେ । ଘଟଣା ସ୍ଥଳରେ ପହଞ୍ଚି ଦେଖିବାକୁ ମିଳିଥିଲା ଯେ, ଜଣେ ୩୦ ବର୍ଷୀୟ ଯୁବକର ମୃତ ଦେହ ରେଳ ଧାରଣ କଡରେ ପଡି ରହିଥିଲା। ଏହାର କିଛି ଦୂରରେ ଏକ ଗୋଡ଼ ଏବଂ ଆହୁରି ୫୦ ମିଟର ଦୂରେ ଅନ୍ୟ ଏକ ଗୋଡ ଧାରଣ ମଝିରେ ପଡି ରହିଥିଲା । ମୃତ ଶରୀର ଠାରୁ ଅଳ୍ପ ଦୂରେ ଏକ ଭଙ୍ଗା ମୋବାଇଲ ପଡି ରହିଥିବା ବେଳେ ଗୋଟିଏ କଳା ରଙ୍ଗର ଟି-ସାର୍ଟ ପାଖରେ ପଡିଥିଲା । ମୃତ ଦେହଟି ସଂପୂର୍ଣ ବିବସ୍ତ୍ର ରହିଥିବା ବେଳେ ମୁହଁ ମାଡି ରହିଥିଲା । ମୃତ ବ୍ୟକ୍ତିର ପରିଚୟ ଜଣା ନ ପଡିବାରୁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଖବର ପାଇଁ ରେଲବାଇ ପୁଲିସ ପହଂଚିବା ବେଳକୁ ମୃତ ଦେହ ନେଇଯାଇଥିବା ଜଣାଯାଏ । ମୃତ ଯୁବକ ଜଣକ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଡୁଡୁକା ଗ୍ରାମର ହିମାଂଶୁ ପୁଟେଲ ବୋଲି ଚର୍ଚ୍ଚା ହେଉଛି। ସେ ଗତ ଶନିବାର ଘରୁ ଚାଲି ଆସିଥିବା ଆଲୋଚନା ହେଉଛି। କୌଣସି ଏକ ଟ୍ରେନରେ କଟି ମୃତ୍ୟୁ ହୋଇଥିବା ବେଳେ ଏହାର କାରଣ ଜଣା ପଡିନାହିଁ ।

ଲଗାଣ ବର୍ଷାରେ କାନ୍ଥ ପଡ଼ି ସ୍ୱାମୀ ସ୍ତ୍ରୀ ଗୁରୁତର

କଣ୍ଟାପଡା,୨୪।୮(ନି.ପ୍ର): କଟକ ଜିଲ୍ଲା ଗୋବିନ୍ଦପୁର ଥାନା କୂଳ ବ୍ରହ୍ମଣ ସାଇଲୋ ଗ୍ରାମରେ ଅଘଟଣ। କାନ୍ଥ ପଡ଼ି ସ୍ୱାମୀ ସ୍ତ୍ରୀ ଗୁରୁତର। ଶୋଇଥିବା ଅବସ୍ଥାରେ କାନ୍ଥ ପଡିଯିବାରୁ ଘଟିଛି ଏପରି ଅଘଟଣ। ଉଭୟ ସ୍ୱାମୀ ସ୍ତ୍ରୀ ଙ୍କୁ ଗୁରୁତର ଅବସ୍ଥାରେ ଶିବ ଭୋଇ ୭୦ଓ ସ୍ତ୍ରୀ ପ୍ରେମଲତା ଭୋଇ ୬୦ ଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଅତଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଦକଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି। ଲଗାଣ ବର୍ଷାରେ ମାଟି କାନ୍ଥ ବତୁରି ଯାଇ ଓଲଟି ପଡ଼ିଥିବା ସୂଚନା। ଘଟଣା ସ୍ଥଳରେ ଏପର୍ଯ୍ୟନ୍ତ କେହି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିବା ଜଣା ପଡିଛି। ପରିବାରକୁ ସରକାରୀ ଆବାସ ଯୋଗାଇବାକୁ ଦାବି ହେଉଛି।

ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣା, ଅଭିଯୁକ୍ତ ସୁଶାନ୍ତ ଗିରଫ, ଚାପଡ଼ ଜବତ

ଜଟଣୀ,୨୪।୮(ନି.ପ୍ର): ଜଟଣୀ ଥାନା ନିକଟରେ ପରକୀୟା ପ୍ରୀତି ପାଇଁ ଶନିବାର ଜଣେ ଯୁବକଙ୍କୁ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣାରେ ରବିବାର ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗଞ୍ଜାମ ରମ୍ଭା ଥାନା ନୂଆଗାଁ ଅଞ୍ଚଳର ଜଟଣୀ ଲୋକ କଲୋନିରେ ରହୁଥିବା ସୁଶାନ୍ତ ନାୟକ (୩୮)। ତା ନିକଟରୁ ଆକ୍ରମଣରେ ବ୍ୟବହୃତ ଚାପଡ଼ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, କିଛି ମାସ ପୂର୍ବେ ଅଭିଯୁକ୍ତ ସୁଶାନ୍ତଙ୍କ ପତ୍ନୀ ମୀରା ନାୟକ ଜଟଣୀ ଲୋକ କଲୋନି ସ୍ଥିତ ବନ୍ଧୁ ଘରକୁ ଯାତାୟାତ କରୁଥିଲେ। ଏହାରି ମଧ୍ୟରେ ପୀଡ଼ିତ ଚନ୍ଦନ ନାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ମୀରା ନିଜ ଘର ଛାଡ଼ି ଚନ୍ଦନଙ୍କ ସହ ଜଟଣୀରେ ରହୁଥିଲେ। ଅଭିଯୁକ୍ତ ସୁଶାନ୍ତ ଏହା ଜାଣିବା ପରେ ଚନ୍ଦନଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇ ଦେବାକୁ ଯୋଜନା କରୁଥିଲା। ପୂର୍ବ ପ୍ଲାନିଙ୍ଗ ଅନୁସାରେ ଗତ ଶନିବାର ପୀଡ଼ିତ ଚନ୍ଦନ ନାୟକ ମଧ୍ୟାହ୍ନ ୧୧ଟା ସମୟରେ ମୋ ଜଟଣୀ ନିକଟରେ ସଫେଇ ସାରି ଛିଡ଼ା ହୋଇଥିବାବେଳେ ପଛରୁ ଅଭିଯୁକ୍ତ ସୁଶାନ୍ତ ଚାପଡ଼ରେ ଆକ୍ରମଣ କରିଥିଲା। ଜୀବନ ବଞ୍ଚାଇବା ପାଇଁ ଚନ୍ଦନ ଦୌଡ଼ିବାକୁ ଲାଗିଥିଲେ। ହେଲେ ଅଭିଯୁକ୍ତ ବିଚ୍ ରାସ୍ତାରେ ପଛରୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବାରୁ ପଛାଇ ନଥିଲା। ଶେଷରେ ଚନ୍ଦନ ଜୀବନ ବଞ୍ଚାଇବା ବିକଳରେ ଥାନା ଭିତରେ ପସି ଯାଇଥିଲେ। ହେଲେ ଅଭିଯୁକ୍ତ ସୁଶାନ୍ତ ଥାନା ପରିସରରେ ମଧ୍ୟ ଆକ୍ରମଣ କରିଥିଲା। ଏଥିରେ ଚନ୍ଦନ ଗୁରୁତର ଆହତ ହେବା ସହ ତାଙ୍କ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି।

ମିଳିତ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଚାରି ଡିସ୍କମ୍ କର୍ମଚାରୀ

ଖୋର୍ଦ୍ଧା/ଭୁବନେଶ୍ୱର,୨୪।୮(ନି.ପ୍ର): ନିଜର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଚାରି ଡିସ୍କମ୍ ଯଥା ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଏସ୍ଓଡିଏଲ୍ ଓ ଟିପିଡବ୍ଲୁଓଡିଏଲ୍‌ର କର୍ମଚାରୀମାନଙ୍କୁ ନେଇ କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଏକ ବୈଠକ ଆୟୋଜିତ ହୋଇଅଛି । ଏହି ବୈଠକରେ ବିଶେଷ କରି ଚାରି ଡିସ୍କମ୍‌ରେ କାର୍ଯ୍ୟରତ ଅଫିସ୍ ଆସିଷ୍ଟାଣ୍ଟ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ସମସ୍ୟା ମଧ୍ୟରୁ ଚାରି ଡିସ୍କମ୍, ଓପିଟିସିଏଲ୍‌ର ଚାକିରି ସର୍ତ୍ତାବଳୀକୁ ଡିସ୍କମ୍‌ରେ ଲାଗୁ ନକରିବା ଓ ୱେଜ ବୋର୍ଡରେ ଡିସ୍କମ୍‌ରେ କାର୍ଯ୍ୟରତ ଅଫିସ୍ ଆସିଷ୍ଟାଣ୍ଟ ମାନଙ୍କୁ ଉପେକ୍ଷା ଭଳି ପ୍ରସଙ୍ଗରେ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବୈଠକରେ ଓଡ଼ିଶା ଡିସ୍କମ୍‌ର ଚିଫ୍ ଏଚ୍‌ଆର୍‌ଙ୍କୁ ଏକ ଦାବି ପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି ଓ ଏହାର ଯଥା ଶୀଘ୍ର ସମାଧାନ ନ ହେଲେ ଚାରି ଡିସ୍କମ୍‌ରେ କାର୍ଯ୍ୟରତ ଅଫିସ୍ ଆସିଷ୍ଟାଣ୍ଟମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଉତ୍କଳ ବିଦ୍ୟୁତ୍ କର୍ମଚାରୀ ସଂଘର ସଭାପତି ଯୁଧିଷ୍ଠିର ବିଶ୍ୱାଳ, ସାଧାରଣ ସମ୍ପାଦକ ସୁଧୀର କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଅମିତ୍ ମହାପାତ୍ର, ପଶ୍ଚିମ ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ସୁବାସ ତିୱାରୀ, ସୁଦର୍ଶନ କର, ବିଷ୍ଣୁପଦ ରାଉତ, ସାରଦା ପ୍ରସାଦ ସ୍ୱାଇଁ ଓ କୀର୍ତି ରଞ୍ଜନ ଛାଟୋଇ ଚାରି ଡିସ୍କମର ପ୍ରମୁଖ ଆଗ ଧାଡି ଯୁବ ଶ୍ରମିକ ନେତା ଉପସ୍ଥିତ ଥିଲେ ।

୨ ଅଟୋ ମଧ୍ୟରେ ଧକ୍କା ୪ ଗୁରୁତର

ବଣାଇ,୨୪।୮(ନି.ପ୍ର): ବଣାଇ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଇନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ନିକଟରେ ଦୁଇ ଅଟୋ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ହେଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ରବିବାର କେନାଭେଟା ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମରେ ବଣାଇ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା ବଲାଣି ପାଟଙ୍କ ପୂଜା ହେଉଥିବାବେଳେ ତାଙ୍କର ଦର୍ଶନ କରିସାରି ବଣାଇକୁ କନ୍ତଯୋଡ଼ି ଗ୍ରାମର ମିତ୍ରଭାନୁ ପାତ୍ର ଏକ ଅଟୋ ଯୋଗେ ଘରକୁ ଫେରୁଥିବାବେଳେ ଇନ୍ଦ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଅଟୋ ଆସି ମୁହାଁ ମୁହିଁ ଧକ୍କା ଦେବାରୁ ଅଟୋଟି ଓଲଟି ପଡିବାରୁ ଘଟଣା ସ୍ଥଳରେ ସମସ୍ତେ ଛିଟିକି ଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ସମସ୍ତଙ୍କୁ ଉଦ୍ଧାର କରି ବଣାଇ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ତାଙ୍କର ମାଆ ସତୀ ପାତ୍ର (୭୦) ପୁଅ ଭୁବନ ପାତ୍ର (୯) ଝିଅ ଇଶ୍ୱରୀ ପାତ୍ର (୬) ଓ ଅଟୋ ଚାଳକ ଶିବନାଥ କାରିଗରଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତରିତ କରିଥିବା ଜଣାପଡିଛି।

ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୪।୮(ନି.ପ୍ର): ଦେବଗଡ ଜିଲ୍ଲା ତିଲେଇବଣି ବ୍ଲକ ସଦର ମହକୁମାରେ ଆଜି ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବ ନିର୍ଦ୍ଧାରିତ ମାସର ଚତୁର୍ଥ ରବିବାର ହୋଇଥିବା ବେଳେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଅଭିଯୋଗ ଶୁଣାଣି ଶିବିରରେ ସାମିଲ ହୋଇ ଦିନ ପ୍ରାୟ ୧ ଟା ପର୍ଯ୍ୟନ୍ତ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୧୨ ଗୋଟି ବ୍ୟକ୍ତିଗତ ଏବଂ ସାମୁହିକ ଅଭିଯୋଗ ହୋଇଥିଲା। ବିଶେଷ କରି ରାସ୍ତା ନିର୍ମାଣ ଏବଂ ମରାମତି, ବିଦ୍ୟୁତ ସମସ୍ୟା, ଭୂମିହୀନ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ ଆଦି ଅଭିଯୋଗ ହୋଇଥିଲା। ବିଧାୟକ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭାଗୀୟ ଅଧିକାରୀଙ୍କ ନଜରକୁ ଆଣି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ପୌର ଏକାଦଶ ବିଜୟୀ

ପାରଳାଖେମୁଣ୍ଡି,୨୪।୮(ନି.ପ୍ର):କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ କ୍ରିକେଟ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ମ୍ୟାଚରେ ପୌରପରିଷଦ ଏକାଦଶ ବିଜୟ ହୋଇଛି। ପ୍ରଥମେ ଗଣମାଧ୍ୟମ ଏକାଦଶ ଟସ୍ ଜିଣି ବ୍ୟାଟିଂର ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ହରାଇ ୯୫ ରନ୍ କରିଥିଲା। ଜବାବରେ ପୌରପରିଷଦ ଏକାଦଶ ୧୦ .୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ନିର୍ମଳା ସେଠୀ, ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଗଜପତି କ୍ରିକେଟ୍ ଏସୋସିଏନ୍ ର ଦେବାଶିଷ ପାଢୀ, ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ନାୟକ, ଦ୍ୱିଜେନ୍ଦ୍ର ନାଥ ପାଢୀ, ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ।

ଡକାୟତ ଗ୍ୟାଙ୍ଗ ଗିରଫ କୋର୍ଟ ଚାଲାଣ

କୋଇଡା,୨୪।୮(ନି.ପ୍ର): କୋଇଡା ପୋଲିସ ଏକ ଡକାୟତ ଦଳକୁ ଠାବ କରି ୫୫୦୦ ଟଙ୍କା ନଗଦ ଜବତ କରିଛି ଏବଂ ଚାରି ଅଭିଯୁକ୍ତଙ୍କଠାରୁ ଅପରାଧ ସମୟରେ ବ୍ୟବହୃତ ଗୋଟିଏ ଏମସି ଏବଂ ଛୁରୀ ମଧ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ୧) ପାଟମୁଣ୍ଡା ଅଞ୍ଚଳର ଦିଲୀପ ପାତ୍ର (୩୧), ରୁଗୁଡି ଅଞ୍ଚଳର ଗୋବିନ୍ଦ ସୋନାର (୨୧), କେନ୍ଦୁଝର ଅଞ୍ଚଳର ଅଜୟ ନାଏକ (୨୭) ଓ ବଡବିଲ ଅଞ୍ଚଳର ସୌଭାଗ୍ୟ ନାଏକ (୧୯) ପୁଲିସ୍‌ର ସୂଚନା ଯାୟୀ ଅଭିଯୋଗକାରୀ, ଯ ନବୀନ କୁମାର ଯାଦବ ୨୩ ଅଗଷ୍ଟ ୨୦୨୫ ଦିନ ୦୧ ଟାରେ ପୋଲିସ ଷ୍ଟେସନରେ ହାଜର ହୋଇ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ ଯେ ୧୯ ଅଗଷ୍ଟ ୨୦୨୫ ଦିନ ପ୍ରାୟ ୦୧ ଟାରେ, ସେ ତାଙ୍କ ହାଇୱା ଗାଡ଼ି (ପଞ୍ଜିକରଣ ନମ୍ବର OD-14T-4026 ରେ ସନିନ୍ଦପୁର ଖଣିରୁ ଜୁରୁଡିର ବିଆଇଏଲ ସାଇଡିଂକୁ ଯାଉଥିଲେ, ଯେଉଁଥିରେ ଲୁହାପଥର ଭର୍ତ୍ତି ଥିଲା। ଯେତେବେଳେ ସେ ମାଲଦା ଜଙ୍ଗଲ ନିକଟରେ ପହଞ୍ଚିଲେ, ତାଙ୍କୁ ଚାରି ଜଣ ଅଜଣା ବ୍ୟକ୍ତି ଅଟକାଇଲେ। ଏହି ବ୍ୟକ୍ତିମାନେ ଏକ ସିଡି ଡିଲକ୍ସ ମୋଟରସାଇକେଲରେ (ପଞ୍ଜିକରଣ ନଂ.OD-09G-6182) ଆସି ତାଙ୍କୁ ଛୁରୀ ଦେଖାଇ ଧମକ ଦେଇଥିଲେ ଏବଂ ତାଙ୍କଠାରୁ ଗୋଟିଏ ସୁନା ପେଣ୍ଡେଣ୍ଟ, ୬୦୦୦ ଟଙ୍କା ନଗଦ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜୋରଜବରଦସ୍ତି ଛଡ଼ାଇ ନେଇଥିଲେ। ପୁଲିସ୍ ଚାରି ଜଣଙ୍କୁ ଆଜି କୋର୍ଟ ଚାଲାଣ କରିଛନ୍ତି ।

ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଆସ ଲେଖକଙ୍କୁ ଭେଟିବା' କାର୍ଯ୍ୟକ୍ରମ

ଉନ୍ମୋଚିତ ହେଲା ଓଡ଼ିଆ ବିଭାଗର ଇ-ପତ୍ରିକା 'କାରୁଣ୍ଡପ୍ରଭା'

କଳାହାଣ୍ଡି,୨୪।୮(ନି.ପ୍ର): ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ 'ଆସ ଲେଖକଙ୍କୁ ଭେଟିବା' ଏବଂ 'କାରୁଣ୍ଡପ୍ରଭା' ଇ-ପତ୍ରିକା ଉନ୍ମୋଚନ ଉତ୍ସବ ଯୁବସଂସ୍କାର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ଅତିଥି ଲେଖକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବପୁରସ୍କାର ପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣା ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ବାଲ୍ମୀକି କରୁଆଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ରଣାଙ୍କ ସମେତ ଡି.ଲିଟ୍ ଉପାଧି ପ୍ରାପ୍ତ କେସିଙ୍ଗା ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଡ.ରାକେଶ କୁମାର ବିଶି ଓ ସ୍ନାତକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ର ଅର୍ମିଲ୍ ପୂଝାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶ୍ରୀ ରଣା ତାଙ୍କ ଲେଖକୀୟ ଜୀବନ ସମ୍ବନ୍ଧରେ ଏକ ଧାରାବାହିକ ବିବରଣୀ ପ୍ରଦାନ କରିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରି ସନ୍ତୋଷଜନକ ଉତ୍ତର ପାଇଥିଲେ। ସହକାରୀ ପ୍ରଫେସର ଶ୍ରୀ ଡୋଳାମଣି ଧରୁଆ, ଡ଼.ସାଗରିକା ଦଳାଇ, ଡ଼. ପ୍ରତ୍ୟାଶା ଧଳ, ରେଣୁକା ଡାକୁଆ, ସୁବ୍ରତ ମାଝୀ, ଡ଼. ଶ୍ରୀକାନ୍ତ ବାରିକ, ଡ଼. ରାକେଶ ବିଶି, ଡ଼. ସୁରଞ୍ଜନ ପ୍ରଧାନ, ଡ଼. ରାଜେଶ ସାହୁ, ଡକ୍ଟର ଉମେଶଚନ୍ଦ୍ର ଶତପଥି, ଶ୍ରୀ ସୁଦର୍ଶନ ଦାସ, ସୁଦେଷ୍ଣା ପଣ୍ଡା, ପ୍ରତାପ ଦାସ, ସୌରଭ ମହାପାତ୍ର ତଥା ଓଡ଼ିଆ ବିଭାଗର ସମସ୍ତ ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ମା ବଲାଣି ପାଟଙ୍କ ପୂଜା ଅନୁଷ୍ଠିତ

ବଣାଇ,୨୪।୮(ନି.ପ୍ର): ବଣାଇ ବ୍ଲକ କେନାଭେଟା ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମ ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା ବଲାଣୀ ପାଟଙ୍କ ଦ୍ୱିବାର୍ଷିକ ପୂଜା ରବିବାର ବହୁ ଧୁମଧାମରେ ପାଳିତ ହେଇଥିବା ଦେଖା ଦେଇଛି। ପ୍ରତ୍ୟେକ ଦୁଇ ବର୍ଷରେ ଥରେ ମା ଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ମଧ ମା ବଲାଣି ପାଟ ପୂଜା କମିଟି ପକ୍ଷରୁ ସଭାପତି ନିତ୍ୟାନନ୍ଦ ବେହେରାଙ୍କ ନେତୃତ୍ୱରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଗୋଟି ଗ୍ରାମର ଲୋକଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏହି ଅଞ୍ଚଳର ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ସେ ପ୍ରସିଦ୍ଧି ପାଇଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁମାନେ ମା ଙ୍କ ପାଖରେ ଯାହା ମାନସିକ କରି ଥାଆନ୍ତି ତାହା ପୂରଣ ହୁଏ ବୋଲି ବିଶ୍ୱାସ କରି ଭୋର ସମୟରୁ ମା ଙ୍କୁ ଦର୍ଶନ କରିବା ପାଇଁ ଲମ୍ବା ଲାଇନରେ ଅପେକ୍ଷା କରି ରହିଥିଲେ। ପୋଲିସ, ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିଙ୍କ ମିଳିତ ସହଯୋଗ ରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବ୍ୟାରିକେଡ଼ ବ୍ୟବସ୍ଥା ସହ ପାନୀୟ ଜଳ, ଗାଡ଼ି ମୋଟର ପାର୍କିଂ, ଅର୍ଣ୍ଣ ଭୋଗ ବ୍ୟବସ୍ଥା, ଦୋକାନ ବଜାର ଗୁଡିକ ପାଇଁ ଅତି ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଥିଲା। ମାନସିକ ପୂରଣ ହେଇଥିବା ଭକ୍ତମାନେ ଶହ ଶହ ସଂଖ୍ୟାରେ ବୋଦା ଓ କୁକୁଡ଼ା ମା ପାଖରେ ବଳି ଦେଇଥିଲେ। କମିଟିର ସଭାପତି ନିତ୍ୟାନନ୍ଦ ବେହେରା, ସମ୍ପାଦକ ଚିତ୍ତରଞ୍ଜନ ସାହୁଙ୍କ କହିବା ଅନୁଯାୟୀ ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ଜିଲ୍ଲା ଓ ରାଜ୍ୟ ବାହାରୁ ମହିଳା ଓ ପୁରୁଷ ଭକ୍ତ ଓ ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ ପାଇଁ ଭୋର ସମୟରୁ ଆସି ଲମ୍ବା ଲାଇନରେ ଅପେକ୍ଷା କରି ରହିଥିଲେ। ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ପାଇଁ ବଣାଇ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ନିଜେ ଉପସ୍ଥିତ ରହି ତଦାରଖ କରୁଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିବ ସୁନ୍ଦର ରାଉତ, ଯୁଧିଷ୍ଠିର ବେହେରା, ଋଷି ଶେଖର କିସାନ, ରଞ୍ଜିତ ନାୟକ, ଟେକାନନ୍ଦ ସାହୁ, ସୁଦାମ ଚରଣ ଶତପଥୀ, ସୁଧାକର ବେହେରା ତଥା କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ବଳଦେବ ଉଚ୍ଚବିଦ୍ୟାଳୟ ପଞ୍ଚସଖାଶିକ୍ଷା ସେତୁ ସଂଗଠନ ବୈଠକ

କେନ୍ଦ୍ରାପଡା,୨୪।୮(ନି.ପ୍ର): କେନ୍ଦ୍ରାପଡା ସହର ସ୍ଥିତ ବଳଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୁବିନା ପ୍ରଧାନ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ପ୍ରାଧ୍ୟାପକ ଅଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୁବିନା ପ୍ରଧାନ ବିଦ୍ୟାଳୟରେ ସୁରକ୍ଷା କର୍ମୀ ଓ ବିଦ୍ୟାଳୟର ରକ୍ଷଣା ବେକ୍ଷଣ ତଥା ସଫେଇ କର୍ମୀଙ୍କ ନିଯୁକ୍ତି ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆଦେଶ ନାମା ପତ୍ରକୁ ଉପସ୍ଥାପନ କରି ଅବଗତ କରିଥିଲେ । ବିଦ୍ୟାଳୟ ପାଇଁ ପଞ୍ଚମୁଖୀ ହନୁମାନ ମହିଳା ସ୍ୱୟଂସହାୟକ ଗୃପକୁ ଚୟନ କରାଯାଇ ତାଙ୍କ ଦ୍ୱାରା ରାତ୍ର ଜଗୁଆଳ ଓ ସଫେଇ କର୍ମଚାରୀ ଦୁଇଜଣ କାମ କରିବା ପାଇଁ ଦାୟିତ୍ୱ ଦେବାକୁ ସ୍ଥିର କରାଯାଇ ଆଦେଶ ସଂପର୍କରେ ଆଲୋଚନା କରାଗଲା । ବିଦ୍ୟାଳୟର ଖାଲି ଥିବା ଶିକ୍ଷକ ପଦବୀ ପୁରଣ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟିବା ପାଇଁ ଆଲୋଚନା କରାଯାଇଥିଲା । ଏହି ପୁରାତନ ବିଦ୍ୟାଳୟର ପଶ୍ଚିମ ପାର୍ଶ୍ୱରେ ତିନିଗୋଟି ପୁରୁଣା ଆଜବେଷ୍ଟ ସ୍ଥଗିତ ଥିବା ଶ୍ରେଣୀ ଗୃହର ଆବଶ୍ୟକୀୟ ନବୀକରଣ କାର୍ଯ୍ୟ ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରି କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଡିଭିଜନଙ୍କ-୧କୁ ତୁରନ୍ତ ସମ୍ପାଦନ ନିମନ୍ତେ ଅନୁରୋଧ କରାଯାଇ ପତ୍ର ଦେବାକୁ ସ୍ଥିର କରାଯାଇଅଛି । ଉକ୍ତ ବୈଠକରେ ପୁରାତନ ଛାତ୍ର ଅଦ୍ୱୈତ କୁମାର ଦାସ, ପୂର୍ବତନନଗରପାଳ ଧିରେନ ସାହୁ, ବ୍ରଜସୁନ୍ଦର ଦାସ, ସୁନୀଲ ମହାଳିକ, ପୌରସଭ୍ୟା ପ୍ରଦୀପ୍ତ ଜେନା, ପୌର ସଭ୍ୟ ଉମେଶ ଚନ୍ଦ୍ର ନାୟକ, କ୍ଷୀରୋଦ ସାହୁ ଏବଂ ସହକାରୀ ଶିକ୍ଷକ ତପନ କୁମାର ଦାସ ଏବଂ ମହିଳା ଏସ୍.ଏଚ.ଜି ଗୃପର ମାନିନୀ ସ୍ୱାଇଁ ଓ ନିରୋଦ ନଳିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ତ୍ରିକଳିଙ୍ଗର ଉନ୍ମୋଚନ ଓ ପାଇକ ବିଦ୍ରୋହ ସମ୍ପର୍କୀତ ସଂପାନ

ଖୋର୍ଦ୍ଧା,୨୪।୮(ନି.ପ୍ର): ଐତିହାସିକ ଜର୍ଣ୍ଣାଲ ତ୍ରିକଳିଙ୍ଗ ଷୋଡ଼ଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଖୋରଧା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଇତିହାସ ବିଭାଗ ଓ ତ୍ରିକଳିଙ୍ଗର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ନାରାୟଣ ରାଓ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ଜେନା ମୁଖ୍ୟବକ୍ତା ଓ ସମାଜସେବୀ ଦିଲ୍ଲୀପ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଭିନ୍ନ ପ୍ରଦେଶରେ ହୋଇଥିବା ସଂଗ୍ରାମ ସହ ପାଇକ ବିଦ୍ରୋହର ତୁଳନାତ୍ମକ ଆଲୋଚନା ଓ ଏହାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ମୌସୁମୀ ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତ୍ରିକଳିଙ୍ଗ ମୁଖ୍ୟ ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ପତ୍ରିକାର ଲକ୍ଷ୍ୟ, ଗବେଷଣା ଓ ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ । ତ୍ରିକଳିଙ୍ଗ ପ୍ରତିଷ୍ଠାତା ସମ୍ବିତ ପଟ୍ଟନାୟକ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ସ୍ଥାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ଇତିହାସ ବିଭାଗ ପ୍ରାକ୍ତନ ମୁଖ୍ୟ କବିତା କୁମାରୀ ସ୍ୱାଇଁ ପାଇକ ବିଦ୍ରୋହର ସମ୍ପର୍କରେ ସଦୃଷ୍ଟାନ୍ତ ତଥ୍ୟ ଉପସ୍ଥାପନା କରିଥିଲେ । ଏଥିରେ ଚଳଚ୍ଚିତ୍ର ପାଇକ ବିଦ୍ରୋହ ପ୍ରଦର୍ଶିତ ହୋଇଥିଲା । ବରିଷ୍ଠ ଗବେଷକ ସତ୍ୟବାଦୀ ବଳିୟାରସିଂହ ଓ ଗବେଷକ ଲକ୍ଷ୍ମୀଧର ବଡ଼ଜେନାଙ୍କୁ ଯଥାକ୍ରମେ ତ୍ରିକଳିଙ୍ଗ ଇତିହାସ ସମ୍ମାନ ଓ ତ୍ରିକଳିଙ୍ଗ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସମାଜସେବୀ ନରେନ୍ଦ୍ର ପୃଷ୍ଟିଙ୍କୁ କଳାବିନୋଦ ସମାଜସେବା ସମ୍ମାନ ଓ ସାହିତ୍ୟ ସାଧକ ଶିବସୁନ୍ଦର ପଟ୍ଟନାୟକଙ୍କୁ କଳାବିନୋଦ ସାରସ୍ୱତ ସମ୍ମାନରେ ଭୂଷିତ କରାଯାଇଥିଲା । ଉତ୍ସବକୁ ପରିଷଦର ସମ୍ପାଦକ କୃଷ୍ଣ ହରିଚନ୍ଦନ ଓ ଇତିହାସ ବିଭାଗ ଅଧ୍ୟାପକ ରମାକାନ୍ତ ପ୍ରଧାନ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଇକ ବିଦ୍ରୋହ ସମ୍ପର୍କିତ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧ୍ୟାପିକା କଳ୍ପନା ରଣା ଧନ୍ୟବାଦ ଦେଇଥିଲେ ।

ଦ୍ରୁତ ଗତିରେ ଚାଲିଛି କୁସଙ୍ଗ - ବାଣିଗୋଚ୍ଛା ପୂର୍ତ୍ତ ରାସ୍ତା କାର୍ଯ୍ୟ

ମୁଖ୍ୟ ସଚେତକଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

ହରଭଙ୍ଗା,୨୪।୮ (ନିପ୍ର): ଉପାନ୍ତ ଅଞ୍ଚଳରେ ଗମନାଗମନ ନିମନ୍ତେ କୁସଙ୍ଗ -ବାଣିଗୋଚ୍ଛା ପୂର୍ତ୍ତ ରାସ୍ତା କାମ ଦ୍ରୁତଗତିରେ ଆଗେଇଚାଲିଛି। ଦୀର୍ଘ ୨୪ବର୍ଷ ଧରି ବିଜେଡି ସରକାର ଯାହା କରି ପାରିନି ବର୍ଷକ ମଧ୍ୟରେ ବିଜେପି ସରକାର ତାହା କରିଦେଖଇଛି ବୋଲି ଆଲୋଚନା ହେଉଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ ପୂର୍ବତନ ବିଧାୟକ ଏହି ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ରାସ୍ତା କାମ ଆରମ୍ଭ ହୋଇ ନ ଥିଲା। ଓଡିଶା ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଆନ୍ତରିକ ପ୍ରୟାସ ଯୋଗୁ ଉକ୍ତ ରାସ୍ତାର ଭିତ୍ତି ପ୍ରସ୍ତର ଚଳିତ ମାସ ୧୬ରେ କୁସଙ୍ଗ ଠାରେ ପଡ଼ିଥିଲା। ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଜେପି ବରିଷ୍ଠ ନେତା ତଥା ବିଧାୟକ ପ୍ରତିନିଧି ସୁଶାନ୍ତ କୁମାର ପ୍ରଧାନ, ହରଭଙ୍ଗା ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ଉପାଧକ୍ଷ କାହ୍ନୁ ଚରଣ ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ। କୁସଙ୍ଗ -ବାଣିଗୋଚ୍ଛା ପ୍ରାୟ ୨୫ କିମି ପାଇଁ ୩୯କୋଟି ୫୫ଲକ୍ଷ ୫୭ ହଜାର ୨୮୪ ଟଙ୍କା ମଂଜୁର ହୋଇଛି । ମାତ୍ର୯ ଦିନ ମଧ୍ୟରେ ରାସ୍ତା କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏଥିପାଇଁ ମୁଖ୍ୟ ସଚେତକଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିବା ସହିତ ମୋହନ ସରକାରଙ୍କୁ ମଧ ଧନ୍ୟବାଦ ଦେଇଛନ୍ତି।

କୋଇଡା ମଣ୍ଡଳ ଟ୍ରକ୍ ଓ ଟିପର ମାଲିକ ସଂଘ ଉଦ୍‌ଘାଟିତ

ନୂତନ ଆଶାର ଆଲୋକ ସାଜିବ ସଂଘ : ଜୁଏଲ

କୋଇଡା,୨୪।୮(ନି.ପ୍ର): ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ କୋଇଡା ଗସ୍ତ କରି ସରସ୍ୱତୀ ଶିଶୁ ମନ୍ଦିର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଛନ୍ତି। ଏହାପରେ କୋଇଡା ମଣ୍ଡଳ ଟ୍ରକ୍ ଓ ଟିପର୍ ମାଲିକ ସଂଘର ଉଦ୍‌ଘାଟନ ସମାରୋହରେ ଯୋଗଦେଇଛନ୍ତି । ଶ୍ରୀ ଓରାମ ଦେବାଦେବୀଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଓ ରିବନ୍ କାଟି ସଂଘକୁ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କୋଇଡାର ସମଗ୍ର ବିକାଶ ପାଇଁ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଖଣି ଅଞ୍ଚଳରେ ଗାଡି ମାଲିକଙ୍କ ବିକାଶ ନିମିତ୍ତ ଗଠିତ କୋଇଡା ମଣ୍ଡଳ ଟ୍ରକ୍ ଏବଂ ଟିପର୍ ମାଲିକ ସଂଘ ଆଗାମୀ ଦିନରେ ଆଶାର ଆଲୋକ ସାଜି ରୋଜଗାର ପନ୍ଥା ନିର୍ଦ୍ଧାରଣରେ ସହାୟକ ହେବ । କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ପୁର୍ଣ୍ଣିମା କେରକେଟା, ରାଜ୍ୟ କମିଟି ସଭ୍ୟ ରାହାସ ବିହାରୀ ପ୍ରଧାନ, ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ,ପୂର୍ବତନ ବଣାଇଁ ମଣ୍ଡଳ ଜିଲ୍ଲା ସଭାପତି ମନୋଜ ପ୍ରଧାନ, ଜିଲ୍ଲା କୋଷାଧକ୍ଷ ଚେତନାଦିପ୍ତ ନାୟକ, କୋଇଡା ମଣ୍ଡଳ ସଭାପତି ରାମଚନ୍ଦ୍ର ପଲେଇ, ପୂର୍ବତନ ସଭାପତି ମେଲେରି ବାରିକ, ଟ୍ରକ୍ ଏବଂ ଟିପର୍ ମାଲିକ ସଂଘ ସଭାପତି ଦିପକ ଜ୍ୟୋତି ବାର୍ଲା, ସମ୍ପାଦକ ସାନ୍ତନୁ ବାରିକ, କୋଷାଧକ୍ଷ ରାମ ପ୍ରକାଶ ଜୟସ୍ୱାଲ, ଉପସଭାପତି ବ୍ରଜବନ୍ଧୁ ରାଉତ, ସହ ସମ୍ପାଦକ ରାଜେନ୍ଦ୍ର ରଣା ପ୍ରମୁଖଙ୍କ ସହିତ ହଜାରେରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଓ ସଦସ୍ୟ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ବିଡିଓ ଏସ୍ ସାରା ଉପସ୍ଥିତ ଥିଲେ ।

୧୪ କୋଟି ବ୍ୟୟରେ ନିର୍ମିତ ରାସ୍ତା ୧୪ମାସ ଗଲାନି

ବୋଲଗଡ,୨୪।୮(ନିପ୍ର): ବୋଲଗଡ ବ୍ଲକ ଟୀକାତାଳ ଠାରୁ କୋଦବେରେଣୀ ୧୦କିମି ରାସ୍ତା କାମ ୬ମାସ ପୂର୍ବେ ଶେଷ ହୋଇଛି। ପୂର୍ତ୍ତବିଭାଗର ଏହି ରାସ୍ତା ପାଇଁ ୧୪କୋଟି ଟଙ୍କା ବ୍ୟୟ କରାଯାଇଛି । ମାତ୍ର ୬ମାସ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକାରୁ ଜନସାଧାରଣ ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ରାସ୍ତା ଉପରେ ୫ ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ବିଭାଗୀୟ ଉଚ୍ଚ ଅଧିକାରୀ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଜନସାଧାରଣରେ ଦାବି ହେଉଛି।

ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ୍ ନାହିଁ

ବୋଲଗଡ,୨୪।୮(ନି.ପ୍ର): ବୋଲଗଡ ତହସିଲ ଅନ୍ତର୍ଗତ ପିଚୁକୁଳି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦୀର୍ଘ ୫ବର୍ଷ ହେଲା ବିଦ୍ୟୁତ ସଂଯୋଗ ନାହିଁ। ନୂତନ କାର୍ଯ୍ୟାଳୟ ନିର୍ମାଣ ପରେ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ଫଳରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି ବୋଲି ରାଜସ୍ୱ ନିରୀକ୍ଷକ ଦେବବ୍ରତ ବିଶ୍ୱାଳ ଜଣାଇଛନ୍ତି। ଏବେ ସବୁ କାର୍ଯ୍ୟ ଅନଲାଇନରେ ହେଉଥିବା ବେଳେ ସମସ୍ତ କାର୍ଯ୍ୟ ଠପ ହୋଇଯାଇଛି। ଏନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସୂଚନା ପାଇ ତହସିଲଦାର ବିଜୟ ସେଠି ତୁରନ୍ତ ବିଦ୍ୟୁତ ସଂଯୋଗ ଦେବାକୁ ବିନୋଦପଡା ବିଦ୍ୟୁତ ସେକ୍ସନକୁ ନିର୍ଦ୍ଦେଶ ଦେଇଥିବା ଜଣାଇଛନ୍ତି।

ବ୍ରହ୍ମାକୁମାରୀ ଖୋର୍ଦ୍ଧା ଆଶ୍ରମରେ ରକ୍ତଦାନ ଶିବିର

ଖୋର୍ଦ୍ଧା,୨୪।୮(ନି.ପ୍ର): ଖୋର୍ଦ୍ଧା ସହରର ଗୋଡିପୋଖରୀଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ଏହି ସଂସ୍ଥାର ପୂର୍ବତନ ମୁଖ୍ୟ ପ୍ରସାଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରକାଶମଣୀ ଦାଦିଙ୍କର ୧୮ ତମ ପୂଣ୍ୟ ତିଥି ଅବସରରେ ବିଶ୍ୱବନ୍ଧୁତ ଦିବସ ଉପଲକ୍ଷେ ସକଳ ୯ ଘଟିକାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ବ୍ଲଡ ସେଣ୍ଟର୍ ଅଧିକାରୀ ଡାକ୍ତର ସୌରଭ ରାୟ ନର୍ସିଂ ଅଫିସର ଝାନ୍ସି ରାଣୀ ପାତ୍ର, କାଉନସିଲର ଲକ୍ଷୀପ୍ରିୟା ପ୍ରଧାନ, ଲାବରୋଟୋରୀ ଟେକନିଶିଆନ ଅରୁଣ କୁମାର ସାହୁ ଓ ଝୁନୁ ଲତା ସାହୁଙ୍କର ସହଯୋଗରେ ସର୍ବମୋଟ ୪୪ ୟୁନିଟ ରକ୍ତ ବ୍ରହ୍ମାକୁମାରୀ ଆଶ୍ରମ ଖୋର୍ଦ୍ଧା ପରିସରରେ

ସଂଗ୍ରହ କରାଯାଇଥିଲା । ଅତିଥି ରୂପରେ ପୌରାଧକ୍ଷା ଶ୍ରୀମତୀ ମହାନ୍ତି, ଉପ ପୌରାଧକ୍ଷା ସୌର୍ଯ୍ୟ ରଞ୍ଜନ ମହାନ୍ତି, ବ୍ଲକ ଉପାଧକ୍ଷ ଶ୍ରୀ ସାମନ୍ତରାୟ, ଆଇନ ମହାବିଦ୍ୟାଳୟ ସମ୍ପାଦକ ସୁଧିର କୁମାର ମାନସିଂହ, ଡାକ୍ତର ଅମିୟ ଚରଣ ଜେନାମଣି ଯୋଗଦାନ କରି ପ୍ରକାଶମଣି ଦାଦିଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଏହି ରକ୍ତଦାନ ଶିବିରକୁ ଜନ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ସର୍ବ ପ୍ରଥମେ ବ୍ରହ୍ମାକୁମାରୀ ଗୌରୀ ଭଉଣୀ (ବାଙ୍କୀ), ଆଇଟିବିପିର ଯବାନ ଭାଇମାନେ, ସମାଜସେବୀ, ବ୍ୟବସାୟୀ, ଛାତ୍ର ଛାତ୍ରୀ ଓ ଅନେକ ବ୍ରହ୍ମାକୁମର, କୁମାରୀ ମାନେ ଏହି ପବିତ୍ର ରକ୍ତ ଦାନ ଶିବିରରେ ଯୋଗଦାନ କରିଥିବାରୁ ସେବା କେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀ ଓ ସଂଯୋଜକ ବ୍ରହ୍ମାକୁମାରଜୟକୃଷ୍ଣ ଭାଇ ସମସ୍ତଙ୍କୁ ଧନ୍ୟବାଦଜଣାଇଥିଲେ ।

କଂଗ୍ରେସର ନିର୍ବାଚନମଣ୍ଡଳୀ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡା,୨୪।୮(ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ାର ପର୍ଯ୍ୟବେକ୍ଷକ ସସ୍ମିତା ବେହେରାଙ୍କ ପରାମର୍ଶ କ୍ରମେ ପୂର୍ବତନ ବିଧାୟିକା ତଥା କେନ୍ଦ୍ରାପଡ଼ା ବିଧାନ ସଭା ବିଧାୟିକା ପ୍ରାର୍ଥୀ ଡକ୍ଟର ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା କାଜଳା ସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ସ୍ତରରେ କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜବୁତ କରିବା ଲକ୍ଷ୍ୟରେ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନିଜେ କଂଗ୍ରେସ୍ ନେତ୍ରୀ ସିପ୍ରା ମଲ୍ଲିକ ସଭାପତିତ୍ୱ କରିଥିଲେ। ପ୍ରଥମେ କେନ୍ଦ୍ରାପଡା କଂଗ୍ରେସ ଭବନରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଖୋଲିବାକୁ ଆଲୋଚନା କରାଯାଇଥିଲା। ଅଖିଳ ଭାରତୀୟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ପ୍ରସଙ୍ଗକୁ ସଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୧୩୦ ତମ ସମ୍ବିଧାନ ସଂଶୋଧନକୁ ବିରୋଧ ସହ ରାହୁଲ୍ ଗାନ୍ଧୀଙ୍କ ଗଣତନ୍ତ୍ର ସୁରକ୍ଷା କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। ଉକ୍ତ ବୈଠକରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ସମସ୍ୟା ବିରୋଧରେ କିପରି ନିର୍ବାଚନ ମଣ୍ଡଳୀ ସ୍ତରରେ ବିରୋଧ ଓ ଆନ୍ଦୋଳନକୁ ସକ୍ରିୟ କରାଯିବ ସେ ନେଇ ବିଶେଷ ଆଲୋଚନା କରିଥିଲେ ବିଧାୟିକା ପ୍ରାର୍ଥୀ ଡକ୍ଟର ସିପ୍ରା ମଲ୍ଲିକ। ଏହି ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ କେନ୍ଦ୍ରାପଡା ପୌରାଧକ୍ଷ ଆକବର ଅଲ୍ଲୀ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟା ସସ୍ମିତା ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବସନ୍ତ ସେଠୀ, ବରିଷ୍ଠ ଆଇନଜୀବୀ ବିଧୁ ଭୂଷଣ ମହାପାତ୍ର, ଯୁବ ନେତା ରଶ୍ମିରଞ୍ଜନ ଚୌଧୁରୀ, ବିପ୍ଳବ ମହାନ୍ତି, ନିଲୋ ଖାଁ, ହିମାଂଶୁ ନନ୍ଦ, ସେଖ ଆନସ, ଶେଖ କାଲା, ଶେଖ ଜଲାଲ ଉଦ୍ଦିନ ଭଳି ଅନେକ ବରିଷ୍ଠ ନେତା ଓ ସଂଗଠକ ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ ।

ଗାନ୍ଧୀ ସେବା ସମ୍ମାନ ପାଇଁ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଜୟନ୍ତ କୁମାର ଦଣ୍ଡସେନା ମନୋନୀତ

କଳାହାଣ୍ଡି,୨୪।୮(ନି.ପ୍ର): ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ ତମ ଜନ୍ମ ବାର୍ଷିକୀ ଅବସରରେ ସେବା ଓ ତ୍ୟାଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସରମାନଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ –୨୦୨୫ ପ୍ରଦାନ ପାଇଁ

ତାଲିକା ପ୍ରକାଶ ପାଇଥିଲା । ଏହି ତାଲିକାରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ଜୟନ୍ତ କୁମାର ଦଣ୍ଡସେନାଙ୍କ ନାମ ଉଲ୍ଲେଖ ହୋଇଥିଲା । ସେ ଚଳିତ ବର୍ଷ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ–୨୦୨୫ ପାଇବା ପାଇଁ ମନୋନୀତ ହୋଇଥିଲେ । ଗତ ୨୦ ତାରିଖ ଦିନ ଭୁବନେଶ୍ୱରର ଜୟଦେବ ଭବନରେ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ତରଫରୁ ଶ୍ରୀ ଦଣ୍ଡସେନା ଏହି ସମ୍ମାନ ଗ୍ରହଣ କରିଛନ୍ତି । ସେବା ସମ୍ମାନ ଗ୍ରହଣ କରିବାରୁ ବିଶ୍ୱବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ, କୁଳସଚିବ ଡକ୍ଟର ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ତଥା ସମସ୍ତ କର୍ମଚାରୀ ଶ୍ରୀ ଦଣ୍ଡସେନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ବରିଷ୍ଠ ନାଗରିକ ସଂଘର ପ୍ରଥମ ବାର୍ଷିକ ଉତ୍ସବରେ ଯୋଗଦେଲେ ଆଇନ ମନ୍ତ୍ରୀ

ଚିଲିକା,୨୪।୮(ନି.ପ୍ର): ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ–୨ ପରିସରରେ ବରିଷ୍ଠ ନାଗରିକ ସଂଘ, ବାଣପୁରର ପ୍ରଥମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ବରିଷ୍ଠ ନାଗରିକ, ଏ ଦେଶ ଓ ଜାତିର କର୍ଣ୍ଣଧାର, ସେମାନଙ୍କ ବଳିଷ୍ଠ ଉପଦେଶ ଓ ଦିଗଦର୍ଶନ ଆମ ସମାଜକୁ ଅଧିକ ଉନ୍ନତ କରିଥାଏ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମ୍ମାନ ଆମ ସମସ୍ତଙ୍କ ଦାୟିତ୍ୱ ଅଟେ। ସମାଜ ଗଠନରେ ସେମାନଙ୍କର ଅବଦାନ ସର୍ବଦା ସ୍ମରଣୀୟ। ସେମାନଙ୍କ ସମ୍ମାନ, ସୁରକ୍ଷା ଏବଂ ସୁସ୍ଥତା ପାଇଁ ଆମେ ସମସ୍ତେ ଯତ୍ନବାନ୍ ହେବା ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ବରିଷ୍ଠ ନାଗରିକ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକ, ଚିଲିକା ବ୍ଲକର ପୂର୍ବତନ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ, ସଂଘର ସଭାପତି ଡ଼ଃ ଚିନ୍ତାମଣି ମିଶ୍ର, ଉପସଭାପତି ଗୋଲକ ବିହାରୀ ପରିଡ଼ା, ସଭ୍ୟ ନନ୍ଦ କିଶୋର ମିଶ୍ରଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଜାତୀୟ କବି ବାଞ୍ଛାନିଧି ଦାସଙ୍କ ଜୟନ୍ତୀ

ବରୀ,୨୪।୮(ନି.ପ୍ର): ଜାତୀୟ କବି ତଥା ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦାସଙ୍କ ୧୦୨ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସନ୍ତନ ମହାବିଦ୍ୟାଳୟ ଠାରେ ବରୀ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟ ତଥା କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ସହଯୋଗରେ ବାଞ୍ଛାନିଧି ଦାସଙ୍କ ଜୀବନୀ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠାନର ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ ସୁବାଷ ଚନ୍ଦ୍ର ବିଶ୍ୱାଳ, ଗଗନ ବିହାରୀ ଜେନା, ସନ୍ତନ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ଦାସ, ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ପୂଜାରୀ ଥିଲେ ଜାତୀୟ କବି ବାଞ୍ଛାନିଧି ଦାସ ଓ ତାଙ୍କ କବିତାରେ

ଥିଲା ପ୍ରତିଟି ଜାତୀୟ ପ୍ରେମି ମଣିଷ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ପ୍ରାରମ୍ଭରୁ ସମାଜସେବୀ ସତ୍ୟରଞ୍ଜନ କର ନିଜର ସାରଗର୍ଭକ ବକ୍ତବ୍ୟ ମାଧମରେ କବିଙ୍କ କାର୍ଯ୍ୟ ଧାରାକୁ ମୂଲ୍ୟାୟନ କରିଥିଲେ। ପ୍ରଭଞ୍ଜନ ପତିଙ୍କୁ ବାଞ୍ଛାନିଧିଙ୍କ ଦାୟାଦ ଭାବରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଗିରିଶ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୃସିଂହ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅତିଥିମାନେ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତାଙ୍କର କବିତା ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ କୁଳପତି ଗୋକୁଳା ନନ୍ଦ ଦାସଙ୍କ ସ୍ମୃତି ଚାରଣ ଓ ଆତ୍ମାର ସଦଗତି ଉପଲକ୍ଷେ ନିରବ ପ୍ରାର୍ଥନା ଅନୁଷ୍ଠାନ ପକ୍ଷରୁ କରାଯାଇଥିଲା। ଶେଷରେ ବିଦଗଧାର ନିର୍ଦ୍ଦେଶକ ଶରତ ଜେନା ଧନ୍ୟବାଦ ଦେଇଥିଲା।

ଲୁଟେରା ଗ୍ୟାଙ୍ଗ ଗିରଫ : ସୁନା, ରୁପା ଓ ଗାଡି ଜବତ

କଣ୍ଟାପଡ଼ା,୨୪।୮(ନି.ପ୍ର): ଗୋବିନ୍ଦପୁର ପୋଲିସ ୫ଜଣିଆ ଆନ୍ତଃ ଜିଲ୍ଲା ଲୁଟେରା ଗ୍ୟାଙ୍ଗକୁ ଗିରଫ କରି ଲୁଟ୍ ହୋଇଥିବା ସୁନା ଓ ରୁପା ସହିତ ଏକ ଗାଡି ଜବତ କରିଛି । କଟକ ଜିଲ୍ଲା ଗୋବିନ୍ଦପୁର ବଜାରରେ ସୁନିଲ କୁମାର ସାହୁଙ୍କର 'ସାହୁ ଜୁଏଲାରୀ' ନାମରେ ଏକ ଗହଣା ଦୋକାନ କରହିଛି। ଅଗଷ୍ଟ ୧ ସଂଧ୍ୟାରେ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ଥାନାଠାରୁ ମାତ୍ର ୧୦୦ ମିଟର ଦୂର ବ୍ରିଜ ନିକଟରେ ବାଇକରେ ଆସିଥିବା କେତେକ ଦୁର୍ବୃତ୍ତ ସୁନିଲଙ୍କ ଠାରୁ ପ୍ରାୟ ୨୫୦ ଗ୍ରାମ ସୁନା ଓ ୫ କିଲୋ ରୁପା ଗହଣା ଲୁଟି ନେଇଥିଲେ। ଏ ସମ୍ପର୍କରେ ଗୋବିନ୍ଦପୁର ବଜାର କମିଟି ଓ ସୁନିଲ ଗୋବିନ୍ଦପୁର ଥାନାରେ ଏତଲା ଦେବା ସହିତ ଦୁର୍ବୃତ୍ତମାନଙ୍କୁ ଗିରଫ ଦାବିରେ ବଜାର ବନ୍ଦ କରିଥିଲେ। ନିଆଳି ଆଇଆଇସି ବିଜୟ କୁମାର ମଲ୍ଲିକ ଓ ସ୍ପେଶାଲ ସ୍କ୍ୱାର୍ଡ ଲୁଟେରାମାନଙ୍କୁ ଧରିବା ପାଇଁ ନିୟୋଜିତ ହୋଇଥିଲେ। ବିଭିନ୍ନ ଜିଲ୍ଲାରେ ପୋଲିସ ପକ୍ଷରୁ ବ୍ୟାପକ ତନାଘନା ଓ ମୋବାଇଲ ଟ୍ୟାପିଂ ମାଧମରେ ପୋଲି ଲୁଟେରାଙ୍କ ନିକଟରେ ପହଞ୍ଚିଥିଲା। ଗ୍ରାମାଞ୍ଚଳ ଏସ୍‌ପି ମିନାକ୍ଷୀ ଠାକୁର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଲୁଟେରାମାନଙ୍କୁ ଗିରଫ କରିବା ପାଇଁ ନିଆଳି ଆଇଆଇସି ବିଜୟ କୁମାର ମଲ୍ଲିକ, ଗୋବିନ୍ଦପୁର ଥାନା ଅଧିକାରୀ ସୋନାଲି ନନ୍ଦ ଓ ଆଇଓ ଚିନ୍ମୟ ଦ୍ୱିବେଦୀଙ୍କ ମିଳିତ ଉଦ୍ୟମରେ ଲୁଟେରାମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୁନିଲଙ୍କୁ ଏମାନେ ଟାର୍ଗେଟ୍ କରି ୧ ତାରିଖରେ ସଫଳ ହୋଇଥିଲେ। ଅଭିଯୁକ୍ତମାନଙ୍କ ଠାରୁ ସୁନା, କାନ ଫୁଲ, ଚୁଡି, ଚେନ, ବ୍ରେସଲେଟ, ପାଉଁଜି ଆଦି ଜବତ ହୋଇଛି। ଏକ ବାଇକ ମଧ୍ୟ ଜବତ ହୋଇଛି। ଗୋବିନ୍ଦପୁର ଅଞ୍ଚଳର ଟେରୁ ଓରଫ ସୁଜିତ କୁମାର ବେହେରା ଘଟଣାର ମାଷ୍ଟରମାଇଣ୍ଡ । ଅନ୍ୟମାନଙ୍କ ମଧରେ କଣ୍ଟାପଡ଼ା ଅଞ୍ଚଳର ଭରତ କୁମାର ଦାସ, କେନ୍ଦ୍ରାପଡ଼ା ଜିଲ୍ଲାର ରାଜେଶ କୁମାର ଶୁକ୍ଲା ଓରଫ ରକି, ଜଗତସିଂହପୁର ଜିଲ୍ଲା ଚନ୍ଦନପୁର ଅଞ୍ଚଳର ସରୋଜ ନାଥ ଓ କାଳନ୍ଦି ଭୋଇ ଅନ୍ତର୍ଭୁକ୍ତ। ଆଉ ୨ ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ।

ଏକ ହୋଇ ଲଢେଇ କରିବାକୁ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ

ଡୁଙ୍ଗୁରିପାଲି,୨୪।୮(ନି.ପ୍ର): ଡୁଙ୍ଗୁରିପାଲି ନିୟନ୍ତ୍ରୀତ ବଜାର ପରିସରରେ ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ସଭାପତି ବିନୋଦ ପାତ୍ର ଯୋଗ ଦେଇଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ତାପସ କୁମାର ଯୋଗ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦିନକୁ ଦିନ ମଜଭୂତ ହେଇଥିବା ଏବଂ /ଆଗାମୀ ଦିନରେ କେନ୍ଦ୍ରରେ କଂଗ୍ରେସ ସରକାର ଗଢିବ ବୋଲି କର୍ମୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ରାଜ୍ୟରେ ଭକ୍ତ ଦାସଙ୍କ ନେତୃତ୍ୱରେ ମଧ କଂଗ୍ରେସ ଆହୁରି ଶକ୍ତିଶାଳି ହେବା ସହ ସରକାର ବିଜେପିକୁ ବିଭିନ୍ନ ଘଟଣାରେ ଜୋରଦାର ବିରୋଧ କରିଆସୁଛି । ଆଗାମୀ ୨୭ ପଂଚାୟତ ନିର୍ବାଚନରେ କଂଗ୍ରେସ ବାଜିମାତ ମାରିବା ସହ ୨୦୨୯ରେ କଂଗ୍ରେସକୁ ସରକାର ଗଠନରେ କେହି ଅଟକାଇ ପାରିବେ ନାହିଁ ବୋଲି ପର୍ଯ୍ୟବେକ୍ଷକ ନିଜର ଅଭିଭାଷଣରେ ପ୍ରକାଶ କରିଥିଲେ । ଏଥିପାଇଁ କର୍ମୀମାନେ ଏକଜୁଟି ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଦୀର୍ଘ ୨୪ବର୍ଷ ମଧରେ ଆଜିର ଭଳି ବୈଠକ ଦେଖା ଦେଇ ନଥିଲା ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇ କଂଗ୍ରେସକୁ ମଜଭୂତ କରିବାକୁ ସଂକଳ୍ପ କରିଥିଲେ। ଏହି ଅବସରରେ ବ୍ଲକ କଂଗ୍ରେସ କମିଟି ସଭାପତି ଚୟନ କରାଯାଇଥିଲା । ସର୍ବସଗତି କ୍ରମେ ଚିତ୍ତରଞ୍ଜନ ମିଶ୍ରଙ୍କୁ ସଭାପତି କରାଯାଇଥିଲା । ଅନ୍ୟମାନଙ୍କ ମଧରେ ପ୍ରିୟବ୍ରତ ସାହୁ, ଜିଲ୍ଲାଆଇନ ସେଲ ସଭାପତି ସୁଧିର ପଣ୍ଡା, ସୁଦାମ ମେହେର, ସୁନାଳ ସାହୁ, ଶ୍ୟାମସୁନ୍ଦର ଭୋଇ, ଜିଲ୍ଲା ଏସସି ସେଲ ସଭାପତି ସୁରୁବାକୁ ନନ୍ଦ, ସାଓରିୟା ଅଗ୍ରୱାଲ, ବନମାଳା ପୋଢ଼, ଭୀଷ୍ମଦେବ ମଲ୍ଲିକ, ଚୁଡାମଣି ପଧନ, ସୁବାଷ ଚନ୍ଦ୍ର ଭୋଇ, ଜଗନ୍ନାଥ ଶ୍ରୀଦେବୀ, ବିରେନ୍ଦ୍ର ସୁଆଳି, ରଙ୍କମଣି ସାହୁ, ନବିନ ଭୋଇ, ଗୁରୁଦେଲ ଖମାରୀ, ବସୁଦେବ ଖୁଟୁଲା, ମିଲ୍ଲୁ ସାହୁ ପ୍ରମୁଖ ଉପସ୍ଥିତ।

ବାରହା ମାଂସ ଓ ଗାଡ଼ି ଜବତ

ହରଭଙ୍ଗା,୨୪।୮(ନି.ପ୍ର): ବୌଦ୍ଧ ବନଖଣ୍ଡ ମାଧପୁର ରେଞ୍ଜରୁ ବାରହା ମାଂସ ଚାଲାଣ ସମୟରେ ୨୦କିଲୋ ମାଂସ ସହିତ ଏକ ବାଇକକୁ ଜବଦ କଲା ମାଧପୁର ରେଞ୍ଜ । ସୂଚନା ଅନୁଯାଇ ଗତ କାଲି ବିଳମ୍ବିତ ରାତ୍ରିରେ ବାରହା ମାଂସ ଚାଲାଣ ହେଉଥିବା ନେଇ ମାଧପୁର ରେଞ୍ଜ ଅଧିକାରୀ ଆସିକ କୁମାର ଦିଗାଲ ବିଶେଷ ସୂତ୍ରରୁ ଖବର ପାଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ନାଇଟ ପେଟ୍ରୋଲିଙ୍ଗ ଜାରି କରିଥିଲେ । ପେଟ୍ରୋଲିଙ୍ଗ ସମୟରେ ତଳଗାଁ –କୁସଙ୍ଗ ରାସ୍ତାରେ ତଳଗାଁ ପଟୁ ଏକ ବାଇକ କୁସଙ୍ଗ ଆଡ଼େ ଯାଉଥିବା ସମୟରେ ଗୁଣ୍ଡୁରୀ ସାହି ନିକଟରେ ପେଟ୍ରୋଲିଙ୍ଗ ଗାଡିକୁ ଦେଖି ବାଇକ ଛାଡି ଚାଲାଣ କାରି ଜଙ୍ଗଲ ଆଡକୁ ଦୌଡ଼ି ପଳାଇଥିଲେ । ପେଟ୍ରୋଲିଙ୍ଗ ଗାଡି ବାଇକଟିକୁ ତନଖିବାରୁ ଏକ ବସ୍ତାରେ

ପଲିଥିନ ପେକିଙ୍ଗ କରି ବାରହା ମାଂସ ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ । ପେଟ୍ରୋଲିଙ୍ଗ ଟିମ ବାଇକ ସହ ମାଂସକୁ ନେଇ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ । ରେଞ୍ଜ ଅଧିକାରୀଙ୍କ ଉପସ୍ଥିତରେ ସବୁ ମାଂସ ଓଜନ କରିବାକୁ ୨୦ଗୋଟି ପଲିଥିନରେ କିଲୋ କିଲୋ ହୋଇ କଟା ମାଂସ ୨୦ କିଲୋ ରହିଥିବା ଦେଖିବାକୁ ମିଳିଥିଲା । ରେଞ୍ଜ ଅଧିକାରୀ ଓ ସ୍ପେଶାଲ ଟିମର ଗାଇଡ଼ ଫରେଷ୍ଟ ଗାର୍ଡ ଶରତ ଚନ୍ଦ୍ର ବେହେରାଙ୍କ ଉପସ୍ଥିତରେ ଭ୍ରାମ୍ୟମାଣ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ମାଂସକୁ ପରୀକ୍ଷା ଗାରକୁ ପଠାଇବା ନେଇ ଶ୍ୟାମ୍ପୁଲ ସଂଗ୍ରହ କରିଥିଲେ । ଅନ୍ୟ ପଟେ ସମସ୍ତ ମାଂସକୁ ପୋତି ଦେଇଥିବା ଜଣା ପଡିଛି । ଏହି ସ୍ପେଶାଲ ଟିମ ଚଢାଉ ରେ ଫରେଷ୍ଟର ସୁମନ୍ତ ମଳିକ, ଫରେଷ୍ଟ ଗାର୍ଡ ସରତଚନ୍ଦ୍ର ନାଏକ, ସୀତାରାମ ବେହେରା ଓ ଚାରି ଜଣ ସ୍କ୍ୱାର୍ଡ଼ ସାମିଲ ରହିଥିଲେ । ସିଜ ହୋଇଥିବା ହିରୋ ଓ ଏ ଡ଼ିଲକ୍ସ ଗାଡ଼ି ର ନମ୍ବର ଓଡି ୨୭–ଉ ୪୧୦୧ଛ ଉକ୍ତ ଗାଡି ଟି ଆର ଟି ଓ ତଦନ୍ତ ପରେ ପ୍ରକୃତ ମାଲିକ ଜଣା ପଡିବ ଓ ସେ ନେଇ ତଦନ୍ତ ଚାଲୁ ରହିବା ସହ ଉକ୍ତ ବାରହା ମାଂସ ଚାଲାଣ ନେଇ 1mp of 2025/26 ନଂ କେଶ ରୁଜୁକରାଯାଇଥିବା ନେଇ ରେଞ୍ଜ ଅଧିକାରୀ ଆସିକ ଦିଗାଲ ସୂଚନା ଦେଇଛନ୍ତି।

ଭିନ୍ନକ୍ଷମଙ୍କ ସାମଗ୍ରୀକ ବିକାଶ ଓ ଥଇଥାନ ଶିବିର

ସୁବର୍ଣ୍ଣପୁର,୨୪।୮(ନି.ପ୍ର): ଡୁଙ୍ଗୁରିପାଲି ବ୍ଲକ ଅଧନସ୍ଥ ସମଲେଇଚୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଟାଟା ପାୱାର ପଶ୍ଚିମ ଓଡିଶା ବିତରଣ ପ୍ରା.ଲି. ସହାୟତା ଏବଂ ରେଆର, ସୋନପୁର ପରିଚାଳନାରେ ୧୩ ଗୋଟି ପଞ୍ଚାୟତର ୩୮ ଟି ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକ/ଶିକ୍ଷୟତ୍ରୀ ସମସ୍ତ ବ୍ଲକ ସମ୍ବଳ ଶିକ୍ଷକ, ଅନ୍ତର୍ନିବେଶି ଶିକ୍ଷା, ସ୍ୱେଚ୍ଛାସେବୀମାନଙ୍କ ଉପସ୍ଥିତିରେ ଶିକ୍ଷକ ପରାମର୍ଶ ଏବଂ ଶ୍ରେଣୀ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମଲେଇଚୂଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ମେହେର ଆସନ ଅଳଙ୍କୃତ କରି ଏହି ଶିବିରର ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଅଲୋଚନା କରି ସମସ୍ତଙ୍କୁ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଜଣାଇଥିଲେ । ସାଧନ କର୍ମୀ ତଥା ଅନ୍ତର୍ନିବେଶି ଶିକ୍ଷା ଭାରପ୍ରାପ୍ତ ସଂଯୋଜକ ଶ୍ରୀ ସଚ୍ଚିଦାନନ୍ଦ ସାହୁ, ଅନ୍ତର୍ନିବେଶି ଶିକ୍ଷା, ତାହାର ପ୍ରାଧାନ୍ୟ, ମେକାନିଜମ, ଶ୍ରେଣୀ ପରିଚାଳନା ଓ ତାହାର ଆବଶ୍ୟକତା ଏବଂ ଯୋଜନା ବିଷୟରେ ଭିଜୁଆଲ ଓ ଉଦାହରଣ ମାଧ୍ୟମରେ ଦିଗ ଦର୍ଶନ ଦେଇଥିବା ବେଳେ ଭୌତିକ ଚିକିତ୍ସକ ଡାକ୍ତର ଅରୁପ କୁମାର ମେହେର ବିଭିନ୍ନ ଶ୍ରେଣୀର ଭିନ୍ନକ୍ଷମ ମାନଙ୍କ ଚିହ୍ନଟି କରଣ, ପ୍ରତିକାର ପ୍ରକ୍ରୀୟ. ଶିକ୍ଷା ପ୍ରଣାଳୀର ଆବଶ୍ୟକ ଓ ସହେଯାଗ ବିଷୟରେ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଭିନ୍ନକ୍ଷମ ଗୋଷ୍ଠିଭିତ୍ତିକ ସାମଗ୍ରୀକ ବିକାଶ ଓ ଥଇଥାନ, ଡୁଙ୍ଗୁରୀପାଲିର କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ମନଗଡ୍ଡୁ ଜୁଆଡି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଓ ଅଭିନନ୍ଦନ ସହ ଅତିଥି ପରିଚୟ ପ୍ରଦାନ କରି ପ୍ରକଳ୍ପର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ରେଆରର ପ୍ରୋଗ୍ରାମ ମେନେଜର ଶ୍ରୀ ମନୋଜ କୁମାର ସ୍ୱାଇଁ ରେଆର ଅନୁଷ୍ଠାନର ବିଭିନ୍ନ ପ୍ରକଳ୍ପ ଓ ଆଭିମୁଖ୍ୟ ବିଷୟରେ ଉପସ୍ଥାପନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେଏବଂ ପ୍ରକଳ୍ପର ସିବିଆର କର୍ମୀ ନବୀନ ବଗର୍ତୀ, ସମ୍ପିତ ନେଗୀ, ବିଭୁତି ଭୂଷଣ ଅମାତ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ ।

କାଗଜପତ୍ରରେ ୱାର୍ଡ କମିଟି: ସମାଧାନ ହୋଇପାରୁନି ଲୋକଙ୍କ ସମସ୍ୟା

କେନ୍ଦୁଝର,୨୪।୮(ନି.ପ୍ର): ୱାର୍ଡସ୍ତରରେ ସଫେଇ କାର୍ଯ୍ୟ ତଦାରଖ ପାଇଁ ପ୍ରତ୍ୟେକ ୱାର୍ଡରେ ଏକ କମିଟି ଗଠନ ହୋଇଛି। ମାତ୍ର ଏହି କମିଟି ନାମକୁ ମାତ୍ର ଥିବାବେଳେ ଏହାର ବୈଠକ ନିୟମିତ ବସୁନଥିବାରୁ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ୱାର୍ଡ କମିଟି କେବଳ କେବଳ କାଗଜପତ୍ରରେ ସୀମିତ ରହିଛି। ଏହି କମିଟିରେ ସ୍ୱଚ୍ଛ ସାଥି,ସ୍ୱଚ୍ଛ ସୁପର ଭାଇଜର,ୱାର୍ଡ ଅଫିସର ଏବଂ ସାନିଟାରୀ ଇନ୍ସପେକ୍ଟର ଅଛନ୍ତି ଏବଂ ସ୍ଥାନୀୟ ଲୋକ ରହିବେ। ଏହି କମିଟିର ସଦସ୍ୟଙ୍କ ନାମ ଏବଂ ମୋବାଇଲ ନମ୍ବର ସହିତ ୱାର୍ଡର ବିଭିନ୍ନ ସ୍ଥାନରେ କାନ୍ଥରେ ଲେଖାଯିବ। ୱାର୍ଡବାସୀ ନିଜର ସମସ୍ୟା ନେଇ କମିଟି ସଦସ୍ୟମାନଙ୍କୁ ଜଣାଇବେ। ଏହି କମିଟି ଦ୍ୱାରା ଦୈନନ୍ଦିନ ଦେଖା ଦେଉଥିବା ଛୋଟବଡ ସଫେଇ ସଂକ୍ରାନ୍ତ ସମସ୍ୟାକୁ କମିଟି ପୌର ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମାଧାନ କରାଯିବ। ମାତ୍ର ଏହି ୱାର୍ଡ କମିଟି ଗଠନ ହେବା ଦିନଠାରୁ ଅଧିକାଂଶ ୱାର୍ଡରେ ବୈଠକ ବସିନାହିଁ। ୱାର୍ଡକୁ ସ୍ୱଚ୍ଛ,ସୁନ୍ଦର ଭାବେ ଗଢି ତୋଳିବାକୁ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତା। ମାତ୍ର ଏହି କମିଟି ଠିକ୍ ଭାବରେ କାମ କରୁନଥିବାରୁ ପରିମଳକୁ ନେଇ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ୱାର୍ଡ କମିଟିରେ ସଦସ୍ୟ ଥିବା ପୌରପାଳିକାର ସାନିଟାରୀ ଇନ୍ସପେକ୍ଟର ବାଲ୍ୟମୁକୁନ୍ଦ ମିଶ୍ର ଅବସର ଗ୍ରହଣ ପରେ ମଧ୍ୟ ଅନେକ ୱାର୍ଡରେ କାନ୍ଥରେ ତାଙ୍କ ନାମ ଲେଖାଯାଇଛି। ଏହି ତ୍ରୁଟି ସଂଶୋଧନ ହେଉନଥିବାରୁ ୱାର୍ଡବାସୀ ହଇରାଣ ହେଉଛନ୍ତି। କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ଲେକଙ୍କୁ ଉନ୍ନତ ସେବା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରାଯାଇଥିଲା। ପରିମଳ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାକୁ ଏହି କମିଟି ପୌରପାଳିକାର କାର୍ଯ୍ୟକଳାପ ଉପରେ ନଜର ରଖିବା ସହିତ ଘରକୁ ଘର ଆବର୍ଜନା ସଂଗ୍ରହ ଠିକ୍ ଭାବେ ହେଉଛି କି ନାହିଁ ତା'ର ବିବରଣୀ ପ୍ରତିଦିନ ପୌରପାଳିକାକୁ ଜଣାଇବା ପାଇଁ ଗଠିତ ହୋଇଥିବା ୱାର୍ଡ କମିଟି ଏକ ପ୍ରକାର ପଙ୍ଗୁ ଅବସ୍ଥାକୁ ଚାଲିତ ଆସିଛି। ଏହି କମିଟିର ସ୍ୱୟଂ ସହାୟକ ଗୋଷ୍ଠିର ମହିଳା, ସ୍ଥାନୀୟ ଲୋକ ଓ ମହିଳାଙ୍କୁ ଯୋଡା ଯାଇଥାନ୍ତା। ମାତ୍ର ତାହା ମଧ୍ୟ ହୋଇ ପାରିନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପୌରପାଳିକା ର ଏକ ସ୍ୱଚ୍ଛ ସବାରୀ ଗାଡି ଘରକୁ ଘର ଯାଇ ଶୁଖିଲା ଓ ଓଦା ଆବର୍ଜନା ସଂଗ୍ରହ କରିଥାଏ। ଅନେକ ଲୋକ ସ୍ୱଚ୍ଛ ସବାରୀ ଗାଡିରେ ଓଦା ଶୁଖିଲା ଆବର୍ଜନା ନଦେଇ ରାସ୍ତାରେ ପାର୍ଶ୍ୱରେ ପକାଉଛନ୍ତି। ଫଳରେ ପରିବେଶ ପ୍ରଦୂଷିତ ହେଉଛି। ଏହି ଲୋକମାନଙ୍କୁ ଚିହ୍ନଟ କରି ଏହି କାର୍ଯ୍ୟରୁ ବାରଣ କରିବାକୁ ୱାର୍ଡ କମିଟି କାମ କରୁନାହିଁ। ସକାଳୁ ୱାର୍ଡର ଗଳିକନ୍ଦିରେ ଆବର୍ଜନା ସଂଗ୍ରହ ଗାଡି ବା ସ୍ୱଚ୍ଛ ସବାରୀ ବୁଲୁଛି। ଗାଡି ଠିକ୍ ଭାବେ ଆବର୍ଜନା ସଂଗ୍ରହ କରୁଛି କି ନାହିଁ ତା' ଉପରେ କମିଟି ନଜର ରଖିବା କଥା। ତାହା ମଧ୍ୟ ଠିକ୍ ଭାବରେ ତଦାରଖ ହେଉନାହିଁ। ଗଳି ରାସ୍ତାରୁ ଆବର୍ଜନା ଉଠୁଛି କି ନାହିଁ, ଅଳିଆ ସଂଗ୍ରହ ଗାଡି ଠିକ୍ ସମୟରେ ଆସୁଛି ନା ନାହିଁ ଏବଂ କର୍ମଚାରୀମାନେ ଠିକ୍ ଭାବେ ସଫେଇ କରୁଛନ୍ତି କି ନାହିଁ ପ୍ରଭୃତିକୁ ଅନୁଧ୍ୟାନ କରିବା ପରେ ଦୈନିକ ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବିବରଣୀ ପ୍ରଦାନ କରିଥାନ୍ତା। ଆବର୍ଜନା ସଂଗ୍ରହ କରୁଥିବା କର୍ମଚାରୀ ଉକ୍ତ ୱାର୍ଡ କମିଟିର ସଦସ୍ୟଙ୍କଠାରୁ ଦସ୍ତଖତ ଆଣିବାକୁ ବାଧ ହେବେ। ଯଦି ସଫେଇ ଠିକ୍ ଭାବେ ଓ ଠିକ୍ ସମୟରେ ହୁଏ ତେବେ କମିଟି ସକରାତ୍ମକ ବିବରଣୀ ପ୍ରଦାନ କରିବ ନଚେତ୍ ନକରାତ୍ମକ ବିବରଣୀ ଦେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୱାର୍ଡ କମିଟି ଗୁଡିକୁ ଯୋଡିବା ନିମନ୍ତେ ଏକ ହ୍ୱାଟସଆପ୍ ଗ୍ରୁପ୍ ତିଆରି କରାଯିବାର ଯୋଜନା ରହିଥିଲା। ଏହି ଗ୍ରୁପ ଜରିଆରେ ସେମାନଙ୍କ ଗଳିରେ ଡ୍ରେନ ସଫେଇ, ରାସ୍ତା ସଫେଇ, ଆଲୋକ ପ୍ରଭୃତି ପୌରପାଳିକା ଅନ୍ତର୍ଭୁକ୍ତ ସମସ୍ୟା ଗୁଡିକୁ ନଜର ଦିଆଯାଇଥାନ୍ତା। ଅଭିଯୋଗ ଆସିବା କ୍ଷଣି ବିଭାଗୀୟ ଅଧିକାରୀଙ୍କ ନିକଟକୁ ୱାର୍ଡ କମିଟିର ଅଭିଯୋଗକୁ ପଠାଇ ଦିଆଯିବ। ଫଳରେ ପ୍ରତି ଗଳିକନ୍ଦିରେ ଉପୁଜୁଥିବା ସମସ୍ୟା ବିଳମ୍ବ ନହୋଇ ତୁରନ୍ତ ସମାଧାନ ହୋଇପାରିଥାନ୍ତା ବୋଲି ଯୋଜନା ହୋଇଥିଲା। କିନ୍ତୁ ପୌରପାଳିକା କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ଯୋଗୁଁ କମିଟି ପ୍ରହସନରେ ପରିଣତ ହୋଇଛି। ଲୋକଙ୍କ ସମସ୍ୟା ଦିନକୁ ଦିନ ବଢୁଥିବାବେଳେ ୱାର୍ଡ କମିଟି କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।

ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟ ସମସ୍ୟା ନେଇ ସାଂସଦଙ୍କୁ ଭେଟିଲେ ଅଭିଭାବକ

ହାଟଡିହି,୨୪।୮(ନି.ପ୍ର):ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଦେଖାଦେଇଛି । ଏନେଇ ପ୍ରଫୁଲ୍ଲ କୁମାର ସାହୁ, ନରେନ୍ଦ୍ର କୁମାର ମିଶ୍ର, ନରେନ୍ଦ୍ର ସୁତାର, ସଞ୍ଜୀବ କୁମାର ସାହୁ, ବସନ୍ତ କୁମାର ନାଇକ, ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ବେହେରା, ମମତା ଜେନାଙ୍କ ସମତେ ଅନେକ ଅଭିଭାବକ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ଭେଟି ସମସ୍ୟା ଗୁଡିକ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ନବୋଦୟ ବିଦ୍ୟାଳୟରେ ଏକାଦଶ, ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀମାନେ ପଦାର୍ଥ ବିଜ୍ଞାନ, ଅର୍ଥନୀତି, ଭୂଗୋଳ ଆଦି ବିଷୟରେ ଶିକ୍ଷାଦାନ ପାଇଁ ଆବଶ୍ୟକ ନିୟମିତ ପିଜିଟି ଶିକ୍ଷକ ନଥିବାରୁ ଶିକ୍ଷାଦାନରେ ବାଧା ଉପୁଜିଛି । ଶିକ୍ଷା ବର୍ଷର ୫ମାସ ବିତିବାକୁ ବସିଥିବାବେଳେ ଆଜିପର୍ଯ୍ୟନ୍ତ ଏସବୁ ବିଷୟରେ ଶିକ୍ଷାଦାନ ହୋଇପାରୁନି। ଶୈକ୍ଷିକ ବିଭାଗ ଓ ଛାତ୍ରୀ ନିବାସ ମଧ୍ୟରେ ମୁଖ୍ୟ ରାସ୍ତାଟି ଅନେକ ସମୟରେ ସମସ୍ୟା ସୃଷ୍ଟି

କରୁଥିବାରୁ ଛାତ୍ରୀମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଏହି ରାସ୍ତା ଉପରେ ଏକ ଓଭରବ୍ରିଜ ନିର୍ମାଣ ହେଲେ ଛାତ୍ରୀମାନେ ସହଜରେ ଛାତ୍ରୀ ନିବାସରୁ ବିଦ୍ୟାଳୟକୁ ଯାତାୟତ କରିପାରନ୍ତେ । ଏଠାରେ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏଠାରେ କିଛି ସୁବିଧା ସୁଯୋଗ ନାହିଁ । ତେଣୁ ଜରୁରୀକାଳୀନ ସେବା ପାଇଁ ଏଠାରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ସେହିପରି ଅନେକଦିନ ହେଲା ବିଦ୍ୟାଳୟର ଅଧକ୍ଷ ପଦବୀ ଖାଲି ପଡିଥିବାରୁ ତୁରନ୍ତ ଅଧକ୍ଷ ନିଯୁକ୍ତି ଉପରେ ଦୃଷ୍ଟି ଦେବାକୁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ମଧ୍ୟାହ୍ନ ଭୋଜନରେ ଅନିୟମିତତା ଘଟଣା, ବୁଝାମଣା କରି ଘଟଣାକୁ ଚାପିଦେଲେ

ଘଷିପୁରା,୨୪।୮(ନି.ପ୍ର): ଗଡଗାନ୍ଧଗୋଡା ପଞ୍ଚାୟତ ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନରେ ଅନିୟମିତତା କରାଯାଇଥିବା ନେଇ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବିଇଓଙ୍କ ନିର୍ଦ୍ଦେଶ କ୍ରମେ ସିଆରସିସି ଧନୁର୍ଦ୍ଧର ସାହୁ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ଯାଞ୍ଚ କରିଥିଲେ। ବିଦ୍ୟାଳୟରେ ଅଧିକ ୪୪ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ଦର୍ଶାଇଥିଲେ। ଏହି ଘଟଣାକୁ ତିନିଦିନ ପୁରିଥିବା ବେଳେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେବେ ମାମଲାର ଆପୋସ ସମାଧାନ ହୋଇଯାଇଛି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଲିପ୍‌ସା ଜେନା କହିଛନ୍ତି। ପ୍ରଧାନ ଶିକ୍ଷୟତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପରେ ତଦନ୍ତର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ୟ ପକ୍ଷରେ ଆପୋସ ବୁଝାମଣା କରି ମାମଲାକୁ ଚାପି ଦିଆଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । କିଛିଦିନ ତଳେ ପାଟଣା ବ୍ଲକ ଖୁଣ୍ଟାପଡା ବିଦ୍ୟଳୟରେ ମାତ୍ର ଦୁଇଜଣ ପିଲା ଅଧିକ ଥିବା ଦର୍ଶାଯାଇଥିବାରୁ ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଥିଲେ । ସେହିଭଳି ବାଂଶପାଳ ବ୍ଲକ ଅଞ୍ଚର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଶ୍ରେଣୀଗୃହରେ ରାତିସାରା ରହିବାରୁ ଏହି ଘଟଣାରେ ପ୍ରଧାନଶିକ୍ଷକଙ୍କୁ ତତ୍କାଳ ନିଲମ୍ବନ କରାଯାଇଛି । କିନ୍ତୁ ଏଠାରେ ୪୪ଜଣ ଛାତ୍ରଛାତ୍ରୀ ଅଧିକ ଥିବା ଦର୍ଶାଇ ମଧ୍ୟାହ୍ନ ଭୋଜନ ଅନୁଦାନ ହଡପ କରାଯାଇଥିଲେ ମଧ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆକାଶ କୁମାର ଜେନାଙ୍କୁ ପଚାରିବାରୁ ତଦନ୍ତ କରି ରିପୋର୍ଟ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଦେବାପରେ ଉପରିସ୍ଥ ଅଧିକାରୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି । ସେହିପରି ଜିଲ୍ଲା ମଙ୍ଗଳ ଅଧିକାରୀ ସନ୍ତୋଷ ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ରିପୋର୍ଟ ଏଯାଏଁ ଆସିନି, ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ ।

ରେଳ ବିଭାଗର କଲଭର୍ଟ ନିର୍ମାଣରେ ତ୍ରୁଟି ବନ୍ତୁଲ ରାସ୍ତାରେ ଆଣ୍ଠୁଏ ପାଣି, ୧୦ରୁ ଅଧିକ ଗାଁ ଜଳବନ୍ଦୀ

ତାଳଚେର,୨୪।୮(ନି.ପ୍ର): ତାଳଚେର ରେଲୱେ ଷ୍ଟେସନଠାରୁ ଥର୍ମାଲ ରେଲୱେ ଷ୍ଟେସନ ମଧ୍ୟରେ ରହିଛି ବନ୍ତୁଲ ରେଳ ଫାଟକ। ପାଟକ ନିକଟରେ ରେଳବାଇ ବିଭାଗ ଏକ କଲଭର୍ଟ ନିର୍ମାଣ ହୋଇଛି। ମାତ୍ର ନିର୍ମାଣରେ ତ୍ରୁଟି ଯୋଗୁଁ ଗତ ୨ ଦିନ ହେଲା ପ୍ରାୟ ୧୦ଟି ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତାଳଚେର ରେଲୱେ ଷ୍ଟେସନ ଦେଇ ଯାଇଥିବା ରାସ୍ତାରେ ପ୍ରାୟ ୧୦ରୁ ୧୫ଟି ଗ୍ରାମର ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ବହୁଲ ଗ୍ରାମ ନିକଟରେ ନିର୍ମାଣ ହୋଇଥିବା କଲଭର୍ଟରେ ତ୍ରୁଟି ଯୋଗୁଁ ସଛପଡ଼ା, ଜଗନ୍ନାଥପୁର, ନୂଆପଡ଼ା, ଗୁରୁଜାଙ୍ଗୁଲି, ବହୁର, ଖୁଇଆ, ଭୋଗବେରଣୀ, ଲିଙ୍ଗରାକଟା, ଥର୍ମାଲ, ବଳରାମପ୍ରସାଦ, ବନ୍ତୋଲ, ନୂଆଗାଁ ଭଳି ଗାଁ ଜଳବନ୍ଦି ହୋଇ ରହିଛନ୍ତି। ଏହା ଗ୍ରାମବାସୀଙ୍କ ମୁଖ୍ୟ ରାସ୍ତା ଉକ୍ତ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଛି।

ଫଳରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ସମ୍ଭବ ହେଉନି କେତେକ ବାଇକ ଚାଳକ ବିପଜନକ ଭାବେ ଯାଉଥିଲେ ମଧ ବାଇକରେ ପାଣି ପଶିଯାଉଥିବାରୁ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ରେଳବାଇ ବିଭାଗକୁ ଗ୍ରାମବାସୀ ପୂର୍ବରୁ କଲଭର୍ଟ ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏବେ ଗ୍ରାମବାସୀଙ୍କ କଥାକୁ ରେଳବାଇ ବିଭାଗ କର୍ଣ୍ଣପାତ କରୁନଥିବା ବହୁଲ ଗ୍ରାମର ପ୍ରକାଶ ନାଥ କହିଛନ୍ତି। ଜମି ରହିଥିବା ପାଣିର ଗୋଟିଏ ପାଖରେ ବନ୍ତୁଲ ଗାଁ ରହିବାବେଳେ ଅନ୍ୟ ପାଖରେ ଗାଁର ପ୍ରଥମିକ ବିଦ୍ୟାଳୟ ରହିଛି। ପ୍ରବଳ ବର୍ଷା ଦ୍ୱାରା ରାସ୍ତାରେ ପାଣି ଯୋଗୁଁ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇପାରୁ ନାହାନ୍ତି। ଫଳରେ ବିଦ୍ୟାଳୟରେ ଉପସ୍ଥାନ କମିଯାଇଥିବା ଜଣାପଡ଼ିଛି। ଏନେଇ ରେଳବାଇ ବିଭାଗର ନିର୍ମାଣ କାମ କରୁଥିବା ଯନ୍ତ୍ରୀ ସରତ ପାଲଙ୍କୁ ପଚାରିବାରୁ ସେ କହିଛନ୍ତି, ଜଳବନ୍ଦି ହୋଇ ରହିଥିବା ଅଞ୍ଚଳକୁ କିଭଳି ମୁକ୍ତ କରାଯିବ ଏବଂ ଜନସାଧାରଣଙ୍କ ଯାତାୟାତ ଖୁବ୍‌ଶୀଘ୍ର ହୋଇପାରିବ ସେନେଇ ପଦକ୍ଷେପ ନିଆଯିବ। ଏଥିସହିତ ବର୍ତ୍ତମାନ ନିର୍ମାଣ ହୋଇଥିବା କଲଭର୍ଟ ଠିକ୍ ରହିଥିବାବେଳେ ପୂର୍ବରୁ ନିର୍ମାଣ ହୋଇଥିବା କଲଭର୍ଟ ଛୋଟ ଥିବାରୁ ପାଣି ଯାତାୟାତ ହୋଇପାରୁ ନଥିବା ସନ୍ଦେହ କରାଯାଉଛି ବୋଲି ସେ କହିଛନ୍ତି।

ଲଗାଣ ବର୍ଷା: କାନ୍ଥ ଧସି ଭାଙ୍ଗିଲା ୩ ଘର

ଝୁମ୍ପୁରା,୨୪।୮(ନି.ପ୍ର):ଝୁମ୍ପୁରା ତହସିଲ ଅନ୍ତର୍ଗତ ଝୁମ୍ପୁରା ଆରଆଇ ସର୍କଲ ଅଧିନ ଭାଲୁକା ସ୍କୁଲ ସାହି, ଝୁମ୍ପୁରା ଗ୍ରାମର ୧୦ନଂ ୱାର୍ଡ (ଜୁଡା ସାହି)ରେ ରବିବାର ୩ଜଣଙ୍କ ଘର କାନ୍ଥ ଧସି ପଡିଥିବା ବେଳେ ୩ଜଣଙ୍କ ଘର ଭାଙ୍ଗି ଯାଇଛି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ

ଭାଲୁକା ଗ୍ରାମର ଅଞ୍ଜନା ନାଏକଙ୍କ ମାଟି କାନ୍ଥରେ ପାଣି ପଶି ଓଦା ହୋଇଯାଇଥିଲା। ଫଳରେ ଭୋର ସକାଳୁ ହଠାତ୍ କାନ୍ଥ ଧସି ଘର ଭାଙ୍ଗିପଡିଛି । ସେହିପରି ଝୁମ୍ପୁରା ଗ୍ରାମର ୧୦ନଂ ୱାର୍ଡ ଜୁଜାସାହିର ସାର ନାଏକ ଏବଂ ଧବଳୀ ନାଏକଙ୍କ ଘର ଭାଙ୍ଗି ପଡିଥିବା ବେଳେ ରିମିକି ନାଏକ, ଜୀନା ନାଏକ ଏବଂ ମଞ୍ଜୁ ନାଏକଙ୍କର କାନ୍ଥ ଧସି ବିପଦ ସଙ୍କୁଳ ଅବସ୍ଥାରେ ଅଛି । ସେହିପରି ଅର୍ଶଳା ପଂଚାୟତ ଅର୍ଶଳା ଗ୍ରାମର ଅଶୋକ ସର୍ଦ୍ଦାରଙ୍କ ଘର କାନ୍ଥ ଧସି ପଡିବା ସହିତ ଆଜବେଷ୍ଟସ ମଧ ଭାଙ୍ଗି ଯାଇଛି । ଏନେଇ ଝୁମ୍ପୁରା ଆରଆଇ ସୁଶାନ୍ତ ଦ୍ୱିବେଦୀଙ୍କ ମତାମତ ଲୋଡିବାରୁ ସ୍ଥିତି ଅନୁଧ୍ୟାନ ଜାରି ଅଛି, ପରେ ପରେ ପ୍ଲାଷ୍ଟିକ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ।

ବିଜେପିର ମିଶ୍ରଣ ପର୍ବ, ଯୋଗ ଦେଲେ ଶତାଧିକ କର୍ମୀ

ହାଟଡିହି,୨୪।୮(ନି.ପ୍ର):ହାଟଡିହି ବିଜେପି କାର୍ଯ୍ୟାଳୟ ଠାରେ ଦୁଇଦିନ ଧରି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେପି କାର୍ଯ୍ୟକର୍ତ୍ତା ସୁନିଲ ନାୟକ ଓ ସୁଶାନ୍ତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଶ୍ୱରଞ୍ଜନ ପାଣିଗ୍ରାହୀ, ସନାତନ ଜେନା, ବାପୁଜୀ ସା, ସୌଭାଗ୍ୟ ସା, କୈଳାସ ପାତ୍ର, ବିଜୟ ରାଉତ, ରାକେଶ କୁଅଁର, ଦେବବ୍ରତ ବେହେରା ପ୍ରମୁଖଙ୍କ ସମେତ ଅନେକ ଲୋକ ସାଂସଦ ଅନନ୍ତ ନାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିଲେ । ବିଜେପି ନେତା ଆଲୋକ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ରାମଚନ୍ଦ୍ର ସାହୁ, ଟୁକୁନା ମହାନ୍ତ, ନିତ୍ୟାନନ୍ଦ ପହି, ଶଶିକାନ୍ତ ରାଉତ ପ୍ରମୁଖ ନବାଗତମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ ଜଣାଇଥିଲେ । ସେହିପରି ଡିମିରିଆ ଗ୍ରାମର ଧର୍ମାନନ୍ଦ ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ରାମକୃଷ୍ଣ ପ୍ରଧାନ, ଟୁଟୁ ପ୍ରଧାନ, ପୀତବାସ ପ୍ରଧାନ, ଶିଶିର ପାତ୍ର, ବିଶ୍ୱମୋହନ ବାରିକ, ହରେକୃଷ୍ଣ ପ୍ରଧାନ, ବାଦଲ ରାଉଳ, ନିରାକାର ବେହେରା, ମିଥୁନ କୁମାର ରାଉଳ, ବିଜୟ ପାତ୍ର, ସୁଶାନ୍ତ କୁମାର ରାଉଳ, ବାବୁଲି ବେହେରା, ସୁକାନ୍ତ ଦାସ, ଅଶ୍ୱିନୀ ରାଉତ, ସୁରେଶ ପାତ୍ର, ଅରୁପା ରାଉଳ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ନବାଗତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସାଂସଦ ଅନନ୍ତ ଚରଣ ନାୟକଙ୍କ ଲୋକାଭିମୁଖି ବିକାଶ କାର୍ଯ୍ୟ ଉପରେ ଆସ୍ଥା ପ୍ରକଟ କରି ବିଜେପିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି ।

କେନ୍ଦୁଝରରେ ଖୋଲିଲା ମିଓ ଆମର ବେକେରି

କେନ୍ଦୁଝର,୨୪।୮(ନି.ପ୍ର): କେନ୍ଦୁଝର ସହରର ମାଇନିଙ୍ଗ ରୋଡ଼ ସ୍ଥିତ ରାମ ମନ୍ଦିର ନିକଟରେ ଖୋଲିଲା ମିଓ ଆମର ବେକେରି। ନିହାର ରଞ୍ଜନ ମହାନ୍ତ ଏହି ମିଓ ଆମର ବେକେରିର ଏହି ଫ୍ରାଞ୍ଚାଇଜି ଷ୍ଟୋର ଖୋଲି ଥିବାବେଳେ ରବିବାର ବିଧିବଦ୍ଧ ଭାବେ କେନ୍ଦୁଝର ପୌରପାଳିକା ର ଅଧକ୍ଷା ନିକୁ ସାହୁ ଅତିଥି ଭାବେ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ବେକେରି ଆଇଟମର ଚାହିଦା ବଢୁଥିବା ବେଳେ କେନ୍ଦୁଝର ଲୋକଙ୍କୁ କ୍ୱାଲିଟି ଫୁଡ ଫୁଡ ସହିତ ସ୍ୱାସ୍ଥ୍ୟକର ପରିବେଶ ପୂର୍ଣ୍ଣ ଷ୍ଟୋର ଖୋଲା ଯାଇଥିବାରୁ ଏହାକୁ ଅଧକ୍ଷା ନିକୁ ସାହୁ ପ୍ରଶଂସା କରିବା ସହିତ ଏହାର କ୍ୱାଲିଟିକୁ ଜାରିରଖିବାକୁ ଉପଦେଶ ଦେଇଥିଲେ। ସେଣ୍ଡୁଇଚ, ପିଜା, ବର୍ଗର, କେକ୍, ପେଷ୍ଟ୍ରି, କୁକିଜ ଭଳିକିଭଳି ବିଭିନ୍ନ ପ୍ରକାରର ବେକେରି ଆଇଟମ ଏଠାରେ ଉପଲବ୍ଧ ରହିଥିବା କହିଛନ୍ତି ମିଓ ଆମର ବେକେରିର କେନ୍ଦୁଝର ଫ୍ରାଞ୍ଚାଇଜି ମୁଖ୍ୟ ନିହାର ରଞ୍ଜନ ମହାନ୍ତ ଏବଂ ଅର୍ଜୁନ କୁମାର ସାହୁ।

ଯୁବକଙ୍କଠାରୁ ସୁନାଚେନ୍ ଓ ଟଙ୍କା ଲୁଟ୍

ତାଳଚେର, ୨୪।୮(ନି.ପ୍ର): ଫୋନ ହଜିଯାଇଥିବା ଆଳ ଦେଖାଇ ଜନୈକ ଯୁବକଙ୍କୁ ସାହାଯ୍ୟ ମାଗି ପରେ ତାଙ୍କଠାରୁ ସୁନାଚେନ ଓ ଟଙ୍କା ଲୁଟ କରିଥିବା ଅଭିଯୋଗରେ କୋଲିୟାରୀ ପୋଲିସ ଜଣେ ଯୁବତୀ ଓ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ସୁନା ଚେନ, ଦୁଇଟି ମୋବାଇଲ, ୧୦, ୨୦୦ଟଙ୍କା, ଗୋଟିଏ ସ୍କୁଟି ସହ ଗୋଟିଏ ଧାରୁଆ ଅସ୍ତ୍ର ଜବତ କରିଛି। ଡ଼କାୟତିରେ ସଂପୃକ୍ତ ଅନ୍ୟ ଜଣେ ଯୁବକ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏକଡାଳ ଗ୍ରାମର ଅଭିଯୋଗକାରୀ ଯୁବକ ତାଙ୍କ ଭାଇଙ୍କ ସହ କଥା ହେଉଥିବାବେଳେ ଅଭିଯୁକ୍ତ ଯୁବକ ଓ ଯୁବତୀ ଏକ ସ୍କୁଟିରେ ଯାଉଥିଲେ। ଯୁବତୀ ଜଣଙ୍କ ଅଭିଯୋଗକାରୀ ଯୁବକଙ୍କ ପାଖକୁ ଆସି ତାଙ୍କ ମୋବାଇଲ ହଜି ଯାଇଥିବା କହିବା ସହିତ ସମ୍ପର୍କୀୟଙ୍କୁ ଫୋନ କରିବାକୁ ମୋବାଇଲ ଦେବାକୁ କହିଥିଲେ। ଯୁବକ ଜଣଙ୍କ ଉକ୍ତ ମୋବାଇଲକୁ ଫୋନ କରିଥିଲେ। ଏହି ସମୟରେ ଯୁବତୀଙ୍କର ଅନ୍ୟ ୨ଜଣ ସହଯୋଗୀ ସେଠାରେ ପହଞ୍ଚି ଅଭିଯୋଗରୀ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ ପିନ୍ଧିଥିବା ସୁନାଚେନ, ବ୍ରେସଲେଟ, ମୋବାଇଲ ଫୋନ ଓ ପର୍ସରେ ଥିବା ୧୦, ୨୦୦ ଟଙ୍କା, ଆଧାର କାର୍ଡ ଲୁଟି ନେଇ ଫେରାର ହୋଇଯାଇଥିଲେ। ଯୁବକ ଜଣଙ୍କ ଖସି ଆସି କୋଲିୟରୀ ଥାନାରେ ଏତଲା ଦେଇଥିଲେ । ଥାନ ପକ୍ଷରୁ ଏନେଇ ତଦନ୍ତ କରାଯାଇ ଅଭିଯୁକ୍ତ ଯୁବତୀ ଓ ଯୁବକଙ୍କୁ ଗିରଫ କରାଯାଇଥିଲା ।

ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ଗ୍ରସ୍ତ

ହିନ୍ଦୋଳ,୨୪।୮(ନି.ପ୍ର): ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ରବିବାର ଦିନିକିଆ ହିନ୍ଦୋଳ ଗ୍ରସ୍ତରେ ଆସି ହିନ୍ଦୋଳ ବିଜ୍ଞାପିତ ପରିଷଦ ଅଞ୍ଚଳ ଅନ୍ତର୍ଗତ ଅମଲାପଡା ସ୍ଥିତ ଶିକ୍ଷାବିତ ସ୍ୱର୍ଗତ ବିରଞ୍ଚିନାରାୟଣ ପତିଙ୍କ ଦଶାହ କର୍ମରେ ତାଙ୍କ ବାସଭବନରେ ଯୋଗଦାନ କରି ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିପରି ଭାବେ ୪ନଂ ୱାର୍ଡ ନୁଆପାଣି ସାହି ସ୍ଥିତ ଦଳିୟ ନେତା ପ୍ରଦୀପ ସାମନ୍ତଙ୍କ ଜେଜେ ମା ଙ୍କ ପରଲୋକ ଖବର ପାଇ ତାଙ୍କ ବାସ ଭବନରେ ପହଞ୍ଚି ସମସ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏହି ଅବସରରେ ସାଂସଦ ହିନ୍ଦୋଳ କାରାଗାର

ପରିଦର୍ଶନ କରିବା ସମୟରେ ସେଠାରେ ଥିବା ସମସ୍ତ ଅନ୍ତେବାସୀଙ୍କୁ ଭେଟି ସମସ୍ତ ସୁବିଧା ଅସୁବିଧା ପଚାରି ବୁଝିବା ସହ ଫଳ ବଣ୍ଟନ କରିଥିଲେ ଏବଂ ଦଳିୟ କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ଲିପୁ ନାଠି, କାହ୍ନା ପାଳ, ବଣ୍ଟି ସାହୁ ଓ ନାରାୟଣ ବେହେରାଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ । ଉକ୍ତ ଗ୍ରସ୍ତ ସମୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଜେପି ନେତା ସନ୍ତୋଷ ନାଏକ, ସନ୍ତୋଷ ବେହେରା, କାଉନସିଲର ଶରତ ଭୁତିଆ, ତୃପ୍ତି ବେହେରା, ଦଳିୟ ନେତା ଶେଷଦେବ ସାହୁ, ଗୋବିନ୍ଦ ବେହେରା, ପ୍ରେମାନନ୍ଦ ପଟନାୟକ, ରମେଶ ବେହେରା, ଅଭି ନାଏକ , ଅଶୋକ ରାଉତ, ପାରିକୁଳ ମଣ୍ଡଳ ସଭାପତି ରବିନ ବାରିକ , ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ, ସନ୍ତୋଶ ସାହୁ, ମନୋରଞ୍ଜନ ନାଥ, ଦୀପକ ନାଥ, ଗୌତମ ସାହୁ, ପ୍ରଫୁଲ ମହାରଣା , ପ୍ରଦୀପ୍ତ ସାହୁ, କ୍ଷିତ ଜେନା ପ୍ରମୁଖ ବହୁ ଦଳିୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ଶ୍ରୀଗୁଣ୍ଡିଚା ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଆନନ୍ଦପୁର,୨୪।୮(ନି.ପ୍ର):ଆନନ୍ଦପୁର ଦଧିବାମନଜୀଉ ଗୁଣ୍ଡିଚା ମନ୍ଦିର ଭାଗବତ ଟୁଙ୍ଗୀର ପ୍ରଥମ ବାର୍ଷିକ ଭାଗବତ ମହାପ୍ରଭୁଙ୍କ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାତଃକାଳରେ ଶୁଭ କଳସ ସ୍ଥାପନ, ସୂର୍ଯ୍ୟପୂଜା, ଗୋମାତା ପୂଜା, ଭାଗବତ ଗାଦି ପୂଜା, ଭାଗବତ ପାରାୟଣ, ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା । ରାଜପୁରୋହିତ ଶରତ ମିଶ୍ରଙ୍କ ପୌରହିତ୍ୟରେ ଭାଗବତ ଟୁଙ୍ଗୀ ପରିଚାଳକ ମଦନ ମୋହନ ମିଶ୍ର ସଂକଳ୍ପ କାର୍ଯ୍ୟ କରିଥିଲେ । ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ତରଫରୁ ଗୁରୁ ଶମ୍ଭୁନାଥ ରଣା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଭାଗବତ ତତ୍ତ୍ୱ ଆଧାରିତ ପ୍ରବଚନ କାର୍ଯ୍ୟକ୍ରମ ସଭାରେ ମଦନ ପାଣିଙ୍କ ସଂଯୋଜନାରେ ଓଡିଶା ବ୍ରାହ୍ମଣ ମହାସଂଘର ସଭାପତି ଡଃ ସଦାନନ୍ଦ ଦୀକ୍ଷିତ ମୁଖ୍ୟଅତିଥି, କେନ୍ଦୁଝର ଜିଲ୍ଲା ଭାଗବତ ଟୁଙ୍ଗୀର ସଭାପତି ଦାଶରଥି ପ୍ରଧାନ, ସମ୍ମାନିତ ଅତିଥି ଓ ବରେଣ୍ୟ ଅତିଥି ଭାବରେ ରାଜ୍ୟ ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦୀକ୍ଷିତ, ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ସମାଜ ମହାସଭାର ସଭାପତି ପୁରୁଷୋତ୍ତମ ମିଶ୍ର, କାର୍ଯ୍ୟକାରୀ ସଭାପତି ଶାନ୍ତନୁ କୁମାର ମିଶ୍ର, ଉପଦେଷ୍ଟା ଶରତ ମିଶ୍ର, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଗୁଣ୍ଡିଚା ମନ୍ଦିର ଭାଗବତ ଟୁଙ୍ଗୀର ସଭାପତି ମଦନ ମୋହନ ମିଶ୍ର, ଓକିଲ ସଂଘର ସଭାପତି ଦୟାନିଧି ଦାଶ, ତ୍ରିଲୋଚନ ଦାଶ ଦେବାଚାର୍ଯ୍ୟ ଅମର କୁମାର ମିଶ୍ର, ପଦ୍ମପୁର ଆଶ୍ରମର ଶାନ୍ତି ମାତା ଅଧାପିକା ସବିତା ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରତିଦିନ ଭାଗବତ ପାଠ କରିବା ପାଇଁ ମାର୍ଗ ଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଉମାକାନ୍ତ ନାୟକ, ଗୋପରଞ୍ଜନ ପାଣି, ପଦ୍ମନାଭ ମିଶ୍ର, ଦେବେନ ଦାସ, ପଦ୍ମନାଭ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ନିୟମିତ ସନ୍ଧ୍ୟାରେ ଭାଗବତ ଟୁଙ୍ଗୀର ସଦସ୍ୟ ସଦସ୍ୟା, ମାଆ ମାଉସୀମାନେ ଅତିଥି ମାନଙ୍କୁ ବନ୍ଦାପନା ପୂର୍ବକ ସ୍ୱାଗତ କରିଥିଲେ । ଆନନ୍ଦପୁର ଉପଖଣ୍ଡର ଷୋହଳ ଶାସନରୁ ଆସିଥିବା ବ୍ରାହ୍ମଣ ପୁରୋଧା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଯୁବକଙ୍କ ମୃତଦେହ ଉଦ୍ଧାର, ବଜ୍ରାଘାତ ସନ୍ଦେହ

ଝୁମ୍ପୁରା,୨୪।୮(ନିପ୍ର): ଝୁମ୍ପୁରା ଥାନା, ଅର୍ଶଳାମୁଣ୍ଡାସାହିରେରବିବାର ଏକ ଅଭାବନୀୟ ଘଟଣା ଘଟିଛି। ରବିବାର ଅପରାହ୍ନରେ ସେହି ଗ୍ରାମର ସାଗର ମୁଣ୍ଡାଙ୍କ ପୁଅ ଶୁକୁରା ମୁଣ୍ଡା(୩୫)ଙ୍କ ମୃତ ଦେହ ଗାଁ ନିକଟ ଏକ ଖାଲ ରୁ ଉଦ୍ଧାର ହୋଇଥିବାବେଳେ ବଜ୍ରାଘାତ ରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଝୁମ୍ପୁରା ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ ଶୁକୁରା ଗାଁ ନିକଟସ୍ଥ କେନାଲ ଆଡ଼କୁ ଛେଳି ଚରାଇବାକୁ ଯାଇଥିଲେ। କୌଣସି କାରଣରୁ ସେହି ସ୍ଥାନରେ ଏକ ଖାଲୁଆ ସ୍ଥାନରେ ପାଣିରେ ପଡିଥିବାବେଳେ ଅପରାହ୍ନ ସମୟରେ ସେହି ରାସ୍ତା ଦେଇ ଦୋକାନରୁ ଫେରୁଥିବା ନାରଣ ମୁଣ୍ଡା ଏହା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପଡିଶା ଲୋକଙ୍କୁ ଡ଼ାକି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଝୁମ୍ପୁରା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ବଜ୍ରାଘାତ ଯୋଗୁଁ ଶୁକୁରାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଥିବାବେଳେ ଶରୀରରେ ସେଭଳି କୌଣସି ଚିହ୍ନ ନଥିବାରୁ ସଠିକ୍ ଜଣା ପଡିନାହିଁ। ଶବ ବ୍ୟବଚ୍ଛେଦ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତର ଖାନା ପକ୍ଷରୁ କୁହାଯାଇଛି। ଝୁମ୍ପୁରା ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛିରିଛି।

କୋଇଲା ଖଣି ସର୍ଭେକୁ ଗ୍ରାମବାସୀଙ୍କ ବିରୋଧ

ତାଳଚେର, ୨୪।୮(ନି.ପ୍ର): ଭୁବନେଶ୍ୱରୀ କୋଇଲାଖଣିର ଏମସିଏଲ ଏଲ ଦ୍ୱାରା ସର୍ଭେ କାର୍ଯ୍ୟକୁ ଅରଖପାଳ ଗ୍ରାମବାସୀ ବିରୋଧ କରି ଆନ୍ଦୋଳନ ଜନକୁ ଓହ୍ଲାଇଥିଲେ। ପରେ ଘଟଣାସ୍ଥଳରେ ତାଳଚେର ପୋଲିସ ଓ ଉପଖଣ୍ଡ ପ୍ରଶାସନ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ହେଲେ ଗ୍ରାମବାସୀ

ପୁଲିସ୍ ପ୍ରଶାସନର ପ୍ରତିଶ୍ରୁତିକୁ ଅବମାନନା କରିଥିଲେ। ପରେ ଘଟଣାସ୍ଥଳ ଳରେ ଏସ୍ଡିପିଓ ଭରତ ଚନ୍ଦ୍ର ସାହୁ ପହଞ୍ଚି ବୁଝାସୁଝା କରିବାସହ ଗ୍ରାମବାସୀଙ୍କୁ ଆସନ୍ତା ୧୫ ଦିନ ସମୟ ଦେବାକୁ ମହଲତ ମାଗିଥିଲେ । ଏମସିଏଲର ଗ୍ରାମର କିଛି ଅଞ୍ଚଳର ଜମି ଅଧିଗ୍ରହଣ କରୁଥିବାବେଳେ ଶତାଧିକ ଗ୍ରାମବାସୀ ଏହାକୁ ବିରୋଧ କରି ସର୍ଭେ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଅଧିଗ୍ରହଣ କରିଥିବା ଅଞ୍ଚଳରେ ଖଣିକାର୍ଯ୍ୟ ଆରମ୍ଭକଲେ ଗାଁର ବହୁ ମାତ୍ରାରେ କ୍ଷତି ହେବାସହ ବାକିଥିବା ଅଞ୍ଚଳରେ ଧୂଳିଉଡି ପରିବେଶ ଓ ପାଣି ଦୂଷିତ ଲୋକେ ନାନା ପ୍ରକାରର ଅସୁବିଧାରେ ପଡ଼ିବାନେଇ ଅଭିଯୋଗ କରିଛନ୍ତିଛ। ଗାଁପାଖରେ ଖଣିକାର୍ଯ୍ୟ ଯୋଗୁଁ ବ୍ଲାଷ୍ଟିଂ ହୋଇ ଘର ଭାଙ୍ଗୁଛି! କିଛି ଅଞ୍ଚଳ ଅଧିଗ୍ରହଣକୁ ଗ୍ରାମବାସୀ ବିରୋଧ କରି ଏମସିଏଲ ସଂପୂର୍ଣ୍ଣ ଗାଁକୁ ଅଧିଗ୍ରହଣ କରିବାକୁ ଦାବି ହୋଇଛି। ଆଗାମୀ ଦିନରେ ଆନ୍ଦୋଳ ଦାଳନ ତୀବ୍ରତର ହେବବୋଲି ଗ୍ରାମସଭାପତି ଜନତା ବେହେରା, ଉପଞ୍ଚ ନରେଶ ଚନ୍ଦ୍ର ବେହେରାଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

ଆନନ୍ଦପୁର,୨୪।୮(ନି.ପ୍ର): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଆନନ୍ଦପୁର ଥାନାର ମୋ ପୋଲିସ ସମିତି ଦ୍ୱାରା ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟାଳୟ ଠାରେ ଆନନ୍ଦପୁର ଥାନାର ପଦାଧିକାରୀମାନେ ଉପସ୍ଥିତ ରହି ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଶତାଧିକ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ । ବରିଷ୍ଠ ନାଗିରକ ପରିଷଦ ସଭାପତି ରମାକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଥାନାର ସବଇନ୍ସପେକ୍ଟର ରଞ୍ଜନ ପଟ୍ଟନାୟକ, ଯଶୋଦା ବେହେରା, ଏଏସ୍ଆଇ ନାରାୟଣ ପ୍ରସାଦ ମହାପାତ୍ର, ରାଇଟର ପ୍ରତିମାପ୍ରଭା ସାହୁ ଓ ପୂର୍ଣ୍ଣିମା ମହାନ୍ତ,

ଚିନ୍ମୟ ସାହୁ, ଲିପୁନ ସାହୁ, ଲିପୁନ ନାଥ ପ୍ରମୁଖ କର୍ମଚାରୀମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ପରିଷଦର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମାଜରେ ବରିଷ୍ଠ ନାଗିରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ପୋଲିସ ଦ୍ୱାରା ତାହାର ସମାଧାନ ପାଇଁ ଥିବା ବିଧି ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । ଆନନ୍ଦପୁର ପୋଲିସ ବରିଷ୍ଠ ନାଗିରିକଙ୍କୁ ସୁରକ୍ଷା ଦେବାକୁ ସବୁବେଳେ ପ୍ରସ୍ତୁତ ବୋଲି ଥାନାଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ପରିଷଦର ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡିତ, ବିନୋଦ ମିଶ୍ର, କୀର୍ତ୍ତନ ସାହୁ, ବିପିନ ମିଶ୍ର, ସାବିତ୍ରୀ ଦାସ, ସବିତା ଦାସ, କୈଳାସ ନାହାକ, ମୁରଲୀଧର ମିଶ୍ର, ଗଗନ ସିଂ, ସୁଦର୍ଶନ ବଳ, ପିତାମ୍ବର ବିଶ୍ୱାଳ, ରବି ଚାନ୍ଦ, ନଗେନ ଚାନ୍ଦ, ବିନୋଦ ବିହାରୀ ଦାସ, କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

୪ ନାବାଳିକା ଛାତ୍ରୀ ଛତ୍ରପୁରରୁ ଉଦ୍ଧାର

ବ୍ରହ୍ମପୁର, ୨୪।୮(ନିପ୍ର): ସହରରୁ ନିଖୋଜ ୪ ନାବାଳିକା ଛାତ୍ରୀଙ୍କୁ ଛତ୍ରପୁର ନିକଟରୁ ଉଦ୍ଧାର କରାଯାଇଛି । ନାବାଳିକା ବ୍ରହ୍ମପୁର ବଡ଼ ବଜାର ଅଚଂଳରେ ଥିବା ଏକ ସରକାରୀ ବିଦ୍ୟାଳୟରେ ପଢୁଥିବା ବେଳେ ସକାଳୁ ସ୍କୁଲକୁ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ସନ୍ଧାନ ନ ପାଇ ପୃଥକ୍ ଭାବେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୪ ନିଖୋଜ ମାମଲା ରୁଜୁ କରି ଥାନା ଅଧିକାରୀ ବାବା ଶଙ୍କର ଶରାଫଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା । ତଦନ୍ତ ବେଳେ ଛାତ୍ରୀ ଏକ ସିଟି ବସ୍‌ରେ ବସି ଛତ୍ରପୁର ଆଡ଼େ ଯାଉଥିବା ପୋଲିସ ଜାଣିବାକୁ ପାଇଥିଲା । ଛତ୍ରପୁର ଯାଇ ଆଇଆର୍‌ଇଏଲ୍ ଛକରୁ ପୋଲିସ ସେମାନଙ୍କୁ ଠାବ କରିବା ସହ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ପଚରାଉଚରା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ସହ ଉକ୍ତ ସ୍କୁଲରେ ପଢୁଥିବା ଜଣେ ନାବାଳିକା ଭାଇ ସହ ବନ୍ଧୁତା ସୃଷ୍ଟି ହୋଇଥିଲା । ଏ ବିଷୟରେ ଜଣାପଡ଼ିବା ପରେ ସମ୍ପୃକ୍ତ ନାବାଳିକାଙ୍କ ମା’ ସ୍କୁଲକୁ ଯାଇ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ । ପ୍ରଧାନଶିକ୍ଷକ ଉକ୍ତ ନାବାଳିକାଙ୍କୁ ଡ଼ାକି ତାଗିଦ୍ କରିଥିଲେ । ଆଉ ସମ୍ପୃକ୍ତ ନାବାଳିକା ଓ ତାଙ୍କ ୩ ଜଣ ସହପାଠୀଙ୍କ କାରନାମା ବିଷୟରେ ପରିବାର ଲୋକଙ୍କୁ ଜଣାଇଦେବେ ବୋଲି କହିଥିଲେ । ଫଳରେ ୪ ନାବାଳିକା ଘର ଛାଡ଼ି ଭୁବନେଶ୍ୱର ଚାଲିଯିବାକୁ ଯୋଜନା କରି ସ୍କୁଲକୁ ଯାଉଛି କହି ଘରକୁ ଯାଇଥିଲେ । ପୁରୁଣା ବସ୍‌ଷ୍ଟାଣ୍ଡକୁ ଯାଇ ସେଠାରେ ଏକ ଶୌଚାଳୟରେ ସ୍କୁଲ ୟୁନିଫର୍ମ ବଦଳାଇ ସାଧା ପୋଷାକ ପିନ୍ଧି ବସ୍‌ରେ ଦିଗପହଣ୍ଡି ଯାଇଥିଲେ । ସେଠାରେ ଜଣେ ନାବାଳିକା ଏଟିଏମ୍‌ରୁ ୫୦୦ ଟଙ୍କା ଉଠାଇଥିଲେ । ସେଠାରେ ଫେରି ସମସ୍ତେ ବ୍ରହ୍ମପୁର ଆସିଥିଲେ । ଜଣେ ନାବାଳିକା ଛତ୍ରପୁରରେ ରହୁଥିବା ତାଙ୍କର ଜଣେ ସାଙ୍ଗକୁ ଫୋନ୍ କରିବା ପରେ ଏକ ବସ୍‌ରେ ବସି ଛତ୍ରପୁର ଚାଲିଯାଇଥିଲେ । ଆଜି ସମସ୍ତ ୪ ନାବାଳିକାଙ୍କୁ ଉଦ୍ଧାର ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି ।

୭ ସ୍କ୍ୱାଡ଼୍‌କୁ ହଷ୍ଟେଲ୍ ସୁରକ୍ଷା ଦାୟିତ୍ୱ

ଗୋପାଳପୁର ,୨୪।୮(ନିପ୍ର): ଏଣିକି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ବାଳକ ହଷ୍ଟେଲ୍‌ରେ ସୋମବାରଠାରୁ ରବିବାର ୭ଟି ସ୍ୱତନ୍ତ୍ର ସ୍କ୍ୱାଡ଼ ପ୍ରତ୍ୟହ ଯାଞ୍ଚ କରିବାକୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ନିର୍ଦ୍ଦେଶ ଦେଇଛନ୍ତି । ଏହି ମର୍ମରେ ହଷ୍ଟେଲ୍ ଦାୟିତ୍ୱରେ ଥିବା ୱାର୍ଡ଼େନ୍ ପ୍ରଫେସର ଗଣେଶ ସେଠୀଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ଜାରି କରାଯାଇଛି । ଗଠିତ ହୋଇଥିବା ସମସ୍ତ ୭ ଟି ସ୍କ୍ୱାଡ଼ରେ ୧୦ ଜଣ ଲେଖାଏଁ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ରହିବେ । ନିଜେ କୁଳପତି ପ୍ରଫେସର ଶ୍ରୀମତି ଦାଶ ପ୍ରତି ସୋମବାର ନିଜ ଟିମ୍ ସହ କ୍ୟାମ୍ପସରେ ଥିବା ସମସ୍ତ ବାଳକ ହଷ୍ଟେଲ୍ ପରିଦର୍ଶନ କରିବେ । କୌଣସି ରୁମ୍‌ରେ ଯେପରି ଅଣଛାତ୍ର ପ୍ରବେଶ କରିବେ ନାହିଁ ଏବଂ ଛାତ୍ର ବିଶୃଙ୍ଖଳା ଦେଖା ନ ଦେବ ସେଥିପ୍ରତି ଏହି ସ୍କ୍ୱାଡ଼ ନଜର ରଖିବେ । ସେହିପରି ମଙ୍ଗଳବାର ସହ ଅନ୍ୟ ଦିନ ମାନଙ୍କରେ ଅନୁରୂପ ଭାବେ ୧୦ଜଣିଆ ସ୍କ୍ୱାଡ଼ ହଷ୍ଟେଲ୍ ପରିଦର୍ଶନ କରି କଡ଼ା ନଜର ରଖିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଗତ ବୁଧବାର ଅପରାହ୍ନରେ କ୍ୟାମ୍ପସ୍ ପରିସରରେ ସମ୍ବଲପୁରୀ ଦିବସ ପାଳନ ଅବସରରେ କିଛି ରାଜନୈତିକ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହେବାକୁ କେତେକ ଛାତ୍ର ବିରୋଧ କରିଥିଲେ । ଏହାକୁ ନେଇ ଗଣ୍ଡଗୋଳ ହେବା ପରେ ତୁରନ୍ତ କାର୍ଯ୍ୟକ୍ରମକୁ ବନ୍ଦ କରି ଦିଆଯାଇଥିଲା । ଫଳରେ କାର୍ଯ୍ୟକ୍ରମ ଆୟୋଜନରେ ସାମିଲ ରହିଥିବା କେତେକ ଛାତ୍ର ଓ ରାଜନୈତିକ ବ୍ୟକ୍ତି କ୍ୟାମ୍ପସ୍ ବାହାରେ ମୋନାର୍କ ଛକ ଠାରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଅଭିଳାଷ ମିଶ୍ରଙ୍କୁ ଆକ୍ରମଣ କରିଥିଲେ ।

ଅସ୍ଥାୟୀ ବନ କର୍ମଚାରୀଙ୍କ ଜରୁରୀ ବୈଠକ

ବ୍ରହ୍ମପୁର, ୨୪।୮(ନିପ୍ର): ସ୍ଥାନୀୟ ବନ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ ବନ୍ୟପ୍ରାଣୀ ସ୍କ୍ୱାଡ୍‌ମାନଙ୍କ ତରଫରୁ ବିଭିନ୍ନ ଦାବି ନେଇ ଗେଟ୍‌ବଜାର ସ୍ଥିତ ଏନ୍‌ଜିଓ ହଲ୍‌ଠାରେ ରବିବାର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦାବିଗୁଡ଼ିକ ମଧ୍ୟରେ ଅସ୍ଥାୟୀ ବନ୍ୟପ୍ରାଣୀ କର୍ମଚାରୀମାନଙ୍କ ଦୀର୍ଘ ଦିନ ହେଲା ସେବା ଓ ଅସୀମ ଅଭିଜ୍ଞତାକୁ ବିଚାର କରି କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି କରାଯାଉ, ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ ବା କର୍ତ୍ତବ୍ୟ ସମ୍ପାଦନ କାଳରେ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଥିବା କର୍ମଚାରୀମାନଙ୍କୁ ସର୍ବନିମ୍ନ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଓ ପଙ୍ଗୁ କର୍ମଚାରୀମାନଙ୍କୁ ସର୍ବନିମ୍ନ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ, ମୋବାଇଲ୍ ଆପ୍ ବିଭାଗୀୟ କାର୍ଯ୍ୟରେ ବ୍ୟବହାର ପାଇଁ ନିର୍ଦ୍ଦେଶ ଥିବାରୁ ମାସିକ ଡ଼ାଟା ଭାଉଚର କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଉ, ବିନା ଅପରାଧରେ ଛଟେଇ ହୋଇଥିବା କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରାଯାଉ ଏବଂ ମନମୁଖୀ ଛଟେଇ ବନ୍ଦ ସହ ଚାକିରୀ ନିରାପତ୍ତା ଯୋଗାଇ ଦିଆଯାଉ, ମାସିକ ପ୍ରାପ୍ୟ ଠିକ୍ ସମୟରେ ପ୍ରଦାନ କରାଯିବା ସହ ଅସ୍ଥାୟୀ କର୍ମଚାରୀମାନଙ୍କୁ ଇପିଏଫ୍ ଓ ଇଏସ୍‌ଆଇ ମଧ୍ୟ ଆକାଉଣ୍ଟରେ ଠିକ୍ ସମୟରେ ଦାଖଲ କରାଯାଉ ଏବଂ ଖିଲାପି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଦୀର୍ଘ ୬ ମାସ ଧରି ଦରମା ପାଉନଥିବା ବନ୍ୟପ୍ରାଣୀ ସ୍କ୍ୱାଡ୍‌ମାନଙ୍କ ଦରମା ତୁରନ୍ତ ପ୍ରଦାନ କରାଯାଉ ଏବଂ ଅନ୍ୟାନ୍ୟ ଦାବି ନେଇ ଏଠାରେ ସ୍କ୍ୱାଡ୍ ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା । ତତ୍ ସହିତ ଯଦି ଅସ୍ଥାୟୀ ବନ୍ୟପ୍ରାଣୀ ସ୍କ୍ୱାଡ୍‌ମାନଙ୍କ ଦାବି ପୂରଣ ନହେଲେ ଆସନ୍ତା ୧.୯.୨୫ ତାରିଖରୁ ପୂର୍ବାହ୍ନ ୧୧ ଘଣ୍ଟାଠାରୁ ଅରଣ୍ୟ ଭବନ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଏବଂ ଏ ସମ୍ପର୍କରେ ଓଡ଼ିଶା ମୁଖ୍ୟ ବନ ସଂରକ୍ଷକଙ୍କୁ ସଂଘ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।

ସଣ୍ଡେ ଅନ୍ ସାଇକେଲ୍ ଅଭିଯାନର ଶୁଭାରମ୍ଭ

ବ୍ରହ୍ମପୁର, ୨୪।୮(ନିପ୍ର) : ରାଜ୍ୟ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଓ ଯୁବ ବିଭାଗ ତରଫରୁ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ବିଭାଗ ତରଫରୁ ପ୍ରତି ରବିବାର ଫିଟ୍ ଇଣ୍ଡିଆ ଅଭିଯାନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସଣ୍ଡେ ଅନ୍ ସାଇକେଲ୍ ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ଗୋପାଳପୁର ଠାରେ ଏପରି ସାଇକେଲ୍ ଅଭିଯାନ କରାଯାଇଥିଲା । ଏଥିରେ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜେ ସାଇକେଲ୍ ଚାଳନା କରିଥିଲେ । ପୋଲିସ କର୍ମଚାରୀମାନେ ନିଜର ସ୍ୱାସ୍ଥ୍ୟକୁ ସଠିକ୍ ଭାବେ ପରିଚାଳନା କରିବାପାଇଁ ଏପରି ସାଇକେଲ୍ ଚଳାଇବା ଜରୁରୀ ବୋଲି ଏଠାରେ ଏସ୍‌ପି ଶ୍ରୀ ବିବେକ୍ ଏମ୍ ସୂଚନା ଦେଇଥିଲେ ।

ଟିମ୍ କ୍ଲିନ୍ ସିଟିର ପୋଷ୍ଟର ଚିରା ଅଭିଯାନ ଜାରି

ବ୍ରହ୍ମପୁର, ୨୪।୮(ନିପ୍ର): ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଦିଗରେ ନିଜ ଉଦ୍ୟମ ଜାରି ରଖିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ୍ କ୍ଲିନ୍ ସିଟି । ପ୍ରତି ରବିବାର ଭଳି ଆଜି ମଧ୍ୟ ଟିମ୍ ପକ୍ଷରୁ ପୋଷ୍ଟର ଚିରା ଅଭିଯାନ କରାଯାଇଥିଲା । ପ୍ରଥମେ ସମସ୍ତ ସଦସ୍ୟ ସ୍ଥାନୀୟ ଏମ୍‌କେସିଜି ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହୋଇଥିଲେ । ପରେ ଉକ୍ତ ସ୍ଥାନ ଠାରୁ ଖୋଡ଼ାସିଙ୍ଗି ପର୍ଯ୍ୟନ୍ତ କାନ୍ଥ ଓ ଗଛ ଗୁଡ଼ିକରେ ଲାଗିଥିବା ପୋଷ୍ଟର, ବ୍ୟାନର ଆଦିକୁ ବାହାର କରିଥିଲେ ସଦସ୍ୟ ଗଣ । ଏହି ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମର ଡ଼େପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ସାମିଲ ହୋଇ ଇଞ୍ଜିନିୟର ସ୍କୁଲ ଛକସ୍ଥିତ ବସ୍‌ଷ୍ଟପ୍‌ରେ ଲାଗିଥିବା ପୋଷ୍ଟର ଗୁଡ଼ିକୁ ଚିରିବା ସହ ଅଳିଆ ଆବର୍ଜନାକୁ ସଦସ୍ୟଙ୍କ ସହ ମିଶି ଝାଡୁ ଜରିଆରେ ସଫେଇ କରିଥିଲେ । ରେଶମ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ଟିମ୍‌ର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହି ଆଗାମୀ ଦିନରେ ଏହାକୁ ଜାରି ରଖିବାକୁ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ । ପୋଷ୍ଟର ବାହାର କରାଯିବା ପରେ ପଡୁଥିବା ଅଳିଆ ଆବର୍ଜନାକୁ ମହାନଗର ନିଗମ ପକ୍ଷରୁ କିଭଳି ସଫେଇ କରାଯିବ ସେନେଇ ଗୁରୁତ୍ୱ ଦେବାକୁ ସାମିଲ ସଦସ୍ୟମାନେ ଡ଼େପୁଟି କମିଶନରଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଟି.ସି.ସିର ସମସ୍ତ ସଦସ୍ୟ ଉପସ୍ଥିତଥିଲେ । ପୂର୍ବରୁ ଟିମ୍ କ୍ଲିନ୍ ସିଟିର ଏହି କାର୍ଯ୍ୟକୁ ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଖୁବ୍ ପ୍ରଶଂସା କରିଥିଲେ ।

କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: କର୍ପୋରେଟ ଏକାଦଶ ବିଜୟୀ

ବ୍ରହ୍ମପୁର, ୨୪।୮(ନିପ୍ର): ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆଠାରେ ମହାନଗର ନିଗମର ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି । ନିଗମର କର୍ପୋରେଟର ଏକାଦଶ ଏବଂ ମିଡ଼ିଆ ଏକାଦଶ ମଧ୍ୟରେ ୧୫ ଓଭର କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ପୋରେଟର ଏକାଦଶ ବିଜୟ ଲାଭ କରିଥିଲେ । ଏହି ଅବସରରେ

ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଡ଼େପୁଟି ମେୟର ଇ. ବିବେକ୍ ରେଡ୍ଡୀ, ଡ଼େପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସମେତ ବହୁ କର୍ପୋରେଟର ଓ ମିଡ଼ିଆ ବନ୍ଧୁମାନେ ଉପସ୍ଥିତଥିଲେ ।

ଏମ୍‌କେସିଜିରେ ସଫେଇ ଠପ୍

ବ୍ରହ୍ମପୁର, ୨୪।୮(ନିପ୍ର): ସ୍ଥାନୀୟ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ପରିସରରେ ସଠିକ୍ ଭାବେ ସଫେଇ କାର୍ଯ୍ୟ କରାଯାଉନଥିବା ଅଭିଯୋଗ ହୋଇଛି । ଏହି ଡ଼ାକ୍ତରଖାନାକୁ ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଚିକିତ୍ସା ପାଇଁ ଆସିଥାନ୍ତି । କିନ୍ତୁ ବର୍ତ୍ତମାନ ବଡ଼ ଡ଼ାକ୍ତରଖାନା ପରିସରରେ ଦୀର୍ଘ ଦିନ ଧରି ବିଭିନ୍ନ ଛୁଂଚି, ସିରିଞ୍ଜ ଓ ଅନ୍ୟାନ୍ୟ ମେଡ଼ିକାଲ୍ ସାମଗ୍ରୀ ପଡ଼ି ରହିଥିବା ଦେଖିବାକୁ ମିଳିଛି । ଏହାଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି । ବର୍ଜ୍ୟବସ୍ତୁ ପରିଚାଳନା ସହ ବଡ଼ ଡ଼ାକ୍ତରଖାନାର ସଫେଇକୁ ନେଇ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଥିନେଇ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି ।

AFFIDAVIT

By virtue of an affidavit sworn before the Executive Magistrate, Puri, Dt-22.08.2025, I, Dhruba Charan Kandi, Vill-Kolahana, Po-Nuasanth, Ps-Balanga, Dist-Puri-752105 declare that I have changed my minor daughter's name from Sasmita Kandi (old name) to Swagatika Kandi (new name). Henceforth, she will be known as Swagatika Kandi for all future purposes.

Dhruba Charan Kandi
Deponent

ବରିଷ୍ଠ କଳାକାର ସଂଘର ବନ୍ଧୁ ମିଳନ

ବ୍ରହ୍ମପୁର, ୨୪।୮(ନିପ୍ର) ଗଞ୍ଜାମ ଜିଲ୍ଲା କୋଦଳା ବ୍ଲକ୍ ମାଁ ହନୁମନ୍ତ ନାରାୟଣୀ ମହିଳା ସଂକୀର୍ତ୍ତନ ସଂଘର କଳାକାରଙ୍କ ଦ୍ୱାରା ଏକ ବନ୍ଧୁ ମିଳନ ପର୍ବ ସଭାପତି ଟୁଟୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉପ ସଭାପତି ସଙ୍କର୍ଷଣ ସାବତ, କୋଷାଧ୍ୟକ୍ଷ ଅଭିରାମ ରାଉଳ ଓ ସରୋଜ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସମସ୍ତ କଳାକାରଙ୍କୁ ସଂଘ ଭୁକ୍ତ କରାଯାଇଥିଲା । ଏହାକୁ କୁନୁ ବେହେରା ଓ ସୁଜାତା ବେହେରା ସଂଯୋଜନା କରିଥିବା ବେଳେ ରେଣୁବାଳା ପାଣ୍ଡି ଓ ସୁନିତା ପ୍ରଭା ସାହୁ ପରିଚାଳନା କରିଥିବା ବେଳେ ମହିଳା ସଂକୀର୍ତ୍ତନର ସଦସ୍ୟା ମାନେ ସହଯୋଗ କରିଥିଲେ ।

ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବ୍ରହ୍ମପୁର, ୨୪।୮(ନିପ୍ର): ପଦ୍ମଶ୍ରୀ ଡ଼ା. କୃଷ୍ଣ ମୋହନ ପାଠୀଙ୍କ ଲିଙ୍ଗରାଜ ନଗରସ୍ଥିତ ବାସଭବନ ଠାରେ ରବିବାର ଅସ୍ଥି ସ୍ୱାସ୍ଥ୍ୟ ଓ ଅନ୍ୟ ଉପାଦେୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ ପରୀକ୍ଷା ତଥା ଭିଟାମିନ୍ ଡ଼ି-୩, ୟୁରିକ୍ ଏସିଡ଼୍, ହିମୋଗ୍ଲୋବିନ୍, ସ୍ନାୟୁ ଦୁର୍ବଳତା, ମେଦବହୁଳତା ଇତ୍ୟାଦି ପରୀକ୍ଷା କରାଯିବା ସହିତ ଉପଯୁକ୍ତ ଡ଼ାକ୍ତରୀ ପରାମର୍ଶ ଉପଲବ୍ଧ କରାଯାଇଥିଲା । ବ୍ରହ୍ମପୁର ଉପ ଜିଲ୍ଲାପାଳ ଇଂ. ଅବିନାଶ କୁମାର ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁଭ ଉଦ୍ଘାଟନ କରିବା ସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ବି ଏହି ଶିବିରରେ ଯୋଗଦାନ କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ପଦ୍ମଶ୍ରୀ ଡ଼ା. କୃଷ୍ଣ ମୋହନ ପାଠୀଙ୍କ ସୁପୁତ୍ର ସମାଜସେବୀ ଇଂ. ବିଭୂ ପ୍ରସାଦ ପାଠୀ ଏହି ସ୍ୱାସ୍ଥ୍ୟ ଶିବିରର ସମସ୍ତ ପରିଚାଳନା ଦାୟିତ୍ୱ ଦକ୍ଷତାର ସହିତ ନିର୍ବାହ କରିଥିଲେ । ବ୍ରହ୍ମପୁର ତଥା ଅନ୍ୟାନ୍ୟ ଅଞ୍ଚଳର ଅନେକ ବ୍ୟକ୍ତି ସେମାନଙ୍କ ପରିବାରର ସଦସ୍ୟଙ୍କ ସହ ଏହି ଶିବିରରେ ଯୋଗଦାନ କରି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ଏବଂ ଡ଼. ଶ୍ରୀ ପାଠୀଙ୍କ ଠାରୁ ଡ଼ାକ୍ତରୀ ପରାମର୍ଶ ନେଇଥିଲେ । ଔଷଧ ଓ ଡ଼ାଇଗ୍ନୋଷ୍ଟିକ୍ ସଂସ୍ଥାମାନେ ଏହି ଶିବିରରେ ଅନେକ ଉପାଦେୟ ପରୀକ୍ଷାର ସୁବିଧା ଯୋଗାଇ ଦେଇଥିଲେ । ଭବାନୀ ଡ଼ାଇଗ୍ନୋଷ୍ଟିକ୍‌ଙ୍କ ତରଫରୁ ଭିଟାମିନ୍ ଡ଼ି-୩ ଭଳି ଉପାଦେୟ ଦାତବ୍ୟ ପରୀକ୍ଷାର ସୁବିଧା ଯୋଗାଇ ଦିଆଯାଇଥିଲା ।

ପ୍ରଥମ ପୃଷ୍ଠାରୁ

କୃଷି ଏକ ବୃତ୍ତି...

ଚଳିତ ବର୍ଷ ୮୧ ପ୍ରତିଶତ ଖର୍ଚ୍ଚ ହୋଇସାରିଛି । କୃଷିମନ୍ତ୍ରୀ କହିଛନ୍ତି, ଭାରତ ତଥା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବାକୁ କୃଷି ସଂକଳ୍ପ ଯାତ୍ରା ଆରମ୍ଭ କରାଯାଇଛି। ମିଶ୍ରିତ ଚାଷ ପାଇଁ ସରକାର ସବୁ ସୁବିଧା ଯୋଗାଇ ଦେଇଛନ୍ତି। କାମଧେନୁ ଯୋଜନାରେ ୭୦ ପ୍ରତିଶତ ସବ୍‌ସିଡ଼ି ଦେଇ ଚାଷୀମାନଙ୍କୁ ଦୁଇଟି ଗାଈ ଦିଆଯାଉଛି। ପୂର୍ବରୁ ଯୋଜନା ବାଟମାରଣା ହେଉଥିଲା। ନିର୍ଦ୍ଦିଷ୍ଟ ଚାଷୀଙ୍କ ହାତରେ ଯୋଜନା ବନ୍ଧା ପଡିଥିଲା। ଆଜି ସମସ୍ତଙ୍କୁ ଯୋଜନାର ଲାଭ ମିଳୁଛି।

କାର୍ଯ୍ୟକ୍ରମରେ ବିଭିନ୍ନ ପଦ୍ଧତିରେ ଚାଷ ସହ ଜୈବିକ ଚାଷ ଓ କୁକୁଡ଼ା ଚାଷକୁ ନେଇ ବୈଜ୍ଞାନିକମାନେ ରଚନା କରିଥିବା ବିଭିନ୍ନ ବୁଲେଟିନ ଓ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଓୟୁଏଟିର କୁଳପତି ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲେ।

ସଦନରେ ଆହ୍ୱାନପୂର୍ଣ୍ଣ...

ସଂସଦ ଏବଂ ବିଧାନସଭାରେ ଅର୍ଥପୂର୍ଣ୍ଣ ବିତର୍କ ବିନା, ସେଗୁଡ଼ିକ କେବଳ ନିର୍ଜୀବ ଅଟ୍ଟାଳିକାରେ ପରିଣତ ହୋଇଯିବ। ବିଠଲଭାଇ ପଟେଲ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ଅବସରରେ, ନିଜ ନିଜ ବିଧାନସଭାରେ ବାଚସ୍ପତିଙ୍କ ମର୍ଯ୍ୟାଦା ବୃଦ୍ଧି ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଆମେ ନିଜ ନିଜ ରାଜ୍ୟରେ ଲୋକଙ୍କ ସ୍ୱର ପାଇଁ ଏକ ନିରପେକ୍ଷ ମଞ୍ଚ ପ୍ରତିଷ୍ଠା କରିବା ସହ ଶାସକ ଓ ବିରୋଧୀ ଦଳ ମଧ୍ୟରେ ନିରପେକ୍ଷ ବିତର୍କ ସୁନିଶ୍ଚିତ କରିବା ଏବଂ ବିଧାନସଭା, ଲୋକସଭା ଏବଂ ରାଜ୍ୟସଭାର ନିୟମ ଅନୁଯାୟୀ ଗୃହର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା।

ଏହି ଅବସରରେ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତା, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଉପସ୍ଥିତ ଥିଲେ।

ଲିଓ କ୍ଲବ୍ ଗୋଲ୍ଡର ଆଇନ୍ ସଚେତନତା

ବ୍ରହ୍ମପୁର, ୨୪।୮(ନିପ୍ର): ସ୍ଥାନୀୟ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଲିଓ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର ଗଠନ ସଭା ସହିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଓକିଲ ସଂଘ ସମ୍ପାଦକ ଟି. ଭେଙ୍କେଟ ରାଓ ଯୋଗଦେଇଥିବା ବେଳେ କ୍ଲବର ସଭାପତି ଲୋକନାଥ ପାତ୍ର, ଡ଼. ସୁବ୍ରତ କୁମାର ସାହୁ, ଜ୍ୟୋତ୍ସ୍ନାମୟୀ ପ୍ରଧାନ ଓ ସୁରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନଥିବା ବେଳେ ରୁଦ୍ର ନାରାୟଣ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏଠାରେ ଉପସ୍ଥିତଥିଲେ ।

ଭାରତୀୟ ସଂସ୍କୃତିର ସୁରକ୍ଷା ଆବଶ୍ୟକ

ବ୍ରହ୍ମପୁର:, ୨୪।୮(ନିପ୍ର) ସ୍ଥାନୀୟ ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ସଂସ୍କୃତି ଶିକ୍ଷକ ମହାସଂଘ, ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସଂସ୍କୃତ ଦିବସ ସମାରୋହ ପାଳନ ହୋଇଯାଇଅଛି । ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର କହିଲେ ଯେ, ସଂସ୍କୃତ ହେଉଛି ଆମର ମାତୃଭାଷାର ଜନନୀ । ମୁଖ୍ୟବକ୍ତା ଉଚ୍ଚ ମାଧ୍ୟମିକ ଶିକ୍ଷା ଅତିରିକ୍ତ ସହ ନିର୍ଦ୍ଦେଶକ ଡ଼ଃ କୁଳମଣି ଓଝା କହିଲେ ବେଦର ଭାଷା ସଂସ୍କୃତ ପ୍ରତି ସମସ୍ତଙ୍କ ଆସ୍ଥା ରହିବା ଉଚିତ୍ । ସାରସ୍ୱତ ବକ୍ତା ଭାବେ ଯୋଗଦେଇ ଥିଲେ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଡ଼ିନ୍. ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ କହିଲେ ସଂସ୍କୃତ ପ୍ରତି ସରକାରଙ୍କ ଅବହେଳା ଓଡ଼ିଆ ଭାଷାର ସ୍ଥିତି ବିପନ୍ନ କରାଇପାରେ । ଅନ୍ୟତମ ସାରସ୍ୱତ ବକ୍ତା ସଂସ୍କୃତ ଭାରତୀ ପୂର୍ବ କ୍ଷେତ୍ର ପ୍ରମୁଖ ପଣ୍ଡିତ ନୃସିଂହ ଚରଣ ପଣ୍ଡା ସଂସ୍କୃତରେ ଆତ୍ମ ନିଯୁକ୍ତିର ଅନେକ ସୁଯୋଗ ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ଼ଃ ପ୍ରଭାତୀ କୁମାରୀ ମହାପାତ୍ର । ଅନ୍ୟତମ ଅତିଥି ଭାବେ ରାଧାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ହରିହର ଦାସ ମହାରାଜ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର । ଉତ୍ସବରେ ୧୨ ଜଣ ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କୁ ବିଭିନ୍ନ ସ୍ମୃତି ପାଣ୍ଠିରାଶିରେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଜିଲ୍ଲାସ୍ତରୀୟ ସଂସ୍କୃତ ବକ୍ତୃତା ଓ ଶ୍ଳୋକାବୃତ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶତାଧିକ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀମାନେ ସରସ୍ୱତୀ ବନ୍ଦନା ଗାନ କରିଥିଲେ । ବେଦପାଠ କରିଥିଲେ କନିଷି ନିକଟସ୍ଥ ମାନବ ସେବା ଆଶ୍ରମ ବେଦପାଠଶାଳାର ବିଦ୍ୟାର୍ଥୀମାନେ । ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ ଉପଦେଷ୍ଟା ପଣ୍ଡିତ ଗୋପାଳ କୃଷ୍ଣ ପାଢ଼ୀ । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ଜୟରାମ ମିଶ୍ର । ଉପସଭାପତି ମାମି ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଲମ୍ବୋଦର ଶତପଥୀ, ପ୍ରମୋଦ କୁମାର ପାଢ଼ୀ, ଡ଼ଃ ସମୀର କୁମାର ବେହେରା, ନିତ୍ୟାନନ୍ଦ ଦାସ, ବିନାୟକ ତ୍ରିପାଠୀ, ବିଭୂ ପ୍ରସାଦ ତ୍ରିପାଠୀ, ଭଗବାନ ମୁନି, ନୀଳାମ୍ବର ପଣ୍ଡା, ସୂର୍ଯ୍ୟ ନାରାୟଣ ଶତପଥୀ, ଉପସଭାପତି ଧନୁର୍ଦ୍ଧର ବେହେରା, ତ୍ରିପତି ପ୍ରଧାନ, ସୁଧାକର ବଳୀ, ମୁନୀ ବିଷୋୟୀ, ଅଭିଲିପ୍ସା ରଥ, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ସଂସ୍କୃତ ଗୁରୁଜୀ ମନୋଜ ତ୍ରିପାଠୀ ଓ ସମସ୍ତ କର୍ମଚାରୀ ବୃନ୍ଦ । ଉତ୍ସବରେ କବିରଶ୍ମୀ ବ୍ରଜକିଶୋର ତ୍ରିପାଠୀଙ୍କ ରଚିତ ତଥା ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଆର୍ଥିକ ସହାୟତାରେ ପ୍ରକାଶିତ ସଂସ୍କୃତି ସୁଧା ପୁସ୍ତକ ଲୋକାର୍ପିତ ହୋଇଥିଲା ।

ମଧୁସ୍ମିତା ସାହୁଙ୍କ ରାଧା ଚନ୍ଦ୍ରିକା ଉନ୍ମୋଚିତ

ବ୍ରହ୍ମପୁର, ୨୪।୮(ନିପ୍ର): ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମିଳନୀ କକ୍ଷରେ କବି ମଧୁସ୍ମିତା ସାହୁଙ୍କ କବିତା ସଂକଳନ ରାଧା ଚନ୍ଦ୍ରିକା ର ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସାହିତ୍ୟ ପରିଷଦ ପ୍ରକାଶିତ ଏହି ପୁସ୍ତକର ଉନ୍ମୋଚନ ପର୍ବରେ ବିଶିଷ୍ଟ ନାଟ୍ୟକାର ଇଂ. ଯାମିନୀକାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବିତା ଅନୁଭବ ଓ ଅନୁଭୂତିକୁ ନେଇ ଗତି କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ । କବି ବିଦେଶୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ର ସର୍ବଦା ସମାଜକୁ ସକ୍ରିୟ ଓ ସୃଜନ କ୍ଷମ କରିଥାଏ । ଏହି ଅବସରରେ ପ୍ରକାଶିତ ରାଧା ଚନ୍ଦ୍ରିକା ସମାଜ ପାଇଁ ଏକ ଅନନ୍ୟ ଉପହାର ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସୁଲେଖକ ଡ଼. ରାଜେନ୍ଦ୍ର ବେହେରା ଓ ଶିକ୍ଷାବିତ୍ ଜ୍ୟୋତ୍ସ୍ନା ପାଣି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ ରାଧା ଚନ୍ଦ୍ରିକା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ । ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ କାର୍ଯ୍ୟକ୍ରମକୁ କବି ସୁଜାତା ଶତପଥୀ ସଞ୍ଚାଳନା କରିଥିଲେ । ଏହି ଅବସରରେ ସଂଯୋଜିକା ନନ୍ଦିନୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ବଂଶୀଧର ସେଠୀ, ମନିଷା ପ୍ରସାଦ ସାମନ୍ତସିଂହାର. ଗିରିଜା ଶଙ୍କର ଦାଶ, ଜ୍ୟୋତ୍ସ୍ନା ରାଣୀ ଦେବୀ, ବିଜୟ ମହାରଣା, ବିନୋଦିନୀ ନାୟକ, ଗଙ୍ଗାଧର ମହାକୁଡ଼, ସୌରଭ କାନ୍ତ ତ୍ରିପାଠୀ, ବୋଧିସତ୍ୱ ମହାରଣା, ସୁଧାଞ୍ଜଳି ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ରାଧା ଚନ୍ଦ୍ରିକା ସଙ୍କଳନର କବି ମଧୁସ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

AFFIDAVIT

By virtue of an affidavit sworn before the Executive Magistrate,Anandapur,“Dated 21-08-2025 I, Puspashree Swain, Address At/Po-Duburi, Ps-Kalinga Nagar, Dist-Jajpur, Odisha-755026 declare that I have changed my name from Puapa Sree Swain to Puspashree Swain. Henceforth, I shall be known as Puspashree Swain for all purposes.

Puspashree Swain

AFFIDAVIT

I, Pranjali Singh, aged about 47 years, W/o- Susanta Kumar Panda, resident of At- Paratara, Kardagadia, Dist- Angul, PIN- 759132, Odisha declared by this affidavit No. 28609, dtd- 22/08/2025 that now onwards I shall be known as **PRANJALI PANDA** for all future purposes.

AFFIDAVIT

I, Puspanjali Pana, aged about 37 years, W/o- Abhishek Kar, resident of Bhadrasahi, Kendujhar, PIN- 758035, Odisha declared by this affidavit No. 1721, dtd- 22/08/2025 that now onwards I shall be known as **PUSPANJALI KAR** for all future purposes.

କବଲାହଜିଛି

ମୁଁ ଶ୍ରୀମତୀ ସଞ୍ଜୁକ୍ତା ପ୍ରଧାନ, ଗ୍ରା : ମହିବାହାଲ, ପୋ :ରାମଗଡ଼ ବ୍ଲକ : ହରଭଙ୍ଗା, ଜିଲ୍ଲା : ବୌଦ୍ଧ. ଗତ ୨୨/୭/୨୫ ରିଖ ଦିନ ୪ ଟା ସମୟରେ ବୌଦ୍ଧ ରୁ ମୋ ଘର ମହିବାହାଲ ଫେରୁଥିବା ସମୟରେ ମହିବାହାଲ ମୌଜାରେ ଥିବା ପ୍ଲଟ ନଂ -୮୦୮, ଖାତା ନଂ -୧୩୬/୭୯ ର କବଲା ସହ ଆଉ କିଛି ଜରୁରୀ କାଗଜ ପତ୍ର ହଜି ଗଲା। ଏ ସମ୍ପର୍କରେ ବୌଦ୍ଧ ଆଦର୍ଶ ଥାନା ରେ ମଧ ଏକ ଲିଖିତ ଅଭିଯୋଗ କରିଛି। ଯଦି କୌଣସି ସହୃଦୟ ବ୍ୟକ୍ତି ହଜି ଯାଇଥିବା ମୋ ପ୍ଲଟ ନଂ -୮୦୮, ଖାତା ନଂ ୧୩୬/୭୯ ର କବଲା ପାଏ ତା ହେଲେ ଏହି ଫୋନ୍ ନମ୍ବର ରେ ଜଣେଇବାକୁ ଅନୁରୋଧ।

ଫୋନ୍ ନଂ -୭୮୫୩୦୧୩୨୯୫

AFFIDAVIT

I, Pranab Kumar Mahapatra, aged about 50 years, S/o- Premabandhu Mahapatra, resident of 804/B/10, Madhusudan Nagar, Tulasipur, Cuttack Sadar, PIN- 753008, Odisha declared by this affidavit No. 1722, dtd- 22/08/2025 that now onwards I shall be known as **PRANAB KUMAR MOHAPATRA** for all future purposes.

AFFIDAVIT

I, Rajsree Nag, aged about 50 years, W/o- Prananath Munda, resident of At- Canal Road, Professorpada, College Square, Dist- Cuttack, PIN- 753003, Odisha declared by this affidavit No. 28799, dtd- 22/08/2025 that now onwards I shall be known as **RAJSREE MUNDA** for all future purposes.

ହଜିଛି

ମୁଁ ଇନ୍ଦ୍ରମଣି ରାଉତ , ପିତା - ମଦନ ରାଉତ , ଗ୍ରାମ - ମଧଖଣ୍ଡ , ପୋ -ମଧଖଣ୍ଡ , ଥାନା - ଦଶପଲ୍ଲା ଜିଲ୍ଲା - ନୟାଗଡ଼, ଓଡ଼ିଶା, ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛି ଯେ, ମୋର ପଟ୍ଟା ଖତିଆନ ନମ୍ବର ୧୩୩୪/୧୩୬, ପ୍ଲଟ ନମ୍ବର ୩୫୭୫ ଯାଗାର ପରିମାଣ ୦.୦୪ ଡେସିମିଲ, ଟି ଗତ ତା - ୨୦/୦୮/୨୦୨୫ ରିଖ ଦିନ ପରେ କେଉଁଠି ହଜି ଯାଇଛି ମୁଁ ଏଥି ନେଇ ପୋଲିସ ଷ୍ଟେସନରେ ଏଫ୍‌ଆଇଆର୍ ଦାଖଲ କରିଛି। ମୁଁ ଏହି ପଟା କୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନକୁ ବନ୍ଧକ ଦେଇ ନାହିଁ । ମୁଁ ଫିନୋଭା କ୍ୟାପିଟାଲ୍ ପ୍ରାଇଭେଟଲିମିଟେଡ୍‌ରୁ ଏକ ବ୍ୟବସାୟିକ ସମ୍ପତ୍ତି ଋଣ ପାଇବାକୁ ଆବେଦନ କରିଅଛି ମୁଁ ପଟା ନମ୍ବର୩୫୭୫ ର ସାର୍ଟିଫାଏଡ୍ କପି ଦାଖଲ କରିଛି କୌଣସି ସହୃଦୟ ବ୍ୟକ୍ତି ମୋର ହଜିଯାଇଥିବା ପଟ୍ଟା ନମ୍ବର ୩୫୭୫ ର ସନ୍ଧାନ ପାଇଲେ ଦୟାକରି ଅଜୟ କୁମାର ରାଉତ ଙ୍କୁ ଯୋଗା ଯୋଗ କରନ୍ତୁ।ମୋ - ୮୩୨୮୯୨୭୭୭୩ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପୁନର୍ଗଠିତ
ସାମ୍ବିଧାନିକ ସ୍ୱୀକୃତି ଦାବି କଲେ ନେତୃବୃନ୍ଦ

ରାଇରଙ୍ଗପୁର, ୨୪|୮ (ନିପ୍ର): ଏଠାରେ ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୨ ରୁ ଗଠିତ ହେଇଥିବା କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂତନ କମିଟି ଗଠନ କରାଯାଇଥିଲା। ଏହି ବୈଠକରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡିଶାର ବିଭିନ୍ନ ପ୍ରାନ୍ତରୁ ୪୭ ଟି ହୋ ସାମାଜିକ ସଂଗଠନ ଯୋଗ ଦେଇଥିଲେ। ସଭାପତି ରାମରାଇ ମୁନ୍ଦୁଇୟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସିଂ ତିୟୁ ବିବରଣୀ ପାଠ କରିଥିଲେ। ନୂତନ କର୍ମକର୍ତ୍ତା ମନୋନୟନ ନିମନ୍ତେ ସାମାଜିକ ସଂଗଠନମାନଙ୍କ ପକ୍ଷରୁ ପ୍ରସ୍ତାବ ଆଗତ କରାଯାଇଥିଲା। ନୂତନ କର୍ମକର୍ତ୍ତା ଚୂଡାନ୍ତ ପାଇଁ ଏକ ମନୋୟନ କମିଟି ବିହାରର ପୂର୍ବତନ ଉପବାଚସ୍ପତି ତଥା ବରିଷ୍ଠ ସମାଜସେବୀ ଦେବେନ୍ଦ୍ର ନାଥ ଚାମ୍ପିଆଙ୍କ ନେତୃତ୍ୱରେ ଗଠିତ ହେଇଥିଲା। ମନୋୟନ କମିଟିର ନିଷ୍ପତ୍ତି କ୍ରମେ ରାମରାଇ ମୁନ୍ଦୁଇୟାଙ୍କୁ ପୁନର୍ବାର ଜାତୀୟ ସଭାପତି, ଚନ୍ଦ୍ର ମୋହନ ହାଇବୁରୁ ଉପସଭାପତି, ସୁଶ୍ରୀ ଶାନ୍ତି ସିଦୁ ଉପସଭାପତି, ଜଗନ୍ନାଥ କେରାଇ ଉପସଭାପତି, ଡମ୍ବରୁଧର ଜାମୁଦା ସାଧାରଣ ସମ୍ପାଦକ, ଗମେୟା ଅମ ସମ୍ପାଦକ, କ୍ଷିରୋଦ ହେମ୍ବ୍ରମ କୋଷାଧକ୍ଷ, ସୋନା ସାଲେମ ହାଂସଦା ଉପକୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନେ ହୋ ଭାଷାର ସୁରକ୍ଷା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସିଂବଂଗାଙ୍କ ନାମରେ ଶପଥ କରିଥିଲେ। କମିଟି ତରଫରୁ ହୋ ଭାଷାର ସାମ୍ବିଧାନିକ ସ୍ୱୀକୃତି ନିମନ୍ତେ ଅକ୍ଟୋବର ୩୧ ଏବଂ ନଭେମ୍ବର ୧ରେ ଦଲାବୁ ଦିଲ୍ଲୀ କାର୍ଯ୍ୟକ୍ରମ ଅନୁଯାୟୀ ଦୁଇଦିନିଆ ଧାରଣା ଅନୁଷ୍ଠିତ ହେବ ବୋଲି ନବ ନିଯୁକ୍ତ କର୍ମକର୍ତ୍ତାମାନେ ଘୋଷଣା କରିଥିଲେ। ଜାଣଥାଉକି, ଏହି ଅଧିବେଶନରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉପସ୍ଥିତ ରହି ସଭାକୁ ଉଦ୍‌ବୋଧନ ଦେବା ସହିତ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ନେତୃବୃନ୍ଦ ଆହ୍ୱାନ କରିଥିଲେ। ଏହି ସଭାରେ ପୂର୍ବରୁ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ସିଦାହରା ସୁସାର ଆକାଳା ସଭାପତି ମଧୁ ସୂଦନ ଜାରିକା, ଆଦିବାସୀ ହୋ ସମାଜ ଯୁବ ମହାସଭାର ଇପିଲ ସାମାଡ, ଆଦିବାସୀ ହୋ ସମାଜ ମହାସଭାର ପୂର୍ବତନ ସାଧାରଣ ସଂପାଦକ ଯଦୁନାଥ ତିୟୁ, ଏବଂ ତୁରତୁଂ ପିଟିକା ଆକାଳାର ସେଲାୟ ପୂର୍ତ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ଦୁଇ ବରିଷ୍ଠ କର୍ମକର୍ତ୍ତା ଗଙ୍ଗାଧର ହେମ୍ବ୍ରମ ଏବଂ ସୁରା ବିରୁଲୀ ସଭା ପରିଚାଳନା କରିଥିଲେ।

୮୭୪୭ ଟଙ୍କାରେ ମିଳିବ ଏକ କିଲୋୱାଟ୍ ସୋଲାର ପ୍ୟାନେଲ

ସମ୍ବଲପୁର, ୨୪ |୮(ନିପ୍ର): ଏକ କିଲୋୱାଟ୍ ପର୍ଯ୍ୟନ୍ତ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ କିଲୋୱାଟର ସୋଲାର ସିଷ୍ଟମ ୮ ହଜାର ୭୪୭ ଟଙ୍କାରେ ମିଳିପାରବ ବୋଲି ଟିପିଡବ୍ଲୁଓଡିଏଲ୍ ପକ୍ଷରୁ କୁହାଯାଇଛି। କମ୍ପାନୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ବିବରଣୀ ପ୍ରଦାନ କରି କହିଛନ୍ତି, ପଶ୍ଚିମ ଓଡ଼ିଶାର ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକଙ୍କୁ ଏକ କିଲୋୱାଟର ରୁଫଟପ୍ ସୋଲାର ସିଷ୍ଟମ ନିଜ ଘର ଉପରେ ସ୍ଥାପନ କଲେ କେବଳ ୫୦୦୦ ଟଙ୍କା ଏବଂ ସୋଲାର ମିଟର୍ ବାବଦକୁ ୩ ହଜାର ୭୪୭ ଟଙ୍କା ସର୍ବମୋଟ୍ ୮ ହଜାର ୭୪୭ ଟଙ୍କା ଦେବାକୁ ପଡ଼ିବ। ଗ୍ରାହକମାନେ ଏହି ଯୋଜନା ପାଇଁ ବିଦ୍ୟୁତ୍ ବିତରକ କମ୍ପାନୀକୁ ଏକ ସ୍ୱାକ୍ଷରିତ ସମ୍ମତିପତ୍ର ପ୍ରଦାନ କରିବେ, ଯାହା ଫଳରେ କମ୍ପାନୀ ସମ୍ପୂର୍ଣ୍ଣ ଯନ୍ତ୍ରପାତି ପ୍ରଥମେ ଗ୍ରାହକଙ୍କ ଛାତ ଉପରେ ସ୍ଥାପନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୫ ହଜାର ଟଙ୍କା ଗ୍ରାହକଙ୍କ ତରଫରୁ ପ୍ରାପ୍ତ କରିବେ। ଏହି ସୋଲାର ସିଷ୍ଟମ୍ ଲଗାଇ ଗ୍ରାହକ ହାରହାରି ମାସକୁ ୧୦୦ ୟୁନିଟ୍ ବିଜୁଳି ଉତ୍ପାଦନ କରିବା ସହ ବର୍ଷରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲରୁ ବଞ୍ଚାଇ ପାରିବେ। ଏତଦ୍ ବ୍ୟତିତ ବିଦ୍ୟୁତ୍ ବିତରକ କମ୍ପାନୀ ତରଫରୁ ସ୍ଥାପନ କରିଯାଇଥିବା ଯନ୍ତ୍ରପାତି ଉପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଏବଂ ସୋଲାର ପ୍ୟାନେଲ ଉପରେ ୨୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଆହୁରି କୁହଯାଇଛି, ମଧ୍ୟବିତ୍ତ ପରିବାର, ଯେଉଁମାନେ ଏକକାଳୀନ ଅର୍ଥ ବିନିମୟ କରି ସୋଲାର ପ୍ୟାନେଲ୍ ସ୍ଥାପନ କରିବାକୁ ସକ୍ଷମ ନୁହଁନ୍ତି ସେମାନେ କେବଳ ୮ ହାଜର ୭୪୭ ଟଙ୍କା ବିନିୟମରେ ସବୁଜ ବିପ୍ଲବରେ ନିଜକୁ ସାମିଲ କରିପାରିବେ। ଏହି ଯୋଜନା ଦେଶରେ ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନାର ଏକ ଅଂଶ।

ମରଣଯନ୍ତା ପାଲଟିଛି କୁଜଙ୍ଗ ବଜାର ରାସ୍ତା

କୁଜଙ୍ଗ , ୨୪|୮(ନିପ୍ର): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବଜାରର ମୁଖ୍ୟ ରାସ୍ତା ମେଡିକାଲ ରୋଡ ସମେତ ଗଳି କନ୍ଦି ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖାଲ ଖମାରେ ଭର୍ତ୍ତି ରାସ୍ତାସବୁ ବରିଷ୍ଠ ନାଗରିକଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ଚାଲିକି ଯାଆନ୍ତୁ କି ଦୁଇ ଚକିଆରେ ଯାଆନ୍ତୁ ବର୍ଷା ପାଣି ଭର୍ତ୍ତି ଅଦୃଶ୍ୟ ଖାଲରେ ପଡ଼ିବା ଆଶଙ୍କା କରାଯାଉଛି। କୁଜଙ୍ଗ ବଜାର ଜୀବନ ରେଖା କୁହାଯାଉଥିବା ମେଡିକାଲ ରୋଡ ସବୁଠାରୁ ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତା ପ୍ରାୟ ୨୦ ବର୍ଷ ପୂର୍ବେ କଂକ୍ରିଟ ହୋଇଥିଲା। ୩ ବର୍ଷ ହେବ ଏହା ଖାଲ ଖମାରେ ପରିପୂର୍ଣ୍ଣ ହୋଇଥିଲେ ବି ସରକାର ମରାମତି ପାଇଁ ପଦକ୍ଷେପ ନେଇ ନାହାନ୍ତି। ଦିନକୁ ଦିନ ରାସ୍ତା ଖରାପ ହୋଇ ଯାତାୟାତ ଅନୁପଯୋଗୀ ହୋଇ ପଡ଼ିଲାଣି। ବଜାରରୁ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଆଣ୍ଠୁଏ ଲେଖାଏଁ ବର୍ଷା ପାଣି ଜମି ରହିଛି। ରାସ୍ତାଘାଟ ଓ ଜଳନିଷ୍କାସନ, ଟ୍ରାଫିକ ସମସ୍ୟା, ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା ଭଳି ମୌଳିକ ଭିତ୍ତିଭୂମିର ଉନ୍ନତି କଥା ଚିନ୍ତା ନ କରାଯିବା ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ମାଦକ ଦ୍ରବ୍ୟ ଚାଲାଣ ରୋକିବା ନେଇ ଜିଲ୍ଲାସ୍ତରୀୟ ବୈଠକ

ରାୟଗଡ଼ା,୨୪|୮(ନି.ପ୍ର): ରୟଗଡ଼ା ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚରାଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ରାୟଗଡ଼ା ଶ୍ରୀ ଆଶୁତୋଷ କୁଲକାର୍ଣ୍ଣିଙ୍କ ଅଧକ୍ଷତରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଏହା ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ବନଖଣ୍ଡ ଅଧିକାରୀ ଆନ୍ନାସାହେବ ଓହଲେ, ଉପଜିଲ୍ଲାପାଳ ଗୁଣୁପୁର ଶ୍ରୀ ଦୁଧଲ ଅଭିଶେଖ ଦିଲ୍ଲୀପ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା ବିଶେଷ କରି ଜିଲ୍ଲାରେ ମାଦକ ନିଷଦ୍ରବ୍ୟ ଗଂଜେଇ ଅବାଧ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ଓ ଚୋରା ଚାଲାଣ ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ,ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କ ଠାରେ ନିବାରଣ ଉପରେ ସଚେତନତାକୁ ପ୍ରସାହ୍ନ କରିବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଂଚଳ ମାନଙ୍କରେ ନିଷଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟ କାରୀ କରିବା ବିଶେଷ କରି ଓଡିଶା ଜୀବିକା ସରକାରଙ୍କ ତରଫରୁ କାର୍ଯ୍ୟକ୍ରମ ଜରିଆରେ ଏହି ଅଂଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା କୃଷି ବିଭାଗ, ଉଦ୍ୟାନ ବିଭାଗ ତରଫରୁ ଗଂଜା ଚାଷ ବଦଳରେ ସେହି ଅଂଚଳର ଲୋକଙ୍କୁ ଫଳ, ମକା ଓ ଅନ୍ୟ ଅର୍ଥକାରୀ ଫସଲ ଚାଷ ପାଇଁ ମଞ୍ଜି ଯୋଗାଇବା ଉପରେ ଜିଲ୍ଲାପାଳ ଶ୍ରୀ କୁଲକାର୍ଣ୍ଣି ଗୁରୁତ୍ୱ ଦେଇଥିଲେ ଅବକାରୀ ବିଭାଗକୁ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶିକ୍ଷକଙ୍କ ଡେପୁଟେସନ ରଦ୍ଧ କରିବାକୁ ଦାବି

ଜଗତସିଂହପୁର, ୨୪|୮(ନିପ୍ର): ଏରସମା ବ୍ଲକରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକରେ ଆବଶ୍ୟକତା ଠାରୁ କମ୍ ଶିକ୍ଷକ ଅଛନ୍ତି। ଏପରିକି ତିନିଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଏଭଳି କ୍ଷେତ୍ରରେ ଶିକ୍ଷକଶିକ୍ଷୟିତ୍ରୀ ଅନ୍ୟ ଜିଲ୍ଲାକୁ ଡେପୁଟେସନରେ ଯିବା ଉଦ୍‌ବେଗ ସୃଷ୍ଟି କରିଛି। ଶିକ୍ଷା ବିଭାଗର ଏପରି ପଦକ୍ଷେପକୁ ଶିକ୍ଷକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଶିଶୁ ବାଟିକା ଖୋଲିଲା ପରେ ପ୍ରାଥମିକ ବିଦ୍ୟାଳୟରେ ଛଅଟି ଶ୍ରେଣୀରେ ଜଣେ ଶିକ୍ଷକ କିପରି କାମ କରିବେ ତାହା ବିଚାରଯୋଗ୍ୟ ବିଷୟ ହୋଇଛି। ଏପରି ସ୍ଥିତିରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ରାଧାପଦ୍ମ ୟୁପି ସ୍କୁଲ ଶିକ୍ଷୟିତ୍ରୀ ସିପ୍ରାସିକ୍ତା ବିଶ୍ୱାଳ ଓ ଶିକ୍ଷକ ସାରଦା ପ୍ରସନ୍ନ ଖଟୁଆ କଟକ ମର୍କତ ନଗର ସେକ୍ଟର ୬ରେ ଥିବା ପ୍ରାଥମିକ ସ୍କୁଲକୁ ଡେପୁଟେସନରେ ଯାଇଛନ୍ତି। ଏରସମାର ଦହିବର ସ୍କୁଲରେ ୨୬, ନଳପାହି ପ୍ରାଥମିକ ବିଦ୍ୟାଳୟରେ ୩୮ ଏବଂ ଚକୁଳିଆ ସ୍କୁଲରେ ୪୪ ଛାତ୍ରଛାତ୍ରୀ ପଢୁଛନ୍ତି। କିନ୍ତୁ ଏଏସବୁ ସ୍କୁଲ ଜଣେ ଲେଖାଏଁ ଶିକ୍ଷକ ଥିବା ସମୟରେ ସେମାନଙ୍କୁ ରିଲିଭ୍ କରାଯିବା ବିସ୍ମୟ ସୃଷ୍ଟି କରିଛି। ଏପରିକି ଡେପୁଟେସନରେ ଯାଇଥିଲେ ବି ଏରସମା ବ୍ଲକର ସିଆରସିସି ପଦବୀ ପାଇଁ ଶ୍ରୀ ଖଟୁଆ ଆବେଦନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଓ ସମ୍ପାଦକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଡେପୁଟେସନ ତୁରନ୍ତ ରଦ୍ଧ କରି ଜଣେ ଲେଖାଏଁ ଶିକ୍ଷକ ଥିବା ସ୍କୁଲରେ ଅବସ୍ଥାପିତ କରିବାକୁ ଦାବି କରିଛନ୍ତି। ଏବିଷୟରେ ଏରସମା ବିଇଓ କହିଛନ୍ତି, ସିଆରସିସି ପାଇଁ ୧୩ ଜଣ ଆବେଦନ କରିଥିଲେ। ସ୍କ୍ରୁଟିନ କରି ଜିଲ୍ଲା କାର୍ଯ୍ୟାଳୟକୁ ପଠାଇଦେଇଛୁ। ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ତାଲିକା ପ୍ରକାଶ ପରେ ଜଣା ପଡ଼ିବ କାହାକୁ ବାଦ ଦିଆଯାଇଛି। ନାମ କିପରି ଲିକ୍ ହେଲା ସେଥି ଲିଖିତ ଭାବରେ ଅଭିଯୋଗ କଲେ ତଦନ୍ତ କରିବାକୁ ସୁପାରିଶ କରିବି ବୋଲି ସେ କହିଥିଲ।

ଶିଳ୍ପମନ୍ତ୍ରୀଙ୍କୁ ଭେଟିଲେ ଓକିଲ ସଙ୍ଘ ପ୍ରତିନିଧି

କୁଜଙ୍ଗ, ୨୪/୮(ନିପ୍ର): କୁଜଙ୍ଗର ବିକାଶ ଓ କୁଜଙ୍ଗକୁ ଏନଏସି ଘୋଷଣା ଆଦି ଦାବି ନେଇ କୁଜଙ୍ଗ ଓକିଲ ସଂଘର ଏକ ପ୍ରତିନିଧି ଦଳ ଶିଳ୍ପ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ରାହାମାରୁ କୁଜଙ୍ଗ ରାଜ୍ୟ ରାଜପଥର ଆଲୋକୀକରଣ, କୁଜଙ୍ଗରେ ଷ୍ଟାଡିୟମ୍ ନିର୍ମାଣ, ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର, ମେଡିକାଲରେ ଉନ୍ନତ ସ୍ୱାସ୍ଥ୍ୟ ସେବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଓକିଲ ସଙ୍ଘ ସଭାପତି ଏଏନଡି ଯାଦବଙ୍କ ନେତୃତ୍ୱରେ ସମ୍ପାଦକ ବ୍ରଜ କିଶୋର ରାଉତ, ସତ୍ୟାନନ୍ଦ ବିଶ୍ୱାଳ, ନୃସିଂହ ପ୍ରଧାନ, ଭାରତ ଭୂଷଣ ଦାସ ଓ ରଶ୍ମୀ ରଞ୍ଜନ ସାମନ୍ତରାୟ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ହୋଇଥିଲେ। ଦାବିଗୁଡ଼ିକ ଉପନରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ବିଭିନ୍ନ ୟୁନିଟ୍ ଅନୁଧ୍ୟାନ କଲେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ

ରାୟଗଡ଼ା, ୨୪| ୮(ନି.ପ୍ର): ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା କାଶିପୁର ବ୍ଲକର ତଳଝିରୀ ପଞ୍ଚାୟତ ଗସ୍ତ କରି ସିଲଭର ଓକ୍ ଚାରାରୋପଣ କରିଛନ୍ତି। ଶ୍ରୀ ପଣ୍ଡା ସହିତ ରାୟଗଡ଼ ଜଳବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ ଉପର ପାଡିଖାଲ ଗ୍ରାମର ବିରି ମାଝିଙ୍କ ଜମିରେ ସିଲଭର ଓକ୍ ଚାରା ରୋପଣ କରି ଯତ୍ନ ନେବାକୁ ଉପଦେଶ ଦେଇଥିଲେ। ଏହାସହିତ ହିତାଧିକାରୀ ସାନି ମାଝୀ ପ୍ରମୁଖଙ୍କୁ ସିଲଭର ଓକ୍ ଚାରା ବଣ୍ଟନ କରିଥିଲେ। ଏହି ଅବସରରେ ସରପଞ୍ଚ ସୀତାରାମ ମାଝି ଏବଂ ଗ୍ରାମବାସୀଙ୍କ ସହ ସେ ଆଲୋଚନା କରିଥିଲେ। ସିଲଭର ଓକ୍ ଚାରା ରୋପଣର ତିନି ବର୍ଷ ପରେ ତାର ଛାୟା ତଳେ କଫି ଚାଷ ଏବଂ ଗୋଲ ମରିଚ ଚାଷ କରି ଚାଷୀ ଅଧିକ ଲାଭବାନ ହୋଇ ପାରିବ ବୋଲି ନିର୍ଦ୍ଦେଶକ ବୁଝାଇଥିଲେ। ଛାୟା ବୃକ୍ଷ ରୋପଣ ନିମନ୍ତେ ସମସ୍ତ ଚାରା ଜଳ ବିଭାଜିକା ଯୋଗାଇ ଦେବା ସହ ରକ୍ଷଣାବେକ୍ଷଣର ସବୁ ବ୍ୟୟ ରାୟଗଡ଼ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ପ୍ରଦାନ କରାଯିବ। ସେଠାରୁ ନିର୍ଦ୍ଦେଶକ ଉପର ପାଡିଖାଲ ଗ୍ରାମରେ ଉଦ୍ୟାନ କୃଷି ବିଭାଗର ଆଳୁ କ୍ଷେତ ପରିଦର୍ଶନ କରିଥିଲେ ଏବଂ ହିତାଧିକାରୀ ଆନନ୍ଦ ରାଓ ମାଝୀଙ୍କ ବଗିଚାରେ ଆଳୁ ରୋପଣ କରିଥିଲେ। ସିଲାଗୁମା ପଦର ଗ୍ରାମରେ ଛାୟା ବୃକ୍ଷ ବଗିଚା ପରିଦର୍ଶନ କରିଥିଲେ ଏବଂ ଗ୍ରାମବାସୀଙ୍କୁ ବଗିଚାର ସୁଫଳ ବିଷୟରେ ବୁଝାଇଥିଲେ। ଅପରାହ୍ଣରେ ଶ୍ରୀ ପଣ୍ଡା କୋଲନରା ବ୍ଲକର ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଥିଲେ। ରେଖାପଦର ପଞ୍ଚାୟତ ତୁମ୍ବାଗୁଡା ଗ୍ରାମରେ ଥିବା ଜଳ ଅମଳ ପ୍ରକଳ୍ପ ଓ ଗ୍ରାଭିଟିଫ୍ଲୋ ଷ୍ଟ୍ରକଟର ପରିଦର୍ଶନ କରିଥିଲେ। ଏହାପରେ ତୁମ୍ବାଗୁଡାର ଏ ଭେଙ୍କେଟିହାରକାଙ୍କ ପମ୍ପସେଟ, ପ୍ରିଣ୍ଟର ଓ ଜେରକ୍ସ ମେସିନ ୟୁନିଟ, ମା ସରସ୍ୱତୀ ଏସ୍‌ଏଚ୍‌ଜିର ଫ୍ଲୋର ମିଲ, ମା ତାରାତାରୀଣୀ ଏସ୍‌ଏଚ୍‌ଜିର କୃଷି ଯନ୍ତ୍ରପାତି ଦେଖିଥିଲେ। ବୁରୁଜୁଗୁଡା ସ୍ଥିତ ଚେକ ଡ୍ୟାମ, କେନାଲ, ଜୟକୃଷ୍ଣ ହାରକାଙ୍କ କୁକୁଡା ଫାର୍ମ ଦେଖିଥିଲେ। ଶ୍ରୀ ପଣ୍ଡାଙ୍କ ଗସ୍ତ ବେଳେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ପଦ ସ୍ୱରୂପ ସାମଲ, ଓଭରସିୟର ମଧୁ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।

କୋରାପୁଟ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀ

କୋରାପୁଟ,୨୪|୮(ନି ପ୍ର): କୋରାପୁଟ ଜିଲ୍ଲାରେ ଅପରାଧୀ ମାନଙ୍କ ଉପରେ ରହିଛି ପୋଲିସର କଡ଼ା ନଜର। ରବିବାର ଦିନ କୋରାପୁଟ ଏସ୍ ପି ରୋହିତ ବର୍ମା ଜୟପୁର ଟାଉନ୍ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲାରେ ଘଟାଉଥିବା ଅପରାଧୀ ମାନଙ୍କୁ ବଡ ସଙ୍କେତ ଦେଇଛନ୍ତି। ଜିଲ୍ଲାରେ ଅପରାଧ ମୁକ୍ତ କରିବା ପାଇଁ ପୋଲିସ ଅଣ୍ଟା ଭିଡିଛି। ଯେଉଁ ଅପରାଧୀ ମାନେ ଅପରାଧ କରି ଜେଲ୍ ଯାଇଛନ୍ତି ସେମାନଙ୍କ ଗତିବିଧିକୁ ପୋଲିସ ନଜର ରଖିଛି, ଏବଂ ଯେଉଁ ଅପରାଧୀ ମାନେ ଜେଲ୍ ରୁ ଫେରିଛନ୍ତି ତାଙ୍କ ପ୍ରତି ମଧ ପୋଲିସର କଡ଼ା ନଜର ରହିଛି। ପ୍ରତ୍ୟେକ ମାସର ରବିବାର ଦିନ ପୋଲିସ ପକ୍ଷରୁ ଜେଲ୍‌ରେ ଥିବା କଇଦି ମାନଙ୍କୁ ସାକ୍ଷାତକାର ହୁଏ। ଆଜି କୋରାପୁଟ ଏସ୍ ପିଙ୍କ ସହିତ ଏସଡିପିଓ ଏବଂ ଟାଉନ ଥାନା ଅଧିକାରୀ, ସଦର ଥାନା ଅଧିକାରୀଙ୍କ ଉପସ୍ଥିତିରେ ଜୟପୁର ଉପଖଣ୍ଡୀୟ ଜେଲ୍ କୁ ପରିଦର୍ଶନ କରି ଜେଲ୍‌ରେ ଥିବା କଇଦି ମାନଙ୍କୁ ସାକ୍ଷାତକାର କରି ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ତତ୍ ସହିତ ଜେଲ୍ ରୁ ମୁକୁଳି ଥିବା କଇଦି ମାନଙ୍କୁ ସମାଜରେ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ନକରି ମିଳିମିଶି ହୋଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଯଦି ଜେଲ୍ ରୁ ବାହାରିବା ପରେ ଅପରାଧି ମାନେ ଅପରାଧିକ ଘଟଣାରୁ ନିବୃତ୍ତ ନରୂହନ୍ତି ତେବେ ସେମାନଙ୍କ ପ୍ରତି ପୋଲିସ୍ କଡ଼ା ପଦକ୍ଷେପ ଗ୍ରହଣ କରିବ ବୋଲି କୋରାପୁଟ ଏସ୍ ପି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

କ୍ୟାପିଟାଲ ହାଇସ୍କୁଲରେ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୨୪|୮(ନିପ୍ର): କ୍ୟାପିଟାଲ ହାଇସ୍କୁଲର ପୁରାତନ ଛାତ୍ରମାନଙ୍କ ଦ୍ୱାରା ଗଠିତ- ୮୩ ତରଫରୁ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଜୁନିୟର ଗ୍ରୁପରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଏବଂ ସିନିୟର୍ ଗ୍ରୁପରେ ନବମ ଓ ଦଶମ ଶ୍ରେଣୀର ମୋଟ ୭୦ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଦ୍ୱାରା ଛାତ୍ର ଛାତ୍ରୀଙ୍କ ବୌଦ୍ଧିକ ଶିକ୍ଷା ଓ ସାଧାରଣ ଜ୍ଞାନର ମାନ ବୃଦ୍ଧି ଓ ସେମାନଙ୍କ ଦକ୍ଷତାକୁ ସୁଦୃଢ କରିବାର ଏକ ପ୍ରୟାସ ବୋଲି ସଂଗଠନ ତରଫରୁ କୁହାଯାଇଛି। ପ୍ରତିଯୋଗିତାକୁ ଦେବାଶିଷ ପାଢ଼ୀ ପରିଚାଳନା କରିଥିଲେ। ତାଙ୍କୁ ପୁରାତନ ଛାତ୍ର, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ। ଏହାର ସଫଳତା ପାଇଁ ସଂଗଠନ ତରଫରୁ ସଭାପତି ବିଜୟ ପାତ୍ର ଓ ସମ୍ପାଦକ ପୁଲିନ ସାହୁ ସାଧୁବାଦ୍ ଜଣାଇ ଛନ୍ତି।

ଚାରି ଦିନରେ ୪ ଆକ୍ରାନ୍ତଙ୍କ ମୃତ୍ୟୁ

କୋରାପୁଟ,୨୪|୮(ନି ପ୍ର):କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକର ପାଇକ ଫୁଲବେଡା ପଞ୍ଚାୟତ ଅଧିନରେ ରହିଛି ଓଡପୁର ଗ୍ରାମ।ଏହି ଗ୍ରାମର ଗୌଡ ସାହିରେ ବସବାସ କରୁଥିବା ୪ ଜଣ ୪ ଦିନରେ ମୃତ୍ୟୁବରଣ କରିଥିବାରୁ ସାଧାରଣରେ ଆତଙ୍କ ଖେଳି ଯାଇଥିଲା।ଚାରି ଦିନରେ ଚାରି ଜଣଙ୍କ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ପ୍ରଶାସନ ତତ୍ପରତା ଦେଖାଇ ଗ୍ରାମ ପରିଦର୍ଶନ କରି ଲୋକ ମାନଙ୍କ ସହ ଆଲୋଚନା କରି ମୃତ୍ୟୁର କାରଣ ଖୋଜିଛି। ଗତ ୨୧ ତାରିଖରୁ ୨୩ ତାରିଖ ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା।ଆଜି ଆଉ ଜଣଙ୍କର ମୃତ୍ୟୁ ହେବା ପରେ ମୃତ୍ୟୁ ସଂଖ୍ୟା ୪ ରେ ପହଞ୍ଚିଛି। ସ୍ଥାନୀୟ ଏଏନଏମଙ୍କ ଠାରୁ ଖବର ପାଇ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଡ଼ାକ୍ତରୀ ଦଳ ଗୌଡ ସାହିର ପ୍ରତ୍ୟେକ ଘରକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବୀନ୍ଦ୍ରନାଥ ମିଶ୍ରଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ପହଞ୍ଚି ଲୋକ ମାନଙ୍କ ସହ ଆଲୋଚନା କରିଥିଲେ।

ମହିଳାଙ୍କ ମୁଣ୍ଡଗଣ୍ଡି ଅଲଗା କରିଦେଲେ

ରାଇରଙ୍ଗପୁର/ବହଳଦା, ୨୪|୮ (ନିପ୍ର): ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଥାନା ତଥା ଝାରଖଣ୍ଡ ସୀମାନ୍ତବର୍ତ୍ତି ଆଦିବାସୀ ଅଧ୍ୟୁଷିତ ଦେଓଗାଁରେ ଜରେ ମହିଳାଙ୍କୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରିଦିଆଯାଇଛି। ୨୩ ତାରିଖରେ ଯୁବକ ସଂଘ ପକ୍ଷରୁ ଆୟୋଜିତ ଫୁଟବଲ ପ୍ରତିଯୋଗିତାରେ ମଠାଇ ବୋଇପାଇ ଓ ତାଙ୍କ ପୁଅ ଟେଷ୍ଟ କରିଥିଲେ। ଦେଓଗାଁରେ ଖେଳ ପଡିଆ ନଥିବାରୁ ନିକଟସ୍ଥ ମାଘୁଆ ଗ୍ରାମ ପଡିଆରେ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତା, ପୁରସ୍କାର ବିତରଣ ଆଦି ଶେଷ ହେବା ବେଳକୁ ରାତି ୯ ଟା ହୋଇଥିଲା। ବାପ ପୁଅ ଘରକୁ ଫେରି ସ୍ତ୍ରୀ ସୋହାଗି ବୋଇପାଇ (୪୫)ଙ୍କ ଗଣ୍ଡି ମୁଣ୍ଡ ଅଲଗା ହୋଇଥିବା ଅବସ୍ଥାରେ ରକ୍ତ ଜୁଡୁବୁଡୁ ମୃତଦେହ ବାରଣ୍ଡାର ପଡିଥିବା ଦେଖିବାକୁ ପାଇଥିଲେ। ସୋହାଗି ବାରଣ୍ଡାରେ ପଡ଼ିଥିବା ପାଲ ତଳେ ରୋଷେଇ କରୁଥିବା ସମୟରେ କେହି ଦୂର୍ବୃତ୍ତ ପଛରୁ ଆସି ଧାରୁଆ ଅସ୍ତ୍ରରେ ହାଣିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣା ପଡୁଛି। ସେ ନିଜ ଖୋସଣି ଧରିଥିବା ଦେଖିବାକୁ ମିଳିଛି। ମଠାଇ ତିରିଙ୍ଗ ଥାନା ପୋଲିସ୍କୁ ଖବର ଦେଇଥିଲେ। ରାତି ପ୍ରାୟ ୧୦ ଟାରେ ପୋଲିସ ପହଞ୍ଚି ଶବ ଜବତ କରିଥିଲା। ରବିବାର ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ତିରିଙ୍ଗ ଥାନାରେ ହତ୍ୟା ମାମଲା ରୁଜୁ କରାଯିବା ସହିତ ଅଧିକ ତଦନ୍ତ ଜାରି ରହିଛି।

ଅଳକା ଆଶ୍ରମ ପରିଦର୍ଶନ କଲେ ଦୁଇ ବିଧାୟକ

ଜଗତସିଂହପୁର ,୨୪/୮(ନି ପ୍ର): ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଗତସିଂହପୁର ଜିଲ୍ଲାର ଅବଦାନ ଚିରସ୍ମରଣୀୟ। ସେହିପରି ଜୀଲାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ମହାପାତ୍ରଙ୍କ ଉଦ୍ୟମ ଏବଂ ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହଯୋଗରେ ଐତିହାସିକ ଅଳକା ନଈ କୂଳରେ ସ୍ଥାପନ କରାଯାଇଥିବା ଅଳକା ଆଶ୍ରମ ଥିଲା ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ। ଏହି ଅଳକା ଆଶ୍ରମ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର କମଳରେ ଉଦଘାଟିତ ହୋଇଥିଲା। ଏହାର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦେଶ୍ୟରେ ଚାତ୍ରା ଠାରେ ଆଶ୍ରମ ପୁନଃପ୍ରତିଷ୍ଠା କରାଯାଇଛି। ଏଥିସହିତ ଏଠାରେ ସଂଗ୍ରାମୀ ଏବଂ ମାଟିର ବରପୁତ୍ରଙ୍କ ଜୟନ୍ତୀ,ଶ୍ରାଦ୍ଧ ଦିବସ ପାଳନ ସହିତ ବର୍ଷ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଅଳକା ଆଶ୍ରମ ପରିଦର୍ଶନ କରି କର୍ମକର୍ତ୍ତା ମାନଙ୍କ ସହିତ ଆଲୋଚନା କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ସ୍ମୃତି ବହନ କରୁଥିବା ଅଳକା ଆଶ୍ରମର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଉଭୟ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଅଳକା ଆଶ୍ରମ ତରଫରୁ କୋଷାଧକ୍ଷ ବିଜୟ କୁମାର ରଥ, ଅବସରପ୍ରାପ୍ତ ଅଧାପକ ଭଗବାନ ଦାଶ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ବିଧାୟକ ଶ୍ରୀ ଜେନା ଓ ବିଧାୟକ ଶ୍ରୀ ଭୋଇଙ୍କୁ ସ୍ୱାଗତ କରିବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ସରକାରୀ ସ୍ତରରେ ମଧ ଏହାର ଉନ୍ନତି ପାଇଁ ସମସ୍ତ ସହଯୋଗ କରାଯାଉଛି ବୋଲି କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି।

ଜେକେ କାଗଜ କମ୍ପାନୀରେ ଦୁର୍ଗା ପୂଜା ପାଇଁ ଭୂମି ପୂଜନ

ରାୟଗଡ଼ା,୨୪/୮(ନି.ପ୍ର): ରାୟଗଡ଼ା ଜିଲ୍ଲାର ଜେକେ କାଗଜ କଳର ବହୁ ପ୍ରସିଦ୍ଧ ଓ ଐତିହାସିକ ଜେକେପୁର ଦୁର୍ଗା ପୂଜା ଉତ୍ସବ ନିମନ୍ତେ ଆଜି ଅପରାହ୍ଣରେ ମହା ଆନନ୍ଦ ଓ ଉତ୍ସାହର ସହ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ବିନୟ ଦ୍ୱିବେଦୀ ଙ୍କ ପୌରହିତ୍ୟରେ କରିଥିଲେ। ସ୍ଥାନୀୟ ସରପଞ୍ଚ ପେଦେଣ୍ଟି ରାମୁଲୁ, ଚାନ୍ଦିଲି ଥାନା ଅଧିକାରୀ, କାଗଜ କଳ ର ଅନ୍ୟନ୍ୟ ବରିଷ୍ଠ ଅଧିକାରୀ ବିଶ୍ୱଜିତ୍ ଦ୍ୱିବେଦୀ , ଉପସଭାପତି ବାଣିଜ୍ୟ, ରାଘବେନ୍ଦ୍ର ହବର ଉପସଭାପତି (ଉତ୍ପାଦ), ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ (ମାନବ ସମ୍ବଳ ବିକାଶ) ଓ ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜେକେପୁର ବାସି ଏହାକୁ ଅନାଦର ସହ ସ୍ୱାଗତ କରିଥିଲେ।

ଡୁଡୁମା ଜଳପ୍ରପାତରେ ଭାସିଗଲେ ୟୁଟ୍ୟୁବର ସାଗର

କୋରାପୁଟ,୨୪|୮(ନି ପ୍ର): ଡୁଡୁମା ଜଳପ୍ରପାତରେ ଦୀର୍ଘ ୨୮ ଘଣ୍ଟା ବିତି ଯାଇଥିଲେ ମଧ ୟୁଟ୍ୟୁବ ବ୍ଲଗର ବ୍ରହ୍ମପୁର ର ସାଗର କୁଣ୍ଡୁ ଙ୍କ କୌଣସି ପତା ମିଳିନାହିଁ। ମାଛକୁଣ୍ଡ ଡି ଡ୍ୟାମ୍ ର ଗେଟ୍ ବନ୍ଦ କରି ପାଣି ନିଷ୍କାସନକୁ ବନ୍ଦ କରିବା ପରେ ଲମତାପୁଟ ଅଗ୍ନିସମ ବିଭାଗ ଏବଂ କୋରାପୁଟ ଓଡ୍ରାଫ ଟିମ୍ ସାଗରଙ୍କୁ ଖୋଜିବା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଶନିବାର ଦିନ ସାଗର ଏବଂ କଟକର ଅଭିଜିତ୍ ବେହେରା ଦୁହେଁ ମିଶି ଡୁଡୁମା ଜଳପ୍ରପାତ ଉପରେ ଡ୍ରୋନ୍ ଦ୍ୱାରା ଭିଡିଓ ସୁଟିଙ୍ଗ୍ କରୁଥିବା ସମୟରେ ସାଗର ପାଣିରେ ଭାସି ଯାଇ ୫୫୦ ଫୁଟ ତଳକୁ ଖସି ନିଖୋଜ ହୋଇଯାଇଥିଲେ।

ସମର ବିଜୟ ମହାନ୍ତି ସ୍ମାରକୀ ଚେସ୍: ସୌମ୍ୟ ଚାମ୍ପିୟନ

ଭୁବନେଶ୍ୱର,୨୪।୮(ନି.ପ୍ର): ଓଡିଶା ଷ୍ଟେଟ୍ ଚେସ୍ ଆସୋସିଏସନ ଓ କେଶୁରା ସ୍ଥିତ୍ ରୟାଲ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଅଗଷ୍ଟ ୨୪ ତାରିଖ ଦିନ ଷଷ୍ଠ ସମର ବିଜୟ ମହାନ୍ତି ସ୍ମାରକୀ ଷ୍ଟେଟ୍ ଓପନ ଚେସ୍ ଚାମ୍ପିଅନଶିପ ରୟାଲ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇ ଯାଇଛି। ଭୁବନେଶ୍ୱର ୟୁନିଟ-୧ ସ୍ଥିତ୍ ମଦରର୍ସ ପବ୍ଲିକ ସ୍କୁଲର ସିନିୟର ପୋଷ୍ଟ ଗ୍ରାଜୁଏଟ ଶିକ୍ଷକ ସୁଚେତା ଭଞ୍ଜ ଏହି ଚାମ୍ପିଅନଶିପକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଆଇଆଇଏମ, ନୂଆଦିଲ୍ଲୀର ପ୍ରଫେସର ଡକ୍ଟର ସୁଜାତା ମହାନ୍ତି , ଓଡିଶା ଷ୍ଟେଟ୍ ଚେସ୍ ଆସୋସିଏସନର ଡାଇରେକ୍ଟର

ଦେବାଶିଷ ପାଣିଗ୍ରାହୀ , ଏୟାର ଇଣ୍ଡିଆର ଚିଫ ମ୍ୟାନେଜର ଶେଖର ମହାନ୍ତି ଓ ସ୍ୱର୍ଗତ ସମର ମହାନ୍ତିଙ୍କର ନାତି ପ୍ରତିକ ଭଞ୍ଜ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପାଞ୍ଚ ରାଉଣ୍ଡ ପରେ ଫାଇନାଲ ର୍ୟାଙ୍କିଂରେ ଟପ୍ ସିଡ୍ ଫିଡେ ମାଷ୍ଟର ଭୁବନେଶ୍ୱରର ସୌମ୍ୟ ରଞ୍ଜନ ମିଶ୍ର ସର୍ବାଧିକ ୫ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ବେଳେ ଭୁବନେଶ୍ୱରର ଓମ ଆଦିତ୍ୟ ଖାଡଙ୍ଗା, ଭୁବନେଶ୍ୱରର ସ୍ୱପ୍ନିଳ ପ୍ରିୟଦର୍ଶୀ ,ଭୁବନେଶ୍ୱରର ମନିଷ କୁମାର, ଭୁବନେଶ୍ୱରର ବିଶ୍ୱଜିତ ସାହୁ, ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ଓ କଟକର ପ୍ରତ୍ୟୁଷ ମହାପାତ୍ର ପ୍ରତ୍ୟେକ ୪ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ଦ୍ୱିତୀୟରୁ ସପ୍ତମ ସ୍ଥାନ ହାସଲ କରିଛନ୍ତି। ଏଜ୍ ଗ୍ରୁପ ପ୍ରାଇଜ: ୭ ବର୍ଷରୁ କମ ବର୍ଗରେ କିର୍ତ୍ତୀଶ କୁମାର ସାହୁ ପ୍ରଥମ, ଉତ୍କର୍ଷ ସାମନ୍ତ ଦ୍ୱିତୀୟ,୯ ବର୍ଷରୁ କମ ବର୍ଗରେ କୃଷ୍ଣ ଅନୁରାଗ ପ୍ରଥମ, ସନଲ ବୈଭବ ଦ୍ୱିତୀୟ, ୧୧ ବର୍ଷରୁ କମ ବର୍ଗରେ ସୌମ୍ୟଜିତ ପଟ୍ଟନାୟକ ପ୍ରଥମ, ସାଇ କ୍ରିଷ୍ଣା ସାମଲ ଦ୍ୱିତୀୟ, ୧୩ ବର୍ଷରୁ କମ ବର୍ଗରେ ଓମ ଶତପଥି ପ୍ରଥମ, ଦିବ୍ୟାଂଶ ନାୟକ ଦ୍ୱିତୀୟ, ୧୫ବର୍ଷରୁ କମ ବର୍ଗରେ ହୃଷିକେଶ ଦତ୍ତ ପ୍ରଥମ, ଓମ ପ୍ରକାଶ ମିଶ୍ର ଦ୍ୱିତୀୟ ସ୍ଥାନ ପାଇଛନ୍ତି। ସେହିପରି ବାଳିକା ବିଭାଗରେ ଦିବ୍ୟା ଦାସ ପ୍ରଥମ ଓ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ହୋଇଛନ୍ତି। ଏହା ସହିତ ଅରିଶ ନନ୍ଦ ଗୋସ୍ୱାମୀ, ମୋହିତ ଅଭିଷେକ ମହାନ୍ତି,ଭବେଶଦୀପ ସାହୁ,ଆଦିତ୍ୟ ନାରାୟଣ ମହାପାତ୍ର, ରଚିତ ସେନାପତି, ସୌରଭ କୁମାର ବେହେରା, ଅବନିଶ ଦାସ, ଆଜିଆନ୍ ଖାନ, ଆୟୁଶ ପଟ୍ଟନାୟକ ଓ ଆରାତ୍ରିକା ଦାସ ପ୍ରମୁଖଙ୍କୁ ସ୍ପେଶାଲ ପୁରସ୍କାର ପ୍ରଦାନ କରା ଯାଇଛି।

ହକି ଇଣ୍ଡିଆ ଜାତୀୟ କନିଷ୍ଠ ପୁରୁଷ ହକି : ଓଡିଶାକୁ ଦ୍ୱିତୀୟ ସ୍ଥାନ

ଭୁବନେଶ୍ୱର, ୨୪।୮(ନି.ପ୍ର): ଜଳନ୍ଧରରେ ଅନୁଷ୍ଠିତ ୧୫ତମ ହକି ଇଣ୍ଡିଆ ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତା (ଡିଭିଜନ-ଏ)ରେ ଓଡ଼ିଶା ରୌପ୍ୟ ପଦକ ଜିତିଛି। ହରିୟାଣା ବିପକ୍ଷ ଫାଇନାଲର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ହେବାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଦୀପକ ପ୍ରଧାନ (୧୭ ମିନିଟ୍) ଓ ପ୍ରତାପ ଟୋପ୍ପୋ (୧୯ ମିନିଟ୍) ପେନାଲ୍ଟି କର୍ଣ୍ଣର ଜରିଆରେ ଦୁଇଟି ଲଗାତାର ଗୋଲ୍ ଦେଇ ଓଡ଼ିଶାକୁ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିବାରୁ ଓଡ଼ିଶା ଶେଷ ୧୦ ମିନିଟ୍ ପର୍ଯ୍ୟନ୍ତ ୨-୦ରେ ଆଗୁଆ ଥିଲା,କିନ୍ତୁ ଏହି ପର୍ଯ୍ୟାୟରେ ଓଡ଼ିଶା ରକ୍ଷଣଭାଗକୁ ହରିୟାଣା ଖେଳାଳି ବାରମ୍ବାର ଭେଦ କରିବାରେ ସକ୍ଷମ ହୋଇଥିଲେ।ଫଳରେ ୫୦ ମିନିଟରେ ଚିରାଗ ଏବଂ ୫୧ ଓ ୬୦ ମିନିଟରେ ନୀତିନ ଗୋଲ୍ ଦେଇ ଓଡ଼ିଶାକୁ ୩-୨ରେ ପରାସ୍ତ କରିଥିଲା ହରିୟାଣା।

ଖେଲୋ ଇଣ୍ଡିଆ ଜଳକ୍ରୀଡା: ଓଡିଶାକୁ ୧୦ ପଦକ

ଭୁବନେଶ୍ୱର,୨୪।୮(ନି.ପ୍ର): ଶ୍ରୀନଗର ଡାଲ୍ ହ୍ରଦରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡାରେ ଓଡ଼ିଶା ୧୦ ପଦକ ସହିତ ପ୍ରଥମ ଥର ପାଇଁ ଉପବିଜେତା ହୋଇଛି। ଓଡ଼ିଶା ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୧୦ ପଦକ ଜିତିଥିଲା।ଶେଷ ଦିନରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଯୋଡ଼ି ଓଡ଼ିଶା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲା ।ମଧ୍ୟପ୍ରଦେଶ (୧୦୩୫) ବିଜେତା ହୋଇଥିବାବେଳେ କେରଳ (୩୧୩) ଦ୍ୱିତୀୟ ଉପବିଜେତା ହୋଇଛି। ପୁରୁଷ ୧୦୦୦ ମିଟର୍ ସ୍କଲରେ ଅଭିରାଜ, ସି-୨ ମହିଳା ସ୍ପ୍ରିଣ୍ଟରେ ରଶ୍ମିତା ସାହୁ, ଏଚୋବାମ ସନାତୋମ୍ବି ଦେବୀ ଏବଂ କେ୪ ୫୦୦ ମିଟର୍ ମହିଳା ସ୍ପ୍ରିଣ୍ଟରେ ବିଦ୍ୟା ଦେବୀ ଓନମ, ଶ୍ରୁତି ତନାଜୀ ଚେଗୁଲେ, ଲେଇଚୋନବାମ ସୋନିଆ ଦେବୀ, କୋନସାମ ୟାଙ୍ଗାତୋମ୍ବି ଦେବୀ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବ୍ୟକ୍ତିଗତ ଭାବେ ରଶ୍ମିତା ସାହୁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ନୂଆ ଇତିହାସ ରଚିଛନ୍ତି। ଲାଇଟ୍ୱେଟ୍ ଡବଲ୍ ସ୍କଲ୍ ମହିଳା ୧୦୦୦ ମିଟରରେ ସ୍ୱିଟୀ ଓ ଆଂଶିକା ଭାରତୀ ଏବଂ ଡବଲ୍ ସ୍କଲ୍ ମହିଳା ୧୦୦୦ ମିଟରରେ

ଭାଗ୍ୟଶ୍ରୀ ଘୁଲେ ଓ ଗୁରଶରଣପ୍ରୀତ କେର୍ ରୌପ୍ୟ ପଦକ ହାସଲ କରିଥିଲେ। ଏକମାତ୍ର କାଂସ୍ୟ ପଦକ ଜିତିଥିଲେ ମହିଳା ୧୦୦୦ ମିଟର୍ କକ୍ସଲେସ୍ ଫୋର୍ସ ଦଳ। ଓଡ଼ିଶା ଦଳର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଖେଳାଳିମାନଙ୍କୁ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ଅଭିନନ୍ଦନ ଜଣାଇଛନ୍ତି।

ଅବସର ଗ୍ରହଣ କଲେ ପୂଜାରା

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟସମ୍ୟାନ୍ ଚେତେଶ୍ୱର ପୂଜାରା ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ବହୁତ ଦିନ ଧରି ଭାରତୀୟ ଟେଷ୍ଟ ଦଳରୁ ବାହାରେ ଥିଲେ।ଏବେ ସେ ତାଙ୍କର ସ୍ୱର୍ଣ୍ଣିମ କ୍ୟାରିୟରକୁ ବିଦାୟ ଦେଇଛନ୍ତି। ଚେତେଶ୍ୱର ପୂଜାରା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ସଙ୍ଗୀତ ଗାଇବା ଏବଂ ପଡ଼ିଆରେ ପାଦ ଦେବା ସମୟରେ ନିଜର ସର୍ବୋତ୍ତମ ଚେଷ୍ଟା କରିବା ଏସବୁର ଅର୍ଥ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। ସବୁ ଭଲ ଆରମ୍ଭର

ଶେଷ ଥାଏ। ତେଣୁ ମୁଁ ଅତ୍ୟନ୍ତ କୃତଜ୍ଞତାର ସହିତ ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଚେତେଶ୍ୱର ପୂଜାରା ୨୦୧୦ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତୀୟ ଟେଷ୍ଟ ଦଳ ପାଇଁ ଡେବ୍ୟୁ କରିଥିଲେ। ଏହା ପରେ, ଭଲ ପ୍ରଦର୍ଶନ ଆଧାରରେ, ସେ ଭାରତୀୟ ଦଳର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଗଲେ। ରାହୁଲ ଦ୍ରାବିଡଙ୍କ ପରେ, ତାଙ୍କୁ ଟେଷ୍ଟର ପ୍ରାଚୀର ବୋଲି କୁହାଯିବା ଆରମ୍ଭ ହେଲା।। କ୍ରିଜରେ କ୍ରିଜରେ ରହିବାର ଚମତ୍କାର କ୍ଷମତା ଥିଲା। । ତାଙ୍କର କୌଶଳ ବହୁତ ଶକ୍ତିଶାଳୀ ଥିଲା ଏବଂ ବୋଲରମାନେ ତାଙ୍କ ପ୍ରତିରକ୍ଷାକୁ ଶୀଘ୍ର ଭେଦ କରିପାରି ନଥିଲେ। ପୂଜାରା ୨୦୨୩ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ ।

ଜଗନ୍ନାଥ ବଲ୍ଲଭ ମଲ୍ଟି ପାର୍କିଂ ପ୍ରଥମ ମହଲାରୁ ଖସିଲା କାର୍

ପୁରୀ,୨୪।୮ (ନି.ପ୍ର): ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ୍ କାର ପାର୍କିଂରେ ଅଘଟଣ । ପାର୍କିଂର ପ୍ରଥମ ମହଲାରୁ ଏକ ବୋଲେରୋ ଗାଡ଼ି ତଳକୁ ଖସି ପଡ଼ିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଚି । ଗାଡ଼ି ଡ୍ରାଇଭର ଗୁରୁତର ଆହତ ହୋଇ

ପୁରୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ଆହତ ହୋଇଥିବା ଡ୍ରାଇଭର ହେଉଛନ୍ତି ଭଦ୍ରକ ଧାମରା ମେରାଇନ ଥାନା ବଳଭଦ୍ରପ୍ରସାଦ ଗ୍ରାମର ସଞ୍ଜୟ ସେଠୀ । ତେବେ କିଭଳି କେଉଁ ପରିସ୍ଥିତିରେ ଗାଡିଟି ଏକ ମହଲାରୁ ତଳକୁ ଖସି ପଡିଲା ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ । ଅନ୍ୟପଟେ ଶ୍ରୀ ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ କାର ପାର୍କିଂରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଥିବା ଜଣାପଡ଼ିଚି । କାର ପାର୍କିଂର ଛାତ ଚାରିପଟେ ସୁରକ୍ଷା ପ୍ରାଚୀର ରହିବା ଦରକାର । ହେଲେ ବୋଲେରୋ ଯେଉଁ ଜାଗାରୁ ତଳକୁ ଖସି ପଡ଼ିଛି ସେହି ପଟେ ଛାତରେ ସୁରକ୍ଷା ପ୍ରାଚୀର ନଥିଲା । ଯଦି ସୁରକ୍ଷା ପ୍ରାଚୀର ଥାନ୍ତା ଏହି ଭଳି ଅଘଟଣ ହୋଇନଥାନ୍ତା । ସୌଭାଗ୍ୟ ବସତ ଯାତ୍ରୀ ଉକ୍ତ ଗାଡ଼ିରେ ନଥିଲେ । ନହେଲେ ଅନେକ ଯାତ୍ରୀ ମୃତାହତ ହୋଇଥାଆନ୍ତେ । ତେବେ ଜଗନ୍ନାଥ ବଲ୍ଲଭ ପାର୍କିଂରେ ଉପଯୁକ୍ତ ସୁରକ୍ଷା ନଥିବାରୁ ଗାଡ଼ି ପାର୍କିଂ କରିଥିବା ଡ୍ରାଇଭର ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଗନ୍ନାଥ ବଲ୍ଲଭ କାର ପାର୍କିଂ କାର୍ଯ୍ୟ ଚାଲିଥିବା କାହିଁକି ପ୍ରଥମ ମହଲାରେ ଗାଡ଼ି ପାର୍କିଂ କରାଯାଉଛି ସେ ନେଇ ପ୍ରଶ୍ନ ଉଠୁଛି ।

ପାଇପ ଫାଟି ରାସ୍ତା ଜଳାର୍ଣ୍ଣବ, ସାଧାରଣ ଲୋକ ହନ୍ତସନ୍ତ

କଟକ, ୨୪।୮ (ନି.ପ୍ର): ରାସ୍ତା ସଂପ୍ରସାରଣ ପାଇଁ ଜେସିବି ଆସି ରାସ୍ତାକଡ଼ର ମାଟିଗଦାକୁ ସମାନ କଲାବେଳେ କଟକ ଲେଖକ ସହଯୋଗ ସମିତି କାର୍ଯ୍ୟାଳୟ ସମ୍ମୁଖରେ ମାଟି ତଳେ ଥିବା ପାଣି ପାଇପ କଟି ଯାଇଛି । ଫଳରେ ରାସ୍ତାରେ ପାଣି ଭରି ଯାଇଛି ଓ ସାଧାରଣ ଲୋକେ ଯାତାୟତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଦୋଷୀଙ୍କ ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମିତିର ସଂପାଦକ ରଘୁନାଥ ମହାପାତ୍ରଙ୍କ ସମେତ ସାଧାରଣ ଲୋକଙ୍କ ପକ୍ଷରୁ ଦାବି କରାଯାଇଛି ।

ଅନୁଦାନ ଦାବିନେଇ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଆନ୍ଦୋଳନ

କଣ୍ଟିଲୋ,୨୪।୮ (ନି.ପ୍ର): ରାଜ୍ୟରେ ଥିବା ସମସ୍ତ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ମସିହା ଠାରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ନିଜର କେତେକ ଦାବି ନେଇ ଅନୁଦାନ ପାଇବା ପାଇଁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଜଣାପଡିଛି । ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ପରିଚାଳନା କମିଟି ସଦସ୍ୟ ମାନଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ବାରମ୍ବାର ସରକାରଙ୍କ ନିକଟରେ ଅନୁଦାନ ପାଇବା ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର ସେମାନଙ୍କ ଦୁଃଖ ଶୁଣିଲେ ନାହିଁ ଫଳରେ ବାଧ୍ୟ ହୋଇ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ ।

ଏହି କ୍ରମରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ୮ ରୁ ଊର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ କାର୍ଯ୍ୟ ରତ କର୍ମଚାରୀ ମାନେ ଅଧ୍ୟାପକ ମାନଗୋବିନ୍ଦ ରାଉତ ଓ ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ମହାବିଦ୍ୟାଳୟ ଫାଟକ ନିକଟରେ ସେମାନଙ୍କ ବିଭିନ୍ନ ଦାବି ନେଇ ନାରା ଦେବାସହ ସେମାନେ କାର୍ଯ୍ୟରେ ଯୋଗ ଦେଇନଥିଲେ। ବର୍ତ୍ତମାନ ର ସରକାର ସେମାନଙ୍କୁ ଅନୁଦାନ ରାଶି ଦେବାପାଇଁ ଘୋଷଣା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ କରିବେ ବୋଲି ଆନ୍ଦୋଳନରତ ଅଧ୍ୟାପକ ଓ କର୍ମଚାରୀ କହିଛନ୍ତି, ନଚେତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି । ଆନ୍ଦୋଳନ ଫଳରେ ଛାତ୍ର ଛାତ୍ରୀ ମାନଙ୍କ ପାଠ ପଢା ଓ ଅଫିସର କାର୍ଯ୍ୟ ରେ ବାଧାସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତୁରନ୍ତ ସେମାନଙ୍କ ଦୀର୍ଘ ଦିନ ର ଦାବି ପୁରଣ କରି ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି ।

କ୍ୟାପିଟାଲ ନର୍ସରୀରେ ଉଦ୍ୟାନ କୃଷି ପ୍ରଶିକ୍ଷାର୍ଥୀ

ଭୁବନେଶ୍ୱର,୨୪।୮ (ନି.ପ୍ର): ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧୀନସ୍ଥ ଡେରାସ ଉଦ୍ୟାନ-ଉତ୍କର୍ଷ କେନ୍ଦ୍ର ଦ୍ୱାରା ଆୟୋଜିତ ୧୬ଦିନିଆ 'ନର୍ସରୀ

ପରିଚାଳନା ସମ୍ବନ୍ଧୀୟ ଉଦ୍ୟୋଗ ତାଲିମ୍ ଶିବିର' ଅନୁଷ୍ଠିତ ହୋଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗର ମାହାଲ ନିର୍ଦ୍ଦେଶକ ବିଜୟ କୁମାର ପୃଷ୍ଟିଙ୍କ ଅନୁମତିକ୍ରମେ ଉପରୋକ୍ତ କୃଷି ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲାର ୧୩ଜଣ ପ୍ରଶିକ୍ଷାର୍ଥୀ କ୍ୟାପିଟାଲ ନର୍ସରୀରେ ଯୋଗ ଦେଇଥିଲେ। ନର୍ସରୀର ଅଧିକ୍ଷକ ଜୟନ୍ତ କୁମାର ଜେନା ଓ ବରିଷ୍ଠ କଲମୀକାରୀ ହାଡ଼ିବନ୍ଧୁ ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଆଳଙ୍କାରିକ ବୃକ୍ଷଲତାମାନଙ୍କ ବ୍ୟବସାୟିକ ଉତ୍ପାଦନ ବିଧି, ନର୍ସରୀ ପରିଚାଳନାର ବିଭିନ୍ନ ଦିଗ ଦେଖାଇ ବୁଝାଇଥିଲେ। ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁ ଓ ତାଲିମ୍ ସଂଯୋଜକ ଅବିନାଶ ଦାସ ମାହାଲ ନିର୍ଦ୍ଦେଶକଙ୍କୁ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି।

କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା

କାକଟପୁର, ୨୪।୮ (ନି.ପ୍ର): କାକଟପୁର ନିର୍ବାଚନ ମଣ୍ଡଳୀର ହେଡ଼କ୍ୱାଟର ଭାବେ ପରିଗଣିତ ହେଉଥିବା ବେଳେ ଏନ୍ଏସି ମାନ୍ୟତା ତାଲିକାରେ ସର୍ବାଗ୍ରେ ରହିଥିଲା । ବିଜେଡି ସରକାର ସମୟରେ ନିର୍ବାଚନକୁ ଆଖିଆଗରେ ରଖି କାକଟପୁରକୁ ଏନ୍ଏସି ଘୋଷଣା କରିଥିଲା ମାତ୍ର ନିର୍ବାଚନ ପରେ ବିଜେପି ସରକାରକୁ ଆସିଲା ପରେ କାକଟପୁରର ଏନ୍ଏସି ମାନ୍ୟତା ସ୍ୱପ୍ନ ପାଲଟିଛି। ରାଜ୍ୟରେ ବିଭିନ୍ନ ପ୍ରାନ୍ତରରୁ ଏନ୍ଏସି ମାନ୍ୟତା ପାଇଁ ବନ୍ଦ, ହରତାଳ, ବିକ୍ଷୋଭ ଚାଲିଥିବା ବେଳେ କାକଟପୁରର ମାନ୍ୟତା ଅଧାରେ ଅଟକିଛି । ଆଜି ରାଜ୍ୟ ବିରୋଧୀ ଦଳ ଜାତୀୟ କଂଗ୍ରେସର କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ଏନଏସି ମାନ୍ୟତା ଦାବି ନେଇ ଆସନ୍ତା ୨୮ ତାରିଖ ଗୁରୁବାର ଦିନ କାକଟପୁର ୧୨ ଘଣ୍ଟିଆ ବନ୍ଦ ଡାକରା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ ୧୨ ଘଣ୍ଟିଆ ଅଖ ଚକ ବନ୍ଦ ସହିତ ଶାନ୍ତିପୂର୍ଣ ବନ୍ଦ ସଫଳତା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏହି ବନ୍ଦ ଡାକରା ସଫଳ ପାଇଁ ପ୍ରଚାର ପ୍ରସାର ଦାୟିତ୍ୱକୁ କାକଟପୁର ପ୍ରେସ କ୍ଲବକୁ ପତ୍ର ଦ୍ୱାରା ଦଳ ପକ୍ଷରୁ ଅବଗତ କରାଯାଇଛି । ଏହି ବୈଠକରେ ବ୍ଲକ କଂଗ୍ରେସ ସଂଯୋଜକ ଜସ୍ୱବନ୍ତ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଜିଲ୍ଲା ସମ୍ପାଦକ ସୋମ୍ୟକାନ୍ତ ଖୁଣ୍ଟିଆ, ବିଚିତ୍ରା ନନ୍ଦ ଦାଶ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ , ସେକଲିୟା କତ, ମଲିକ ଏନାମୁଲ୍, ଅରକ୍ଷିତ କାଣ୍ଡି, ସୁକାନ୍ତ ପରିଡା, ନଳିନୀ କାନ୍ତ ଦୀକ୍ଷିତ, କରୁଣାକର ସେନାପତି, ରଜବ ଅଲ୍ଲୀ ବେଗ, ସେକ ହିମାୟତ, ପ୍ରଫୁଲ୍ଲ ନାୟକ, ପ୍ରଫୁଲ ବିଶ୍ୱାଳ, ହୃଷିକେଶ ବେହେରା, ନାରାୟଣ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ ।

ମନ୍ଦିରରୁ ଚୋରି ଅଭିଯୋଗ

ଅସ୍ତରଙ୍ଗ,୨୪।୮ (ନି.ପ୍ର): ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ମାତିଛନ୍ତି ଲୁଟେରା । ସିଧାସଳଖ ଟାର୍ଗେଟ କରୁଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିର । ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବ ପତ୍ର, କେଉଁଠି ଟଙ୍କା ଓ ସୁନା । ଶନିବାର ବିଳମ୍ବିତ ରାତ୍ର ରେ ଅସ୍ତରଙ୍ଗ ବ୍ଲକ ସରିପୁର ସ୍ଥିତ ସୁଦର୍ଶନ ମନ୍ଦିରରୁ ଲୁଟେରା ମନ୍ଦିର ହୁଣ୍ଡୀ ଭାଙ୍ଗି ଚୋରି କରି ନେଇଛନ୍ତି । ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ସ୍ଥିତ ଚକ୍ରରାଜ ସୁଦର୍ଶନ ମନ୍ଦିରରୁ ବିଳମ୍ବିତ ରାତ୍ର ରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ହୁଣ୍ଡୀର ତାଲା ଭାଙ୍ଗି ସମ୍ପୂର୍ଣ୍ଣ ଟଙ୍କା ନେଇ ଯାଇଛନ୍ତି ଦୁର୍ବୃତ୍ତ । ଯାହା ସନ୍ଦେହ କରାଯାଉଛି ସ୍ଥାନୀୟ ଅଞ୍ଚଳ ନିଶା ଶକ୍ତ ଯୁବକ ଏଭଳି ଚୋରି କରିପାରିଥାନ୍ତି । ବର୍ତ୍ତମାନ ଏଭଳି ଦିନକୁ ଦିନ ଲୁଟେରାଙ୍କ ପାଦୁର୍ଭାବ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଯାଇଛି । ତେବେ ପେସାଦାର ଲୁଟେରା ନାଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ ହେଉଛି ନାଁ କୌଣସି ଗ୍ୟାଙ୍କ ଏ କାମ କରୁଛି ତାହା ପୋଲିସକୁ ଚ୍ୟାଲେଞ୍ଜକରୁଛି ଲୁଟେରା ତାହା ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ସନ୍ଦେହ ସୃଷ୍ଟି କରିଛି ।

ରାସ୍ତା ସାଜିଛି ମରଣ ଯନ୍ତା

ଖଣ୍ଡପଡ଼ା ୨୪।୮(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧିନ ବେଣାଗାଡିଆ ପଞ୍ଚାୟତର ପଥରଦ୍ୱାର ଗ୍ରାମରୁ ବେଣାଗାଡିଆ ନିକଟସ୍ଥ କୁଆଁରିଆ ସେତୁକୁ ସଂଯୋଗ କରୁଥିବା ମାଳବନ୍ଧ ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ଫଳରେ ଉକ୍ତ କୁଆଁରିଆ ମାଳବନ୍ଧ ରାସ୍ତା ଦେଇ ଯାତାୟାତ ନିମନ୍ତେ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ସାମାନ୍ୟ ବର୍ଷା ହେଲେ

ମାଳବନ୍ଧ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଗ୍ରାମବାସୀଙ୍କ ସୁତ୍ରରୁ ମିଳିଥିବା ସୂଚନା ମୁତାବକ ମରାମତି ପୂର୍ବରୁ ଉକ୍ତ ମାଳବନ୍ଧ ରାସ୍ତାଟି ସଂପୂର୍ଣ୍ଣ ରୁପେ ଭଲ ଥିଲା । ଗ୍ରାମବାସୀ ମାଳବନ୍ଧ ରାସ୍ତା ଦେଇ ସୁବିଧାରେ ଯାତାୟାତ କରି ପାରୁଥିଲେ। ତେବେ କଣ୍ଟିଲୋ ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ମାଳବନ୍ଧର ଉନ୍ନତିକରଣ କାର୍ଯ୍ୟ ଶେଷ ପରେ ଜନସାଧାରଣ ଉକ୍ତ ମାଳବନ୍ଧ ରାସ୍ତା ଦେଇ ଯାତାୟାତ କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡିଛି। ଏ ସଂପର୍କରେ ପ୍ରଶାସନ ଓ ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ଯୋଗୁଁ ମାଳବନ୍ଧ ରାସ୍ତା କାଦୁଅ ପଙ୍କରେ ଭର୍ତ୍ତିହୋଇ ପଡିଛି। ଫଳରେ ଉକ୍ତ ମାଳବନ୍ଧ ରାସ୍ତା ଦେଇ ଯାତାୟାତ ନିମନ୍ତେ ଗ୍ରାମବାସୀ ପ୍ରତିମୁହୂର୍ତ୍ତରେ ପ୍ରମାଦ ଗଣୁଛନ୍ତି। ଇତିମଧ୍ୟରେ ପଥରଦ୍ୱାର ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଉକ୍ତ ମାଳବନ୍ଧ ରାସ୍ତା ଦେଇ ଯାତାୟାତ କଲାବେଳେ କାଦୁଅ ପଙ୍କରେ ଖସିପଡି ଆହାତ ହୋଇଥିବା ଜଣାପଡିଛି। ଉକ୍ତ ମାଳବନ୍ଧ ରାସ୍ତା ପ୍ରତି ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ଅଧିକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ପଥରଦ୍ୱାର ଓ ମୁରାରୀପୁର ଗ୍ରାମବାସୀ ଦାବି କରିଛନ୍ତି ।

ମୁମ୍ବାଇ ଢାଞ୍ଚାରେ ହେବ ଷ୍ଟୋନ ଗଣେଶ

ଅସ୍ତରଙ୍ଗ, ୨୪।୮ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଗଣେଶ ପୂଜା ପର୍ବକୁ ଧୁମଧାମରେ ସହ ପାଳନ କରାଯିବାକୁ ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । କିନ୍ତୁ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ଜିଓଳରେ ଥିବା ଗାଦି ଗୋସାଇଁ ଯୁବ ପରିଷଦ ପ୍ରତିବର୍ଷ ଗଣେଶ ପୂଜା ମହାଆଡମ୍ବରେ ପାଳନ କରାଯାଏ । ଏହି ସ୍ଥାନୀୟ ଅଞ୍ଚଳରେ ୪୦ରୁ ଅଧିକ କ୍ଲବ ରହିଛି । ପ୍ରତିବର୍ଷ ବିଭିନ୍ନ କ୍ଲବ ପକ୍ଷରୁ ପୂଜା ପାଇଁ ଆକର୍ଷଣୀୟ ମୂର୍ତ୍ତି ଓ ତୋରଣ କରାଯାଏ । ଚଳିତ ବର୍ଷ ଗଣେଶ ପୂଜା ପାଇଁ କିଛି ନୂଆ କରିବା ପାଇଁ କ୍ଲବ ଗୁଡିକ ପକ୍ଷରୁ ପ୍ରସ୍ତୁତି ଜାରୀ ରହିଛି । ସେଥି ମଧ୍ୟରୁ କେନ୍ଦ୍ରାପଟି ପଂଚାୟତ ଜିଓଳ ଗାଦି ଗୋସାଇଁ ଯୁବ ପରିଷଦ କ୍ଲବ ପକ୍ଷରୁ ମୁମ୍ବାଇ ଢାଞ୍ଚାର ଷ୍ଟୋନ ଗଣେଶ କରିବାକୁ ଯାଉଛନ୍ତି ବୋଲି କ୍ଲବର ସଦସ୍ୟ ମାନେ କହିଛନ୍ତି । ୨୦୧୬ମସିହାରୁ ଗାଦି ଗୋସାଇଁ ଯୁବ ପରିଷଦ କ୍ଲବ ପକ୍ଷରୁ ଗଣେଶ ପୂଜା ପାଳନ ହୋଇ ଆସୁଛି । ଚଳିତ ବର୍ଷ ୧୦ଫୁଟର ଗଣେଶ ମୂର୍ତ୍ତି ଏହି କ୍ଲବରେ ପୂଜା ପାଇବେଛ ମୂର୍ତ୍ତିରେ ଷ୍ଟୋନ ଲାଗିବ । ଯାହାକି ଚଳିତ ବର୍ଷ ବେଶ ଆକର୍ଷଣୀୟ ରହିବ । ଏଥି ସହିତ ଭସାଣି ଦିନ ପାରମ୍ପରିକ ବାଦ୍ୟ ବ୍ୟବସ୍ଥା ରହିଛି । କେବଳ ସେତିକି ନୁହେଁ, ସୁନ୍ଦର ଆଲୋକମାଳା ସାଙ୍ଗକୁ ବଡ଼ ବଡ଼ ଦୁଇଟି ଲାଇଟି ଗେଟରେ ବ୍ୟବସ୍ଥା ରହିଛି । ସବୁ ବର୍ଷ ପରି ଚଳିତ ବର୍ଷ କିଛି ନୂଆ ଢଙ୍ଗରେ ଗଣେଶ ପୂଜା କରିବା ପାଇଁ କ୍ଲବର ସଦସ୍ୟ ମାନେ ଏବେ ଠୁ ପ୍ରସ୍ତୁତିରେ ଲାଗି ପଡିଛନ୍ତି । ଚଳିତ ବର୍ଷ ପରିବେଶ ଓ ଜଙ୍ଗଲ ସୁରକ୍ଷା ଉପରେ ପୂଜା ମଣ୍ଡପକୁ ସଜା ଯିବାର ବ୍ୟବସ୍ଥା ରହିଛି ବୋଲି କ୍ଲବର ସଦସ୍ୟ ମାନେ କହିଛନ୍ତି । ଏ ସମ୍ପର୍କ ରେ କ୍ଲବର ସଭାପତି ଶାନ୍ତିଶେଖର ବାରିକି, ସମ୍ପାଦକ ବିଶ୍ୱଜିତ୍ତି ସେଠୀ, କୋଷାଧକ୍ଷ ସନ୍ତୋଷ ସ୍ୱାଇଁ କହିଛନ୍ତି, ଚଳିତ ବର୍ଷ ପୂଜା ବଜେଟକୁ ଲକ୍ଷ ରଖି ସମାଜକୁ ବାର୍ତ୍ତା ଦେବା ଭଳି ପୂଜା ମଣ୍ଡପ ସଜ୍ଜା ଯିବ । ଆମ କ୍ଲବର ୬୦ରୁ ଅଧିକ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ ଫଳରେ ଆମେ ଆଜି ଉନ୍ନତ ଧରଣ ପୂଜା କରି ପାରିଛୁ । ଶାନ୍ତି ଶୃଙ୍ଖଳା ସହିତ ଗଣେଶ ପୂଜା ପାଳନ କରି ଆସୁଛୁ, ଆଗକୁ ଏହିପରି ଭାବେ ପାଳନ କରାଯିବ ।

ମାଳବନ୍ଧ ଖୋଳି ଗୃହ ନିର୍ମାଣ ମସୁଧା: ବିପଦ ଆଶଙ୍କା

କଣ୍ଟିଲୋ,୨୪।୮(ନି.ପ୍ର): ମହାନଦୀ କୂଳରେ ଅବସ୍ଥିତ କଣ୍ଟିଲୋ ଗ୍ରାମକୁ ମହାନଦୀର ପ୍ରଳୟଙ୍କରୀ ବନ୍ୟା ଦାଉରୁ ରକ୍ଷା କରିବା ନିମନ୍ତେ ପୂର୍ବତନ ବିଧାୟକ ସ୍ୱର୍ଗତ ସତ୍ୟ ସୁନ୍ଦର ମିଶ୍ର ୧୯୭୮-୭୯ ମସିହାରେ କଣ୍ଟିଲୋ ବାପୁଜୀନଗର ଠାରୁ କଣ୍ଟିଲୋ ବଜାର ଦେଇ ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ପଯ୍ୟନ୍ତ ମହାନଦୀ କୂଳରେ ବନ୍ଧ ନିର୍ମାଣ କରିଥିଲେ । ସେହିଦିନ ଠାରୁ ବିଶେଷ କରି କଣ୍ଟିଲୋ (ଖ) ବ୍ଲକର ଜନସାଧାରଣ ମହାନଦୀର ପ୍ରଳୟଙ୍କରୀ ବନ୍ୟା ପାଣି ଦାଉରୁ ରକ୍ଷା ପାଇ ଆସୁଛନ୍ତି । ରାଜ୍ୟ ଜଳ ସମ୍ପଦ ବିଭାଗ ଦ୍ୱାରା ମାଳ ବନ୍ଧ ନିର୍ମାଣ କାର୍ଯ୍ୟ କରାଯାଇଥିଲା ଏବଂ ବର୍ତ୍ତମାନ ମାଳବନ୍ଧର ସୁରକ୍ଷା ତଥା କୌଣସି ଜାଗାରେ ଫାଟ ସୃଷ୍ଟି ନ ହେବା ପାଇଁ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଠାରୁ ଆରମ୍ଭ କରି କର୍ମଚାରୀ ମାନଙ୍କ ଦ୍ୱାରା ଟିକିନିଖି ତନଖି କରିବା ସହ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ବେଳେ ରାତାରାତି ଯେସିବି ଲଗାଇ କିଛି ବ୍ୟକ୍ତି

ବିଶେଷ କଣ୍ଟିଲୋ ପେଟ୍ରୋଲ ଟାଙ୍କି ସାମ୍ନାରେ ଯାଇଥିବା ମାଳ ବନ୍ଧକୁ ଖୋଳି ଗୃହ ନିର୍ମାଣ କରିବା ପାଇଁ ମସୁଧା କରିଥିବାର ଦେଖିବାକୁ ମିଳିଥିଲା । ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଇଟା, ପଥର ଓ ବାଲି ମହଜୁଦ କରିଥିବାର ଦେଖିବାକୁ ମିଳିଛି । କଣ୍ଟିଲୋ ମାଛ ବଜାର ଠାରୁ କଂସାରୀ ସମାଜ ଗୃହ ପର୍ଯ୍ୟନ୍ତ ମାଳ ବନ୍ଧକୁ ଖୋଳି ବହୁ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରିଛନ୍ତି ସେମାନଙ୍କ ପ୍ରତି ଜଳସମ୍ପଦ ବିଭାଗ ତରଫରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନ ନେଇଥିବାରୁ ବର୍ତ୍ତମାନ ଖାଲିଥିବା ବନ୍ଧର ବାକି ଅଂଶକୁ ଜୋରଜବରଦସ୍ତ ନିଜ ଅକ୍ତିଆରକୁ ନେବା ପାଇଁ ସାହାସ କରୁଛନ୍ତି । ଫଳରେ ଆଗାମୀ ଦିନରେ ଯଦି ମହାନଦୀରେ ପ୍ରବଳ ବନ୍ୟା ଆସେ ବିଶେଷ କରି (ଖ) ବ୍ଲକର ଜନଜୀବନ କ୍ଷତି ହେବା ସହିତ ଗୃହପାଳିତପଶୁ, ଘରଦ୍ୱାର , ଧନ ସମ୍ପତି ନଷ୍ଟହେବା ସହିତ ଅଧିକାଂଶ ଜନସାଧାରଣ ନିଜର କୌଳିକ ବୃତ୍ତି ହରାଇବାର ସମ୍ଭାବନା ରହିଛି । ଏସବୁକୁ ରକ୍ଷାକରିବା ପାଇଁ ଏହି ମାଳ ବନ୍ଧ ସ୍ୱରୂପ ସୁରକ୍ଷା କବଚକୁ ଯେଉଁ ପ୍ରକାର ଖୋଳା ଯାଇଛି ଆଗାମୀ ଦିନରେ ତାରକୁ ପରିଣାମ ସ୍ୱରୂପ ନିଶ୍ଚିତ ଭାବେ ମହାନଦୀରେ ବଡବନ୍ୟା ଆସିଲେ ଉକ୍ତ ବନ୍ଧ ଭାଙ୍ଗି ଗ୍ରାମ ଭିତରେ ବନ୍ୟା ଜଳ ପଶିବା। କୃଷ୍ଣେଶ୍ୱର ପାଟଣା ଠାରୁ ବାପୁଜୀ ନଗର (ଗାନ୍ଧୀ ପାର୍କ) ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ସହିତ ସହ ସହ ଗୋରୁ ଗାଈ, ବଳଦ, ପଣ୍ଡା, ମଇଁଷି, ଛେଳି ମେଣ୍ଢା ସହିତ ବହୁ ଗୃହପାଳିତ ପଶୁ ପକ୍ଷୀ ମାନଙ୍କର ଜୀବନ ଯିବା ସହିତ କୋଟିକୋଟି ଟଙ୍କାର ଧନ ସମ୍ପତ୍ତି ନଷ୍ଟ ହେବା ନିଶ୍ଚିତ । ତେଣୁ ଯଥା ଶୀଘ୍ର ଜଳସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଜିଲ୍ଲା ପ୍ରଶାସନ ଏହାର ସତ୍ୟା ସତ୍ୟ ଅନୁସନ୍ଧାନ କରି ମାଳବନ୍ଧକୁ ନିରାପଦ ଓ ସୁରକ୍ଷା ରଖିବା ପାଇଁ ସ୍ଥାନୀୟ ବିଧାୟକଙ୍କ ମାଧ୍ୟମରେ କଣ୍ଟିଲୋର ହଜାର ହଜାର ଜନତାଙ୍କ ସହ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

ଚୀନକୁ ମୁକାବିଲା ପାଇଁ ଆମେରିକାକୁ ଭାରତ ପରି ସହଯୋଗୀ ଆବଶ୍ୟକ: ନିକ୍କି ହାଲେ



ୱାଶିଂଟନ,୨୪।୮(ଏଜେନ୍ସି) : ରିପବ୍ଲିକାନ୍ ନେତା ଏବଂ ଜାତିସଂଘରେ ପୂର୍ବତନ ଆମେରିକାର ରାଷ୍ଟ୍ରଦୂତ ନିକ୍କି ହାଲେ ଭାରତକୁ ରୁଷୀୟ ତୈଳ ଆମଦାନୀ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେବାକୁ ଏବଂ ଆମେରିକା ସହିତ ସମାଧାନ ପାଇଁ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷିଆରୁ ତେଲ କିଣିବା ନେଇ ଭାରତ ଉପରେ ଶୁଳ୍କକୁ ଦ୍ୱିଗୁଣିତ କରି ୫୦ ପ୍ରତିଶତ କରିବା ପ୍ରସଙ୍ଗରେ ନିକ୍କି ହାଲେ ଏହା କହିଛନ୍ତି। ସେ କହିଛନ୍ତି, ଚୀନର ମୁକାବିଲା କରିବା ପାଇଁ ଆମେରିକାକୁ ଭାରତ ଭଳି ଏକ ସହଯୋଗୀ ଆବଶ୍ୟକ।

ଭାରତକୁ ରୁଷୀୟ ତୈଳ ଉପରେ ଟ୍ରମ୍ପ୍‌ଙ୍କ ମତକୁ ଗମ୍ଭୀରତାର ସହ ନେବାକୁ ପଡିବ ଏବଂ ସମାଧାନ ଖୋଜିବା ପାଇଁ ହ୍ୱାଇଟ୍ ହାଉସ୍ ସହିତ କାମ କରିବାକୁ ପଡିବ। ଯେତେ ଶୀଘ୍ର ଏହା କରାଯିବ ତାହା ସେତେ ଭଲ ହେବ। ବିଶ୍ୱର ଦୁଇ ସର୍ବବୃହତ ଗଣତନ୍ତ୍ର ମଧ୍ୟରେ ଦଶନ୍ଧି ଧରି ରହିଥିବା ବନ୍ଧୁତା ଏବଂ ସଦ୍ଭାବନା ବର୍ତ୍ତମାନର ଅସ୍ଥିରତାକୁ ଅତିକ୍ରମ କରିବା ପାଇଁ ଏକ ଦୃଢ଼ ଆଧାର ପ୍ରଦାନ କରିଥାଏ।ବାଣିଜ୍ୟ ମତଭେଦ ଏବଂ ରୁଷୀୟ ତୈଳ ଆମଦାନୀ ଭଳି ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବା ପାଇଁ ଆଲୋଚନାର ଆବଶ୍ୟକତା ଅଛି।

ପୂର୍ବରୁ, ସେ ଭାରତ ସହିତ ସମ୍ପର୍କ ଖରାପ ହେବା ବିରୁଦ୍ଧରେ ଟ୍ରମ୍ପ୍‌ଙ୍କୁ ଚେତାବନୀ ଦେଇଥିଲେ। ଆମେରିକା ପାଇଁ ନୂଆଦିଲ୍ଲୀ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଉଲ୍ଲେଖ କରି ଅନେକ ପଏଣ୍ଟ ତାଲିକାଭୁକ୍ତ କରିଥିଲେ। ହାଲେ କହିଥିଲେ, ଚୀନର ମୁକାବିଲା ପାଇଁ ଭାରତଏକ ପ୍ରଶଂସନୀୟ ମୁକ୍ତ ଏବଂ ଗଣତାନ୍ତ୍ରିକ ଅଂଶୀଦାର। ନୂଆଦିଲ୍ଲୀ ସହିତ ୨୫ ବର୍ଷର ଗତିକୁ ବାଧା ଦେବା ଏକ ରଣନୈତିକ ବିପର୍ଯ୍ୟୟ ହେବ।

ସୂଚନାଯୋଗ୍ୟ, ଡୋନାଲ୍ଡ ଟ୍ରମ୍ପ୍ ଅଗଷ୍ଟ ୧ ତାରିଖରେ 'ପାରସ୍ପରିକ ଶୁଳ୍କ ହାରକୁ ଆହୁରି ପରିବର୍ତ୍ତନ କରିବା' ଶୀର୍ଷକ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଥିଲେ। ଯେଉଁଥିରେ ୬୦ ରୁ ଅଧିକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ବର୍ଦ୍ଧିତ ଶୁଳ୍କ ଲାଗୁ କରାଯାଇଥିଲା। ଭାରତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଶମାନଙ୍କ ମଧ୍ୟରେ ଥିଲା। ଭାରତ ୨୫ ପ୍ରତିଶତର ଉଚ୍ଚ ଶୁଳ୍କ ସମ୍ମୁଖୀନ ହୋଇଥିଲା। ପରେ, ଆମେରିକା ଭାରତ ଉପରେ ଶୁଳ୍କକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲା, ଏବଂ ଦାବି କରିଥିଲା ଯେ, ଭାରତ ରୁଷିଆରୁ ତେଲ କିଣିବା ପାଇଁ ଏହା ନୂଆଦିଲ୍ଲୀ ଉପରେ ଏକ ଦଣ୍ଡ।

ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଏବଂ ୟୁରୋପିଆନ ୟୁନିଅନ ଦ୍ୱୈତ ମାନଦଣ୍ଡକୁ କହିଛି ଯେ, ଉଭୟ ରୁଷିଆରରୁ ସାମଗ୍ରୀ ଆମଦାନୀ କରୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ ଜଣାଇ ଦେଇଛି, ଭାରତ ଏହାର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବା ଜାରି ରଖିବ।

ଏଲଆଇସିର ଚମତ୍କାର ସ୍କିମ

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

ଭୁବନେଶ୍ୱର,୨୪।୮(ନି.ପ୍ର) : ଆଜିର ମହଙ୍ଗା ଯୁଗରେ ପିଲାଙ୍କ ଶିକ୍ଷା ଖର୍ଚ୍ଚ ଦ୍ରୁତ ଗତିରେ ବଢୁଛି। ଉଚ୍ଚ ଶିକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଅଭିଭାବକମାନେ ଭବିଷ୍ୟତ ସୁରକ୍ଷା ପାଇଁ ବିଭିନ୍ନ ନିବେଶ ବିକଳ୍ପ ଖୋଜୁଛନ୍ତି। ଏହି ପରିପ୍ରେକ୍ଷୀରେ ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆର ଅମୃତବାଲ ଯୋଜନା (ପ୍ଲାନ୍ ନମ୍ବର ୮୭୪) ଏକ ସୁରକ୍ଷିତ ଓ ଗ୍ୟାରେଣ୍ଟିଡ୍ ରିଟର୍ଣ୍ଣ ପ୍ରଦାନକାରୀ ବିକଳ୍ପ ଭାବରେ ଉଭା ହୋଇଛି। କିନ୍ତୁ ଏହା ସହିତ ବଜାରର ଅନ୍ୟ ନିବେଶ ଯୋଜନାଗୁଡ଼ିକ ସହିତ ତୁଳନା କରି ଦେଖିବା ଜରୁରୀ, ଯାହା ଅଧିକ ରିଟର୍ଣ୍ଣ ଦେଇପାରେ କିନ୍ତୁ ଝୁଁକି ମଧ୍ୟ ବଢ଼ାଇଥାଏ। ପାରମ୍ପରିକ ବ୍ୟାଙ୍କ ସଞ୍ଚୟ ଖାତାରେ ରଖାଯାଉଥିବା ଟଙ୍କାରେ କମ୍ ରିଟର୍ଣ୍ଣ ମିଳୁଥିବା ବେଳେ ଅମୃତବାଲ ଯୋଜନା ଗ୍ୟାରେଣ୍ଟିଡ୍ ଆଡିସନ୍ (ଗ୍ୟାରେଣ୍ଟିଡ୍ ଯୋଡ଼) ପ୍ରଦାନ କରି ମହଙ୍ଗାକୁ କିଛି ମାତ୍ରାରେ ସମ୍ଭାଳିପାରେ। ଏହି ଯୋଜନା ଏକ ନନ୍-ଲିଙ୍କଡ୍, ନନ୍-ପାର୍ଟିସିପେଟିଙ୍ଗ୍ ସେଭିଂସ୍ ପ୍ଲାନ୍ ଯାହା ପିଲାଙ୍କ ଭବିଷ୍ୟତ ପାଇଁ ଉଦ୍ଦିଷ୍ଟ। ପ୍ରବେଶ ବୟସ ୩୦ ଦିନରୁ ୧୩ ବର୍ଷ ପର୍ଯ୍ୟନ୍ତ ଏବଂ ମ୍ୟାଚ୍ୟୁରିଟି ବୟସ ୧୮ରୁ ୨୫ ବର୍ଷ ମଧ୍ୟରେ ରହିଛି। ପ୍ରତି ହଜାର ଟଙ୍କା ବେସିକ୍ ସମ୍ ଆସ୍ୟୁରଡ୍ ଉପରେ ବାର୍ଷିକ ୮୦ ଟଙ୍କା ଯୋଡ଼ ହୁଏ, ଯାହା ପଲିସି ଟର୍ମ୍ ସାରା ଜମା ହୋଇ ମ୍ୟାଚ୍ୟୁରିଟିରେ ମିଳିଥାଏ। ପ୍ରିମିୟମ୍ ପେମେଣ୍ଟ୍ ଅପ୍ସନ୍: ସିଙ୍ଗଲ୍ ପ୍ରିମିୟମ୍ କିମ୍ବା ଲିମିଟେଡ୍ ପ୍ରିମିୟମ୍ (୫, ୬ କିମ୍ବା ୭ ବର୍ଷ)। ପଲିସିହୋଲ୍ଡର୍ଙ୍କ ମୃତ୍ୟୁ ହେଲେ ସମ୍ ଆସ୍ୟୁରଡ୍ ସହିତ ଜମା ହୋଇଥିବା ଗ୍ୟାରେଣ୍ଟିଡ୍ ଆଡିସନ୍ ମିଳିଥାଏ, ଯାହା ପରିବାରକୁ ଆର୍ଥିକ ସୁରକ୍ଷା ଦେଇଥାଏ।

ପଲିସି ଟର୍ମ୍ ଶେଷରେ ବେସିକ୍ ସମ୍ ଆସ୍ୟୁରଡ୍ ସହିତ ସମସ୍ତ ଗ୍ୟାରେଣ୍ଟିଡ୍ ଆଡିସନ୍ ଏକକାଳୀନ କିମ୍ବା ଇନଷ୍ଟଲମେଣ୍ଟରେ ମିଳିଥାଏ।

ଇରାନ ମୁଣ୍ଡ ନୁଆଁଇବ ନାହିଁ : ଖାମେନି

ତେହେରାନ,୨୪।୮(ଏଜେନ୍ସି) : ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ପୁଣି ଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ରବିବାର ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ତେହେରାନ କୌଣସି ପରିସ୍ଥିତିରେ ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ।ଯେଉଁମାନେ ଆମେରିକା ସହିତ ସିଧାସଳଖ ଆଲୋଚନାକୁ ସମର୍ଥନ କରନ୍ତି ,ସେମାନେ କେବଳ ଉପରମୁହାଁ ଜିନିଷ ଦେଖୁଛନ୍ତି, ଯେତେବେଳେ କି ପ୍ରକୃତ ପ୍ରସଙ୍ଗ ବହୁତ ଗଭୀର ଏବଂ ତାହାର କୌଣସି ସମାଧାନ ନାହିଁ। ଖମେନିଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆସନ୍ତା ସପ୍ତାହରେ ପରମାଣୁ ଆଲୋଚନା ପୁନଃ ଆରମ୍ଭ କରିବାକୁ ରାଜି ହୋଇଛନ୍ତି। ୟୁରୋପୀୟ ଦେଶମାନେ ଚେତାବନୀ ଦେଇଛନ୍ତି ଯେ ଯଦି ତେହେରାନ ଆଲୋଚନା କରିବାକୁ ମନା କରେ, ତେବେ ପୁରୁଣା ଜାତିସଂଘ କଟକଣା ପୁନର୍ବାର ଲାଗୁ କରାଯିବ। ଇରାନ ବର୍ତ୍ତମାନ ୬୦% ପର୍ଯ୍ୟନ୍ତ ୟୁରାନିୟମ ସମୃଦ୍ଧ କରିଛି, ଯାହା ଅସ୍ତ୍ର-ଗ୍ରେଡ୍ ୯୦% ଠାରୁ ମାତ୍ର ଗୋଟିଏ ପାଦ ତଳେ ଅଛି। ଜୁନ୍ ମାସରେ ୧୨ଦିନିଆ ଇରାନ-ଇସ୍ରାଏଲ ସଂଘର୍ଷ ସମୟରେ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ ପରେ ତେହେରାନ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ସହିତ ସହଯୋଗ ବନ୍ଦ କରିଦେଇଥିଲା। ଏହି କାରଣରୁ ୟୁରୋପୀୟ ଦେଶଗୁଡ଼ିକ ଆଉ ଅପେକ୍ଷା କରିବାକୁ ଚାହୁଁନାହାଁନ୍ତି।

ଭାରତ ବିରୋଧରେ ଏକାଠି ହେଲେ ପାକ୍, ବାଂଲାଦେଶ

ଢାକା,୨୪।୮(ଏଜେନ୍ସି) : ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଦାର ବାଂଲାଦେଶ ଗସ୍ତରେ ଆସିଛନ୍ତି। ଗତବର୍ଷ ଛାତ୍ର ନେତୃତ୍ୱାଧୀନ ଆନ୍ଦୋଳନ ପରେ ଶେଖ ହସିନାଙ୍କୁ ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରୁ ହଟାଇ ଦିଆଯାଇବା ପରେ ପ୍ରଥମ ଥର ପାଇଁ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଦାର୍ ଢାକା ଗସ୍ତ କରିଛନ୍ତି । ସେ ହେଉଛନ୍ତି ୨୦୧୨ ପରେ ବାଂଲାଦେଶ ଗସ୍ତରେ ଯାଇଥିବା ସବୁଠାରୁ ବରିଷ୍ଠ ପାକିସ୍ତାନୀ ନେତା। ଏହି ଅବସରରେ ଦାର୍ ବାଂଲାଦେଶର ବୈଦେଶିକ ମନ୍ତ୍ରାଳୟ ଉପଦେଷ୍ଟା ତୌହିଦ୍ ହୋସେନଙ୍କୁ ସାକ୍ଷାତ କରିଥିଲେ । ପୂର୍ବରୁ ଅସଂପୂର୍ଣ୍ଣ ଥିବା ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗର ସମାଧାନ ଲାଗି ଉଭୟ ନେତା ରାଜି ହୋଇଛନ୍ତି। ଦୁଇ ପକ୍ଷ ମଧ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ହେଉଛି ୧୯୭୧ରେ ପାକିସ୍ତାନ ସେନା ଦ୍ୱାରା ବାଂଲାଦେଶରେ କରାଯାଇଥିବା ଗଣହତ୍ୟା ପାଇଁ ଇସଲାମବାଦ କ୍ଷମାମାଗୁ ବୋଲି ବାଂଲାଦେଶ ଦାବି କରିଆସୁଛି । ତେବେ ଏ ନେଇ ପାକିସ୍ତାନ ଏପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ଦେଇନାହିଁ । ସେହିପରି ପାକିସ୍ତାନରେ ଥିବା ବାଂଲାଦେଶର ସମତ୍ତି ଫେରସ୍ତ ପ୍ରସଙ୍ଗ । ଅନ୍ୟପକ୍ଷରେ ଭାରତ ବିରୋଧୀ କଠୋରପନ୍ଥୀ ସଂଗଠନ ଜମାଏତ-ଏ-ଇସ୍ଲାମୀ ନେତାମାନଙ୍କ ସହ ସେ ଆଲୋଚନା କରିଥିଲେ । ପାକିସ୍ତାନ ଏହାକୁ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛି। ଏହା ପୂର୍ବରୁ ନଭେମ୍ବର ୨୦୧୨ରେ ଢାକା ଗସ୍ତ କରିଥିବା ପାକିସ୍ତାନର ଶେଷ ବୈଦେଶିକ ମନ୍ତ୍ରୀ ଥିଲେ ହିନା ରବାନୀ ଖାର ।

ଭୋଟ ଚୋରି ହେବାକୁ ଦେବୁ ନାହିଁ: ରାହୁଲ

ପାଟନା,୨୪।୮(ଏଜେନ୍ସି) : କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆରଜେଡି ନେତାମାନଙ୍କ ସହିତ ଭୋଟର ଅଧିକାର ଯାତ୍ରାର ନେତୃତ୍ୱ ନେଉଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀ ରେ ରାହୁଲ ଗାନ୍ଧୀ କହିଛନ୍ତି ଯେ, ଆମର ଯାତ୍ରା ସଫଳ ହୋଇଛି ଏବଂ ଲୋକମାନେ ଏଥିରେ ନିଜେ ସ୍ୱତଃପ୍ରବୃତ୍ତ ଭାବେ ଯୋଗ ଦେଉଛନ୍ତି। ସେ କହିଛନ୍ତି, ବିହାରର ଲୋକମାନେ ଭୋଟ ଚୋରି କଥାକୁ ବିଶ୍ୱାସ କରୁଛନ୍ତି ଏବଂ ଏହି ଜାଲିଆତି ହୋଇଛି ବୋଲି ଗ୍ରହଣ କରୁଛନ୍ତି।ରାହୁଲ ଗାନ୍ଧୀ କହିଛନ୍ତି, ନିର୍ବାଚନ କମିସନଙ୍କର କାମ ହେଉଛି ସଠିକ୍ ଭୋଟର ତାଲିକା ପ୍ରଦାନ କରିବା। ସେମାନେ ମହାରାଷ୍ଟ୍ର, ହରିୟାଣା ଏବଂ କର୍ଣ୍ଣାଟକରେ ତାହା କରିନାହାନ୍ତି। ଆମର ଦାବି ହେଉଛି ନିର୍ବାଚନ କମିସନଙ୍କର ଆଚରଣକୁ ପରିବର୍ତ୍ତନ କରିବା। ଆମେ ଏହାକୁ ଛାଡିବୁ ନାହିଁ। ଭୋଟ ଚୋରି ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକରେ ହୋଇଥିଲା, ତେଣୁ ବିହାରରେ ଏହା ହେବାକୁ ଦେବୁ ନାହିଁ। ତେଜସ୍ୱୀ ଯାଦବ କହିଛନ୍ତି ଯେ ନିର୍ବାଚନ କମିସନ ଏବେ ବିଜେପି କର୍ମୀ ପରି କାମ କରୁଛନ୍ତି। ଭୋଟ ଅଧିକାର ଏବଂ ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଆମେ ସମସ୍ତେ ଏହି ଯାତ୍ରା ଆରମ୍ଭ କରିଛୁ। ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ନିର୍ବାଚନ କମିସନଙ୍କ ଉପରେ ବିଶ୍ୱାସ ହରାଉଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ବୁଥରେ ୫୦ରୁ ଅଧିକ ଲୋକଙ୍କ ନାମ ବାଦ ଦିଆଯାଇଛି। ର୍ନିବାଚନ କମିସନ ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ଏହି ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ରାହୁଲ ଅଯଥାରେ ଯାତ୍ରା କରୁଛନ୍ତି: ପ୍ରଶାନ୍ତ କିଶୋର

ନୂଆଦିଲ୍ଲୀ,୨୪।୮(ଏଜେନ୍ସି) : ଇଣ୍ଡିଆ ମେଣ୍ଟ ପକ୍ଷରୁ ଚାଲିଥିବା ଭୋଟର ଅଧିକାର ଯାତ୍ରାକୁ ନେଇ କଡା ଟାର୍ଗେଟ କରିଛନ୍ତି ଜନସ୍ୱରାଜର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର । ସେ କହିଛନ୍ତି ଯେ ବିହାରରେ ଅର୍ଥହୀନ ଯାତ୍ରା କରି କିଛି ହେବ ନାହିଁ। ସେହିପରି ପ୍ରଶାନ୍ତ କିଶୋର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ଆଗାମୀ ବିହାର ଗସ୍ତ ବିଷୟରେ କହିଥିଲେ, ଯଦି ତାମିଲନାଡୁର ମୁଖ୍ୟମନ୍ତ୍ରୀ ବିହାର ଆସୁଛନ୍ତି, ତେବେ ଏହା କ'ଣ ବିହାରର ସ୍ଥିତି ସୁଧାରିବ? ବିହାରକୁ ବିହାର ବିଷୟରେ କଥା ହେବା ଉଚିତ। ତାମିଲନାଡୁର ମୁଖ୍ୟମନ୍ତ୍ରୀ ଆସନ୍ତୁ କି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ, କିଛି ଫରକ ପଡିବ ନାହିଁ।

ସେହି ସମୟରେ, ଇଣ୍ଡିଆ ମେଣ୍ଟର 'ଭୋଟର ଅଧିକାର ଯାତ୍ରା'ରେ ସେ କହିଥିଲେ, ବିହାରରେ କେବଳ ଗୋଟିଏ ଗସ୍ତ ଆବଶ୍ୟକ, 'ବେକାରୀ ଦୂର କରିବା ପାଇଁ ଯାତ୍ରା' କରିବାକୁ ପଡିବ। ଅର୍ଥହୀନ ଯାତ୍ରା କରିବା ଦ୍ୱାରା କୌଣସି ଲାଭ ହେବ ନାହିଁ। କଂଗ୍ରେସ ଲୋକ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିବେ ଏବଂ ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସକୁ ସମାଲୋଚନା କରିବେ। ବିହାରର ଯୁବକମାନେ ଶୁଣିବାକୁ ଚାହାଁନ୍ତି ଯେ ଏଠାରେ କେବେ ନିଯୁକ୍ତି ସୁଯୋଗ ଆସିବ । ପ୍ରଶାନ୍ତ କିଶୋର କହିଛନ୍ତି ଯେ ବିହାରର ପ୍ରକୃତ ସମସ୍ୟା ହେଉଛି ବେକାରୀ, ଦୁର୍ନୀତି ଏବଂ ଭୁଶୁଡ଼ି ପଡ଼ିଥିବା ଶିକ୍ଷା ବ୍ୟବସ୍ଥା, କିନ୍ତୁ ରାହୁଲ ଗାନ୍ଧୀ କିମ୍ବା ପ୍ରଧାନମନ୍ତ୍ରୀ ମୋଦୀ ଏ ବିଷୟରେ କିଛି କହୁନାହାଁନ୍ତି। ପ୍ରଶାନ୍ତ କହିଛନ୍ତି ଯେ ଜନସାଧାରଣଙ୍କୁ ବୋକା ବନାଇ ଦିଆଯାଉଛି, କିନ୍ତୁ ଏଥର ଜନତାଙ୍କୁ ବୋକା ବନାଇ ହେବ ନାହିଁ। ବିହାରର ଲୋକମାନେ ଏବେ ପରିବର୍ତ୍ତନ ଚାହୁଁଛନ୍ତି। ଲୋକମାନେ ସେମାନଙ୍କ ପିଲାମାନଙ୍କ ପାଇଁ ଭଲ ଶିକ୍ଷା ଏବଂ ନିଯୁକ୍ତି ଚାହୁଁଛନ୍ତି ଏବଂ ଏଥିପାଇଁ ଜନସାଧାରଣ ଏକ ନୂତନ ବିକଳ୍ପ ବାଛିଛନ୍ତି ।

ପୁଟିନଙ୍କ ପରେ ଭାରତ ଗସ୍ତରେ ଆସିବେ ଜେଲେନସ୍କି

ନୂଆଦିଲ୍ଲୀ,୨୪।୮(ଏଜେନ୍ସି) : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଏବଂ ରୁଷିଆ ବନ୍ଧୁତ୍ୱକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। କାରଣ ଏଥିରେ ସେ ଖୁସି ନୁହଁନ୍ତି। ରୁଷିଆରୁ ତେଲ କିଣିବା ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଛନ୍ତି। ଭାରତ ଏବଂ ରୁଷିଆ ମଧ୍ୟରେ ବନ୍ଧୁତା ସର୍ବସାଧାରଣରେ ଜଣାଶୁଣା। ୟୁକ୍ରେନ ସହିତ ଭାରତର ସମ୍ପର୍କ ମଧ୍ୟ ସନ୍ତୁଳିତ ସ୍ଥିତିରେ ରହିଛି।

ଏହି ସମୟରେ, ଏପରି ଏକ ଖବର ଆସିଛି, ଯାହା ଆମେରିକାର ଚିନ୍ତାକୁ ବଢ଼ାଇପାରେ ବୋଲି ଚର୍ଚ୍ଚା ହେଉଛି। ଚଳିତ ବର୍ଷ ଶେଷରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ଗସ୍ତରେ ଆସିପାରନ୍ତି। ସେହିପରି ଚଳିତ ବର୍ଷ ୟୁକ୍ରେନର ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ମଧ୍ୟ ଭାରତ ଆସିବାର ସୂଚନା ମିଳିଛି। ଭାରତରେ ଥିବା ୟୁକ୍ରେନର ରାଷ୍ଟ୍ରଦୂତ ଏହା ସୂଚିତ କରିଛନ୍ତି। ଶନିବାର ଭାରତ ଏବଂ ୟୁକ୍ରେନ ସମ୍ପର୍କରେ ଏକ ନୂତନ ଚିତ୍ର ଦେଖିବାକୁ ମିଳିଛି। ୟୁକ୍ରେନର ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଦିଲ୍ଲୀର କୁତୁବ ମୀନାରକୁ ୟୁକ୍ରେନର ଜାତୀୟ ପତାକାରେ ଆଲୋକିତ କରାଯାଇଥିଲା। ଏହି ସମୟରେ ଭାରତରେ ଅବସ୍ଥାପିତ ୟୁକ୍ରେନର ରାଷ୍ଟ୍ରଦୂତ ଓଲେକଜାଣ୍ଡର ପୋଲିଶଚୁକ୍ କହିଛନ୍ତି, ଭାରତ ଏବଂ ୟୁକ୍ରେନ ଭବିଷ୍ୟତ ରଣନୈତିକ ସହଭାଗୀତା ଆଡ଼କୁ ଦ୍ରୁତ ଗତିରେ ଆଗକୁ ବଢୁଛନ୍ତି।ୟୁକ୍ରେନୀୟ ରାଷ୍ଟ୍ରଦୂତ ଓଲେକଜାଣ୍ଡର ପୋଲିଶଚୁକ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କିଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଛନ୍ତି । ଉଭୟ ପକ୍ଷ ବର୍ତ୍ତମାନ ତାରିଖ ଚୂଡ଼ାନ୍ତ କରିବା ପାଇଁ କାମ କରୁଛନ୍ତି। ରାଷ୍ଟ୍ରପତି ଜେଲେନସ୍କିଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପାଇଁ ଏକ ବଡ଼ ସଫଳତା ହେବ।

ଉଲ୍ଲେଖନୀୟ ଯେ, ରୁଷିଆ ରାଷ୍ଟ୍ରପତି ପୁଟିନଙ୍କ ଗସ୍ତ ଏପରି ସମୟରେ ହେଉଛି ଯେତେବେଳେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଉତ୍ତେଜନା ରହିଛି। ଆମେରିକା ରାଷ୍ଟ୍ରପତି ରୁଷିଆରୁ ତେଲ କିଣିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ବୃଦ୍ଧି କରିଛନ୍ତି। ତେବେ ଭାରତ ପୁଟିନ ଏବଂ ଜେଲେନସ୍କିଙ୍କୁ ନିମନ୍ତ୍ରଣ କରି ଶୁଳ୍କ ଯୁଦ୍ଧର ମୁକାବିଲା କରିବା ଲାଗି ଯୋଜନା କରିଥିବା କୁହାଯାଉଛି।

ଟ୍ରମ୍ପଙ୍କୁ ଝଟକା ଦେଲେ ୟୁରୋପର ଦୁଇ ଦେଶ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ଭାରତ ପରେ, ଏବେ ଆମେରିକାକୁ ମଧ୍ୟ ୟୁରୋପରୁ ଏକ ବଡ଼ ଝଟକା ଲାଗିଛି। ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡ ଆମେରିକାର ୫ମ ପିଢ଼ିର ଲଢୁଆ ବିମାନ ଏଫ-୩୫ କିଣିବାକୁ ସ୍ପଷ୍ଟ ଭାବରେ ମନା କରିବା ପରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଆଶା ଧୂଳିସାତ ହୋଇଯାଇଛି । ଉଭୟ ୟୁରୋପୀୟ ଦେଶ ଅନ୍ୟ ବିକଳ୍ପଗୁଡ଼ିକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ପ୍ରତିରକ୍ଷା ରଣନୀତିକୁ ଏକ ନୂତନ ଦିଗ ଦେଇଛନ୍ତି। ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡ ଦ୍ୱାରା ସାମ୍ପ୍ରତିକ ନିଷ୍ପତ୍ତି ୟୁରୋପ ଆମେରିକାର ଏଫ-୩୫ ଲଢୁଆ ବିମାନ କିଣିବାଠାରୁ ନିଜକୁ ଦୂରେଇ ରଖିବାର ପଦକ୍ଷେପକୁ ଆହୁରି ସ୍ପଷ୍ଟ କରିଛି। ଏହି ପଦକ୍ଷେପ କେବଳ ମୂଲ୍ୟ ବିବାଦ ଯୋଗୁଁ ନୁହେଁ, ବରଂ ଆମେରିକାର ସ୍ଥାୟୀ ଏକାଧିକାର ବିଷୟରେ ମଧ୍ୟ ଚିନ୍ତା କରୁଛି, ଯେଉଁଥିରେ ଆମେରିକା ଭବିଷ୍ୟତର ସମସ୍ତ ଅପଗ୍ରେଡ୍, ସଫ୍ଟୱେର୍ ଏବଂ କାର୍ଯ୍ୟକ୍ଷମ ତଥ୍ୟକୁ ନିୟନ୍ତ୍ରଣ କରିବ। ଏହି ପରିସ୍ଥିତି ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ରଣନୈତିକ ବିପଦ ସୃଷ୍ଟି କରେ। ବାସ୍ତବରେ ସ୍ପେନ୍ ପୂର୍ବରୁ ତାର ନୌସେନାର ଜୁଆନ୍ କାର୍ଲୋସ୍ ବିମାନ ବାହକ ପାଇଁ ଏଫ-୩୫ କିଣିବା ଆଶା କରାଯାଉଥିଲା, କିନ୍ତୁ ଏହା ବର୍ତ୍ତମାନ ସେହି ଯୋଜନାକୁ ବାତିଲ କରିଦେଇଛି। ବଦଳରେ, ସ୍ପେନ୍ ୨୫ଟି ନୂତନ ୟୁରୋଫାଇଟର୍ ଟାଇଫୁନ୍ କିଣିବାକୁ ନିଷ୍ପତ୍ତି ନେଇଛି ଏବଂ ଫ୍ୟୁଚର୍ କମ୍ବାଟ୍ ଏୟାର ସିଷ୍ଟମ୍ ଉପରେ ଧ୍ୟାନ ଦେବାକୁ ନିଷ୍ପତ୍ତି ନେଇଛି।

ଅନ୍ୟପକ୍ଷରେ ସ୍ୱିଜରଲ୍ୟାଣ୍ଡ ୨୦୨୨ରେ ୩୬ଟି ଏଫ-୩୫ ବିମାନ କ୍ରୟକୁ ଅନୁମୋଦନ କରିଥିଲା, ଯାହାର ମୂଲ୍ୟ ପ୍ରାୟ ୬ ବିଲିୟନ ସ୍ୱିସ୍ ଫ୍ରାଙ୍କ୍ ଥିଲା। କିନ୍ତୁ ୨୦୨୩ ଶେଷ ସୁଦ୍ଧା, ପରିସ୍ଥିତି ପରିବର୍ତ୍ତନ ହେବା ଆରମ୍ଭ ହେଲା। ଆମେରିକା ପକ୍ଷରୁ ସ୍ୱିଜରଲାଣ୍ଡ ଅଧିକାରୀମାନଙ୍କୁ କୁହାଯାଇଥିଲା ଯେ ଚୁକ୍ତି ସମ୍ପୂର୍ଣ୍ଣ ସ୍ଥିର ହୋଇନାହିଁ ଏବଂ ସାମଗ୍ରୀ ଖର୍ଚ୍ଚ ବୃଦ୍ଧି ପାଇଲେ ମୂଲ୍ୟ ୬୫୦ ନିୟୁତ ଫ୍ରାଙ୍କ୍ କିମ୍ବା ତା'ଠାରୁ ଅଧିକ ବୃଦ୍ଧି ପାଇପାରେ। ୱାଶିଂଟନ୍ ତା'ପରେ ସ୍ୱିସ୍ ରପ୍ତାନି ଉପରେ ନୂତନ ଶୁଳ୍କ ଲାଗୁ କରିଥିଲା। ଆଉ ଏହାକୁ ନେଇ ଏବେ ସ୍ୱିଜରଲାଣ୍ଡ ମଧ୍ୟ ଏହି ବିମାନ କିଣିବାକୁ ମନା କରିଦେଇଛି ।

ଅନିଲ ଓ ରିଲାଏନ୍ସକୁ ଫ୍ରଡ ଘୋଷଣା କଲା ବିଓଆଇ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି) : ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ଦେବାଳିଆ ରିଲାଏନ୍ସ କମ୍ୟୁନିକେସନ୍ସର ଋଣ ଆକାଉଣ୍ଟକୁ ଫ୍ରଡ ବୋଲି ଘୋଷଣା କରିଛି। ଏହି ମାମଲାରେ କମ୍ପାନୀର ପୂର୍ବତନ ନିର୍ଦ୍ଦେଶକ ଅନିଲ ଅମ୍ବାନୀଙ୍କ ନାମ ମଧ୍ୟ ରଖିଛି। ଷ୍ଟକ୍ ମାର୍କେଟକୁ ଦିଆଯାଇଥିବା ସୂଚନାରେ, ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ୨୦୧୬ରେ ପାଣ୍ଠି ହେରଫେରର ଅଭିଯୋଗ ଉଦ୍ଧୃତ କରିଛି। ବିଓଆଇ ଅଗଷ୍ଟ ୨୦୧୬ରେ ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ)କୁ ଏହାର ଚଳିତ ପୁଞ୍ଜି ଖର୍ଚ୍ଚ ଏବଂ ପରିଚାଳନାଗତ ଖର୍ଚ୍ଚ ପାଇଁ ୭୦୦ କୋଟି ଟଙ୍କାର ଋଣ ଦେଇଥିଲା। ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ଏକ ଫାଇଲିଂରେ ଆରକମ କହିଛି, ଅଗଷ୍ଟ ୨୨ ତାରିଖରେ କମ୍ପାନିକୁ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଏକ ଚିଠି ମିଳିଥିଲା। ଯେଉଁଥିରେ କମ୍ପାନି ଅନିଲ ଅମ୍ବାନୀ (ପୂର୍ବ ନିର୍ଦ୍ଦେଶକ) ଏବଂ ମଞ୍ଜରୀ ଅଶୋକ କକ୍କର (ପୂର୍ବ ନିର୍ଦ୍ଦେଶକ)ଙ୍କ ଆକାଉଣ୍ଟକୁ 'ଫ୍ରଡ୍' ଘୋଷଣା କରାଯାଥିବା ସୂଚନା ରହିଥିଲା।ପୂର୍ବରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ମଧ୍ୟ ଚଳିତ ବର୍ଷ ଜୁନ୍ ମାସରେ ସମାନ କାର୍ଯ୍ୟ କରିଥିଲା। ଋଣ ସର୍ତ୍ତାବଳୀ ଉଲ୍ଲଂଘନ କରି ବ୍ୟାଙ୍କ ପାଣ୍ଠିର ଅପବ୍ୟବହାର ଅଭିଯୋଗ କରିଥିଲାଛ ଏସବିଆଇ ଅଭିଯୋଗ କ୍ରମେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ରିଲାଏନ୍ସ କମ୍ୟୁନିକେସନ୍ସ ଏବଂ ଅମ୍ବାନୀଙ୍କ ବାସଭବନ ସହିତ ଜଡିତ ପରିସରରେ ଯାଞ୍ଚ କରିଥିଲା।

ୟେମେନ ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍

ନୂଆଦିଲ୍ଲୀ,୨୪।୮(ଏଜେନ୍ସି) : ୟେମେନର ରାଜଧାନୀ ସାନା ସ୍ଥିତ ଶକ୍ତି କେନ୍ଦ୍ର ଉପରେ ବିମାନ ଆକ୍ରମଣ କରିଛି ଇସ୍ରାଏଲ। ଇସ୍ରାଏଲୀ ସେନା ଏକ ବିଦ୍ୟୁତ ପ୍ଲାଣ୍ଟ ଏବଂ ଏକ ପେଟ୍ରୋଲ୍ ଷ୍ଟେସନକୁ ଟାର୍ଗେଟ କରିଛି। ଏହି ଅଞ୍ଚଳ ହୁଥି ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଅଛି। ଇସ୍ରାଏଲ ଆଡ଼କୁ କ୍ଲଷ୍ଟର ବୋମା ମାଡ଼ କରାଯିବାର କିଛି ଦିନ ପରେ ଆଇଡିଏଫ ୟେମେନ ରାଜଧାନୀକୁ ଟାର୍ଗେଟ କରିଛି। ଆଇଡିଏଫ କହିଛି ଯେ ଏହା ୟେମେନ ଦ୍ୱାରା ସମ୍ପ୍ରତି ଇସ୍ରାଏଲ ଉପରେ କରାଯାଇଥିବା ଆକ୍ରମଣର ଜବାବ। ଇସ୍ରାଏଲୀ ସେନା ଅନୁଯାୟୀ, ଟାର୍ଗେଟ କରାଯାଇଥିବା ଲକ୍ଷ୍ୟସ୍ଥଳଗୁଡ଼ିକରେ ଏକ ସାମରିକ ଗଠନ ମଧ୍ୟ ଅନ୍ତର୍ଭୁକ୍ତ, ଯେଉଁଥିରେ ରାଷ୍ଟ୍ରପତି ଭବନ ଅବସ୍ଥିତ। ଆଇଡିଏଫ ଅନୁଯାୟୀ, ଏହି ସମସ୍ତ ସ୍ଥାନ ହୁଥି ବିଦ୍ରୋହୀମାନେ ସେମାନଙ୍କର ସାମରିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିଲେ।ଇସ୍ରାଏଲୀ ସେନା କହିଛି ଯେ ହୁଥି ବିଦ୍ରୋହୀମାନେ ଇସ୍ରାଏଲ ଏବଂ ଏହାର ସହଯୋଗୀମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଇରାନ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି।

ଯୁବ ବ୍ୟାପାର
ଏବଂ କ୍ରୀଡା ମନ୍ତ୍ରଣାଳୟ
ପ୍ରଦାନ କରୁଛନ୍ତି
ରାଷ୍ଟ୍ରୀୟ
ଯୁବ ପୁରସ୍କାର
୨୦୨୪

ପୁରସ୍କାର ଉଦ୍ଦେଶ୍ୟ
- ଯୁବ ବର୍ଗଙ୍କୁ (ବୟସ ୧୫-୨୯ବର୍ଷ ମଧ୍ୟରେ) ରାଷ୍ଟ୍ରୀୟ ବିକାଶ କିମ୍ବା ସମାଜ ସେବା ଉଦ୍ଦେଶ୍ୟରେ ପ୍ରୋତ୍ସାହନ ଦେବା
- ଏକ ସୁନାଗରିକ ଭାବେ ସମାଜ ପ୍ରତି ଦାୟିତ୍ୱବୋଧ ବିକାଶ କରିବା
- ସ୍ୱେଚ୍ଛାସେବୀ ସଂଗଠନ ଯୁବକମାନଙ୍କ ସହିତ ମିଶି ସମ୍ପାଦନ କରିଥିବା ଉତ୍କୃଷ୍ଟ କାର୍ଯ୍ୟକଳାପଗୁଡ଼ିକୁ ସ୍ୱୀକୃତି ଦେବା

ପୁରସ୍କାର ବିବରଣୀ
- ଯେଉଁ ଯୁବକମାନେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ଏବଂ ସମାଜସେବାରେ ଦୃଷ୍ଟାନ୍ତମୂଳକ ଉତ୍କୃଷ୍ଟ କାର୍ଯ୍ୟ ଯଥା ସ୍ୱାସ୍ଥ୍ୟ, ଗବେଷଣା ଓ ନୂତନ ଜ୍ଞାନକୌଶଳ, ସଂସ୍କୃତି, ମାନବ ଅଧିକାର ପ୍ରସାର ଓ ପ୍ରଚାର, କଳା ଓ ସାହିତ୍ୟ, ପର୍ଯ୍ୟଟନ ପାରମ୍ପରିକ ଔଷଧ, ସୁନାଗରିକ ଗଠନ, ସମାଜ ସେବା, କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଶିକ୍ଷା ପ୍ରତି ଅଦମ୍ୟ ଆଗ୍ରହ ।
- ପୁରସ୍କାର ସଂଖ୍ୟା- ୨୫
- ବ୍ୟକ୍ତିଗତ ବର୍ଗ ନିମନ୍ତେ ୨୦ଟି ପୁରସ୍କାର
- ଯୁବ ସଂଗଠନ କ୍ଷେତ୍ରରେ ୫ଟି ପୁରସ୍କାର
- ବ୍ୟକ୍ତିଗତ ପୁରସ୍କାର -ପଦକ, ପ୍ରମାଣପତ୍ର ଏବଂ ନଗଦ ଟ. ୧,୦୦,୦୦୦/-
- ସ୍ୱେଚ୍ଛାସେବୀ ଯୁବ ସଂଗଠନ -ପଦକ, ପ୍ରମାଣପତ୍ର ଏବଂ ନଗଦ ଟ. ୩,୦୦,୦୦୦/

ଆବେଦନ କରିବା ଅନ୍ତିମ ତାରିଖ ୩୧ ଅଗଷ୍ଟ, ୨୦୨୫
ୱେବସାଇଟ : https://awards.gov.in
ରାଷ୍ଟ୍ରୀୟ ଯୁବ ପୁରସ୍କାର -୨୦୨୪ ପାଇଁ ଯୋଗ୍ୟତା, ଆବେଦନ ଫର୍ମ ଏବଂ ଆବେଦନ ଦାଖଲ ନିମନ୍ତେ ଦେଖନ୍ତୁ
cbc 47107/11/0007/2526

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida